RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-207 ◆THURSDAY ◆22 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୦୭ ◆ଗୁରୁବାର ◆୨୨ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ଅର୍ଦ୍ଧଶତକରେ ବିଶ୍ୱ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...

# ଭୂସ୍ୱର୍ଗରେ ବି ବାୟୁ ଦୂଷିତ

■ ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ଭାରତର ଭୂସ୍ୱର୍ଗ କୁହାଯାଉଥିବା ଜମ୍ମୁ-କଶ୍ମୀର ଅବସ୍ଥା ମଧ୍ୟ ଖରାପ। ଏଠାରେ ବାୟୁ ପ୍ରଦୂଷଣ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ରାଜଧାନୀ ଶ୍ରୀନଗରରେ ଗତ ସାତ ବର୍ଷରେ ଏଭଳି ସ୍ଥିତି କେବେ ଦେଖିବାକୁ ମିଳିନଥିଲା। ଆଜି ସହରର ବାୟୁ ମାନ ଇଣ୍ଡେକ୍ସ (ଏକ୍ୟୁଆଇ) ୩୦୮ ରେକର୍ଡ କରାଯାଇଛି। ଏୟାର ମନିଟରିଂ ଡାଟା ଅନୁସାରେ ଜାନୁଆରୀ ସହରର ଏକ୍ୟୁଆଇ ବହୁତ ଖରାପ ରହିଛି। ଶ୍ରୀନଗରରେ ବର୍ତ୍ତମାନ ହାରାହାରି ପିଏମ୨.୫ ସାନ୍ଦ୍ରତା ପ୍ରତି ଘନ ମିଟରରେ ୧୧୫ ମାଇକ୍ରୋଗ୍ରାମ ରହିଛି ଓ ଏହା ଡବ୍ଲ୍ୟୁଏଚ୍‌ଓ ସୀମାଠାରୁ ଯଥେଷ୍ଟ ଅଧିକ। ଏହି ସ୍ତର ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି ଓ ଏହା ଦିନକୁ ୪ଟି ସିଗାରେଟ ପିଇବା ସହ ସମାନ। ୨୦୧୯ ପରେ ୨୦୨୬ ଶ୍ରୀନଗର ସବୁଠାରୁ ପ୍ରଦୂଷିତ ବର୍ଷ ସାବ୍ୟସ୍ତ ହୋଇଛି ଓ ଏହାର ହାରାହାରି ଏକ୍ୟୁଆଇ ୧୫୯ ରହିଛି। ତେବେ ୨୦୨୩ ଗତ ୭ ବର୍ଷ ମଧ୍ୟରେ ସବୁଠାରୁ ସ୍ୱଚ୍ଛ ବାୟୁ ରେକର୍ଡ କରିଛି ଓ ଏହାର ହାରାହାରି ଏକ୍ୟୁଆଇ ଥିଲା ୪୯।

ଏକ୍ୟୁଆଇ ତଥ୍ୟ ଅନୁଯାୟୀ, ଶ୍ରୀନଗରରେ ପ୍ରତ୍ୟେକ ସନ୍ଧ୍ୟାରେ ହିଁ ପ୍ରଦୂଷଣ ଦ୍ରୁତଗତିରେ ବୃଦ୍ଧି ପାଇଥାଏ। ସକାଳେ ବାୟୁ ସଫା ରହିଥାଏ। ସନ୍ଧ୍ୟାରେ ହାରାହାରି ଏକ୍ୟୁଆଇ ୨୨୮ରେ ପହଞ୍ଚିଥାଏ। ଗତ ୭ ଦିନଧରି ଏକ୍ୟୁଆଇ ୧୦୦ ଉପରେ ରହିଛି। ଜାନୁଆରୀ ୧୬ରେ ଶ୍ରୀନଗରର ଏକ୍ୟୁଆଇ ସବୁଠାରୁ ଖରାପ ୪୧୫ ରେକର୍ଡ କରାଯାଇଥିଲା। ଏହା ପରିବେଶବିତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସେପଟେ ଦେଶର ରାଜଧାନୀ ଦିଲ୍ଲୀରେ ପୁଣି ଥରେ ପ୍ରଦୂଷଣ ପୁଣି ବଢ଼ିବାରେ ଲାଗିଛି। କିଛି ଦିନର ବିରାମ ପରେ ଆଜି ରାଜଧାନୀରେ ବାୟୁ ମାନ ଅତ୍ୟନ୍ତ ଖରାପ ବର୍ଗରେ ରହିଥିଲା। ସହରର ଏକ୍ୟୁଆଇ ୩୩୯ ରେକର୍ଡ କରାଯାଇଛି। କିନ୍ତୁ ଜାହାଙ୍ଗୀରପୁରରେ ଏକ୍ୟୁଆଇ ୩୯୦ ରେକର୍ଡ କରାଯାଉଛି।

## ଶ୍ରୀନଗର ପ୍ରଦୂଷଣ ୭ ବର୍ଷରେ ସବୁଠୁ ଖରାପ

### ଦିଲ୍ଲୀରେ ପୁଣି ବଢ଼ିଲା ଏକ୍ୟୁଆଇ



## ୨୮ରୁ ସଂସଦର ବଜେଟ ଅଧିବେଶନ

# ହକ୍ ଅପେକ୍ଷାରେ ଓଡ଼ିଶା

■ ଭୁବନେଶ୍ୱର, ୨୧।୧ (ସମିସ): କ୍ରମାଗତ ଭାବରେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଛି ଓଡ଼ିଶା। ରାଜ୍ୟ ସ୍ୱାର୍ଥ ସମ୍ବଳିତ ଦାବିକୁ କେନ୍ଦ୍ର ସରକାର ବିଭିନ୍ନ ବାହାନା ଦେଖାଇ ଏଡ଼ାଇ ଯାଉଛନ୍ତି କିମ୍ବା ନିରବ ରହୁଛନ୍ତି। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ଭାଗିଦାରୀ ରହିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ତାଙ୍କର ଭୂମିକା ନିର୍ବାହ କରୁଥିବାବେଳେ କେନ୍ଦ୍ର ସରକାର ଏ ଦିଗରେ ଯେପରି ତତ୍ପରତା ପ୍ରଦର୍ଶନ କରିବା କଥା ତାହା ଦେଖାଉ ନାହାନ୍ତି। ରାଜ୍ୟଗୁଡ଼ିକର ଆବଶ୍ୟକତା ଅନୁସାରେ କେନ୍ଦ୍ର ସରକାର ସହଯୋଗ କରିବାର ଆବଶ୍ୟକତା ରହିଛି ଏବଂ ଠିକ୍ ସମୟରେ ଓ ସଠିକ୍ ଅନୁପାତରେ କେନ୍ଦ୍ରୀୟ ଅନୁଦାନ ପାଇବା ରାଜ୍ୟଗୁଡ଼ିକର ହକ୍ ରହିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଏହି ପ୍ରସଙ୍ଗ ଉଲ୍ଲେଖ କରିଥିଲେ ବି କେନ୍ଦ୍ର ସରକାର ସେତେବେଳେ ଶୁଣିଲେ ନାହିଁ, ଏବେ ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାର ସମୟରେ ବି ଓଡ଼ିଶା ଅବହେଳିତ ହୋଇ ରହିଛି। ରାଜ୍ୟରେ ରେଳ ସାନ୍ଦ୍ରତା ବୃଦ୍ଧି, କୋଇଲା ରାଜଭାଗ ବୃଦ୍ଧି, ଉଷୁନା ଚାଉଳ ଉଠାଇବା, ଠିକ୍ ସମୟରେ ସାର ଯୋଗାଇବା, ସ୍ୱତନ୍ତ୍ର ଫୋକସ ରାଜ୍ୟ ମାନ୍ୟତା ସହ ରାଜ୍ୟକୁ ଅଧିକ ଅନୁଦାନ ପ୍ରଦାନ କରିବା, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିମନ୍ତେ ସହଯୋଗ କରିବା, ଜଳସେଚନ କ୍ଷେତ୍ରକୁ ଉପଯୁକ୍ତ ସହାୟତା ଦେବା ଆଦି ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାର ନକରାତ୍ମକ ମନୋଭାବ ପୋଷଣ କରୁଛନ୍ତି। ଏପରିକି ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଉଦାର ମନୋଭାବ ପୋଷଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ନିରବ ରହୁଛନ୍ତି। ଓଡ଼ିଶାକୁ କ୍ରମାଗତ ଉପେକ୍ଷା ରାଜ୍ୟବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ପରିସ୍ଥିତିରେ ଆସନ୍ତା ୨୮ ତାରିଖରୁ କେନ୍ଦ୍ର ବଜେଟ୍ ଅଧିବେଶନ ଉପରେ ଓଡ଼ିଶାବାସୀଙ୍କ ଧ୍ୟାନ କେନ୍ଦ୍ରୀତ ହୋଇଛି।

ସାରା ରାଜ୍ୟରେ ବର୍ତ୍ତମାନ ଖରିଫ ଧାନ ସଂଗ୍ରହ ଜାରି ରହିଛି। ମାତ୍ର ଯାବତୀୟ ସମସ୍ୟା ଓ ଅନିୟମିତତା ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଥିପାଇଁ ବିରୋଧୀ ରାଜ୍ୟ ସରକାରଙ୍କୁ ଦାୟୀ କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ନିଜର ଅଂଶ ପ୍ରଦାନରେ କାଳକ୍ଷେପଣ ନୀତି ଅବଲମ୍ବନ କରିବା ଯୋଗୁଁ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ସେହିପରି ବାରମ୍ବାର ଦାବି ସତ୍ତ୍ୱେ ▶ପୃଷ୍ଠା-୭



### ମିଳୁନି ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଅନୁଦାନ
### ଅଟକି ରହିଛି ଓଡ଼ିଶା ସାମୁଦ୍ରିକ ବୋର୍ଡ ଆଇନ
### ପଡ଼ି ରହିଛି କୋଇଲା ରାଜଭାଗ ସଂଶୋଧନ ଦାବି
### ଦାବି ସତ୍ତ୍ୱେ ରାଜ୍ୟକୁ ମିଳୁନାହିଁ ଆବଶ୍ୟକ 'ଆବାସ'

## ଦଳୀୟ ନେତା ଓ କର୍ମୀଙ୍କୁ ନବୀନଙ୍କ ସ୍ପଷ୍ଟ ବାର୍ତ୍ତା

# ଲୋକଙ୍କ ସ୍ୱାର୍ଥ ବିରୋଧରେ କାମ କଲେ କଠୋର କାର୍ଯ୍ୟାନୁଷ୍ଠାନ

■ ଭୁବନେଶ୍ୱର, ୨୧।୧ (ସମିସ): ବିଜେଡିରେ ଶୃଙ୍ଖଳା, ଅନୁଶାସନ ଓ ଦଳୀୟ ଆନୁଗତ୍ୟ ସର୍ବପ୍ରଥମ। ଏହାକୁ ଆୟୁଧ କରି ବିଜେଡି କ୍ରମାଗତ ୨୪ ବର୍ଷ ଓଡ଼ିଶାବାସୀଙ୍କ ସେବା କରିଛି। ଦେଶର ଅନ୍ୟତମ ଶ୍ରେଷ୍ଠ ଆଞ୍ଚଳିକ ଦଳ ଭାବରେ ଉଦାହରଣ ସୃଷ୍ଟି କରିଛି। ଯେତେ କ୍ଷମତାଶାଳୀ ହେଲେ ବି ବିଶୃଙ୍ଖଳ ଷଡ଼ଯନ୍ତ୍ରକାରୀ ଓ ଜନବିରୋଧୀ ନେତାଙ୍କ ସହ ବିଜେଡି କେବେ ସାଲିସ କରିନାହିଁ, ଭବିଷ୍ୟତରେ ବି ସାଲିସର ସମ୍ଭାବନା ନାହିଁ। ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କର ସେହି ନୀତି ଓ ଆଭିମୁଖ୍ୟରେ ଅଟଳ ରହିଛନ୍ତି। ଯେତେ ପ୍ରଭାବଶାଳୀ ହେଲେ ବି ଦଳୀୟ ଶୃଙ୍ଖଳା ଭଙ୍ଗକାରୀ ଓ ଲୋକଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବା ନେତା ଓ କର୍ମୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରାର ବିଜେଡି ନେତା ଓ କର୍ମୀମାନେ ନବୀନ ନିବାସରେ ଆଜି ତାଙ୍କୁ ଭେଟିବା ଅବସରରେ ପୁଣିଥରେ ଏହାକୁ ସ୍ପଷ୍ଟ ଭାଷାରେ ଦୋହରାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦୁର୍ନୀତିଲିପ୍ତ, ବିଶ୍ୱାସଘାତକଙ୍କର ସ୍ଥାନ ବିଜେଡିରେ ନାହିଁ ବୋଲି ନବୀନ ସଫାସଫା ଶୁଣାଇ ଦେଇଛନ୍ତି।

ବୁଧବାର ସନ୍ଧ୍ୟାରେ ପାଟକୁରାର ଦଳୀୟ କର୍ମୀଙ୍କୁ ନବୀନ କହିଛନ୍ତି ଯେ ବିଜେଡି ସବୁବେଳେ ଲୋକଙ୍କ ସେବାରେ ବିଶ୍ୱାସ କରେ। ଲୋକଙ୍କ ସ୍ୱାର୍ଥ ବିରୋଧରେ ତଥା ଦଳ ବିରୋଧରେ କାମ କରୁଥିବା ବ୍ୟକ୍ତି ଯେତେ ଶକ୍ତିଶାଳୀ ହେଲେବି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ। ଏହି ଅବସରରେ କାହାରି ନାମ ଉଲ୍ଲେଖ କରି ନ ଥିଲେ ହେଁ ସେ ପାଟକୁରା ବିଧାୟକଙ୍କ ନିଲମ୍ବନ ସମ୍ପର୍କରେ ଦଳୀୟ କର୍ମୀଙ୍କୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପାଟକୁରାରେ ଜନସାଧାରଣଙ୍କ କାର୍ଯ୍ୟ କରିବା ପାଇଁ ବିଶ୍ୱାସ କରି ମୁଁ ଜଣକୁ ସୁଯୋଗ ଦେଇଥିଲି; କିନ୍ତୁ ତାଙ୍କ ପାଇଁ ପାଟକୁରାବାସୀ ହଇରାଣ ହରକତ ହେଉଛନ୍ତି ବୋଲି ଜାଣିବାକୁ ପାଇଲି। ଦଳରେ କର୍ମୀମାନଙ୍କୁ ହଇରାଣ କରିବା ଲୋକଙ୍କର ସ୍ଥାନ ନାହିଁ ବୋଲି ନବୀନ ସ୍ପଷ୍ଟ ଭାଷାରେ ▶ପୃଷ୍ଠା-୭



# ରାଜଧାନୀରେ 'ଥାର୍' ଆତଙ୍କ

## ପିତାପଲ୍ଲୀରେ ଟ୍ରେଲର୍ ସହ ଧକ୍କା; ୩ ମୃତ

■ ଭୁବନେଶ୍ୱର, ୨୧।୧ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ପିତାପଲ୍ଲୀ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଖବର ନେବାରୁ ଜଣାପଡ଼ିଛି ଯେ, ବୁଧବାର ବିଳମ୍ବିତ ରାତିରେ ଏକ ଥାର୍‌ରେ ୪ ଜଣ ଯୁବକ ଯାଜପୁରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ରାସ୍ତା ମଝିରେ ଭାରସାମ୍ୟ ହରାଇ ଏକ ଟ୍ରେଲରକୁ ପଛରୁ ପିଟି ଦେଇଥିଲା। ଦୁର୍ଘଟଣା ଏତେମାତ୍ରାରେ ହୋଇଥିଲା ଯେ, ଥର୍ ଗାଡ଼ିଟି ସମ୍ପୂର୍ଣ୍ଣ ଚୁର୍‌ମାର୍ ହୋଇଯାଇଛି। ଗାଡ଼ିରେ ବସିଥିବା ୪ ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ମୃତାହତଙ୍କୁ ଉଦ୍ଧାର କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତଙ୍କୁ ପୁଲିସ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାନବାହନଗୁଡ଼ିକ ଅଟକି ରହିବା ସହ ଜାମ୍ ହୋଇଯାଇଥିଲା। ପ୍ରକାଶ ଥାଉ କି ମଙ୍ଗଳବାର ରାତିରେ କ୍ୟାପିଟାଲ୍ ହସ୍ପିଟାଲ୍ ଛକରେ ଅନ୍ୟଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଥାର୍ ଧକ୍କାରେ ବୁଲେଟ୍ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ରାଜା ପେଦିନି। ରାଜାଙ୍କ ବୟସ ▶ପୃଷ୍ଠା-୭



### ୨ ଦିନରେ ଗଲା ୪ ଜୀବନ

# ୨୮ ନୂଆ ଏନ୍‌ଏସି ନିର୍ବାଚନ ଜୁନ୍‌ରେ !


■ ଭୁବନେଶ୍ୱର, ୨୧।୧ (ସମିସ): ରାଜ୍ୟରେ ନୂଆ ୨୮ଟି ଏନଏସି ଗଠନ ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏହି ଏନଏସି ଗୁଡ଼ିକର ସୀମା ନିର୍ଦ୍ଧାରଣ ସହ ଭୋଟର ତାଲିକା ଚୂଡ଼ାନ୍ତ ହୋଇନାହିଁ। ଏହି ସମୟରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସାରିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମନ୍ତବ୍ୟ ଜୁନ୍ ମାସରେ ହେବାର ସମ୍ଭାବନା ଥିବା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ବ୍ୟବସ୍ଥା ଅନୁସାରେ କୌଣସି ଏନଏସି ଗଠନ ନେଇ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପରେ ଏହାର ୬ ମାସରେ ନିର୍ବାଚନ ହେବା ନେଇ ନିୟମ ରହିଛି। ସେହିପରି ମାର୍ଚ୍ଚ ସୁଦ୍ଧା ସବୁ ନୂଆ ଏନଏସିର ସୀମା ନିର୍ଦ୍ଧାରଣ ସାରିବାକୁ ସରକାରଙ୍କୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ଆସନ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସ୍ତୁତ ହେବ ଓ ଉକ୍ତ ଏନଏସି ଗୁଡ଼ିକରେ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହେବ। ତେବେ ରାଜ୍ୟ ସରକାର ଯାଏଁ ନବ ଗଠିତ ୨୮ ଏନଏସିରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ତେଣୁ ୩ ମାସରେ ଭିତରେ ପ୍ରକ୍ରିୟା ସାରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ନିର୍ବାଚନ କମିଶନ ଅବଗତ କରିଛନ୍ତି। ମାର୍ଚ୍ଚ ସୁଦ୍ଧା ▶ପୃଷ୍ଠା-୭

### ମାର୍ଚ୍ଚ ଶେଷ ସୁଦ୍ଧା ସରିବ ସୀମା ନିର୍ଦ୍ଧାରଣ

# ନୋବେଲ ପାଗଳ ଟ୍ରମ୍ପ

■ ୱାସିଂଟନ, ୨୧।୧ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଗଳାମୀ ଯାଉନାହିଁ। ଯେତେବେଳେ ସୁଯୋଗ ମିଳୁଛି, ସେ ଏହି ପୁରସ୍କାର ପାଇ ନଥିବାରୁ ନିଜର କ୍ଷୋଭ ପ୍ରକାଶ କରିବାକୁ ପଛାଉ ନାହାନ୍ତି। ନୋବେଲ ମିଳିନଥିବାରୁ ସାରା ବିଶ୍ୱକୁ ଥରହର କରି ରଖିଥିବା ଟ୍ରମ୍ପ ପୁଣି ଥରେ କହିଛନ୍ତି ଯେ ସେ ହିଁ ନୋବେଲ ପୁରସ୍କାର ପାଇବାର ହକ୍‌ଦାର। ଡାଭୋସ ଯିବା ପୂର୍ବରୁ ସେ ଆଜି ସାମ୍ବାଦିକମାନଙ୍କୁ କହିଛନ୍ତି, 'ଏପର୍ଯ୍ୟନ୍ତ ୮ଟି ଯୁଦ୍ଧକୁ ବନ୍ଦ କରିଛି ଓ ପ୍ରତ୍ୟେକଟି ପାଇଁ ମୋତେ ପୃଥକ ଭାବେ ନୋବେଲ ପୁରସ୍କାର ମିଳିବା ଉଚିତ। ଏହା ମୁଁ ନିଜେ କହିବାକୁ ଚାହୁଁନାହିଁ, କିନ୍ତୁ ଏହା ସତ୍ୟ। ଯଦି କେହି କୁହେ ଯେ, ମୋତେ ନୋବେଲ ପାଇବାରୁ ବଞ୍ଚିତ କରିବାରେ ନରୱେ ସରକାର କୌଣସି ଭୂମିକା ଗ୍ରହଣ କରିନାହିଁ, ▶ପୃଷ୍ଠା-୭



'୮ଟି ଯୁଦ୍ଧ ବନ୍ଦ କରିଛି, ପ୍ରତ୍ୟେକଟି ପାଇଁ ନୋବେଲ ପାଇବାକୁ ଯୋଗ୍ୟ'


SIKSHA 'O' ANUSANDHAN
SAAT-2026
Empowering students for a brighter future
HOTEL MANAGEMENT PROGRAMMES
■ BHMCT (Bachelor of Hotel Management and Catering Technology)
■ MBA (Hospitality Management)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 25th Best in Overall Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in


## ପରିବହନ ବିଭାଗର 'ଅନ୍ଧ ନୀତି'

# କଳାତାଲିକାଭୁକ୍ତ ସଂସ୍ଥାକୁ ଠିକା ଦେବାକୁ ଜିଦ୍

■ ଭୁବନେଶ୍ୱର, ୨୧।୧ (ସମିସ): ଯାତ୍ରୀବାହୀ ଗାଡ଼ିଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ 'ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍' (ଭିଏଲ୍‌ଟିଡି) ବ୍ୟବସ୍ଥା ଆପଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଓଡ଼ିଶାରେ ଏପର୍ଯ୍ୟନ୍ତ ପ୍ରାୟ ୫୨ ହଜାର ଗାଡ଼ିରେ ଏହି ବ୍ୟବସ୍ଥା ଲାଗିସାରିଥିବା ବେଳେ ଆହୁରି ୨ ଲକ୍ଷରୁ ଅଧିକ ଗାଡ଼ିରେ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କାମ ପାଇଁ ରାଜ୍ୟ ସରକାର 'ସି-ଡିଏସି' ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସଂସ୍ଥା ସହ ଆସନ୍ତା ୨୮ ତାରିଖରେ ରାଜ୍ୟ ସରକାର ଚୁକ୍ତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବିଭିନ୍ନ ସମୟରେ ବିବାଦୀୟ ରହିଥିବା ଏହି ସଂସ୍ଥା ସହ ଚୁକ୍ତି ପାଇଁ କାହିଁକି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଆଗ୍ରହ ଦେଖାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଓଡ଼ିଶା ଭେଇକିଲ୍ ଡିଲର ଆସୋସିଏସନ୍ (ଓଭିଡିଏ) ଏ ସଂକ୍ରାନ୍ତରେ ଆପତ୍ତି ଉଠାଇବା ସହ ଏସ୍‌ଟିଏ କମିଶନରଙ୍କୁ ଚିଠି ଲେଖି 'ସି-ଡିଏସି' ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଛି। ନିଜ ଚିଠିରେ ସଂଘ ପୂରା କଳା ଚିଠା ଖୋଲିଥିବା ବେଳେ ଏହି ବୁଝାମଣା ପଛରେ ବଡ଼ କାରବାର ଅଛି ବୋଲି ଅଭିଯୋଗ କରିଛି। ଅଭିଯୋଗ ଅନୁସାରେ ପୂର୍ବରୁ ଓଡ଼ିଶାରେ ଭିଏଲ୍‌ଟିଡ଼ି କାର୍ଯ୍ୟ ଭାରତୀୟ ସଂଚାର ନିଗମ (ବିଏସ୍‌ଏନ୍‌ଏଲ୍) କରୁଥିଲା। ଅବଧି ଶେଷ ପରେ ବିଏସ୍‌ଏନ୍‌ଏଲ୍ ମଧ୍ୟ କାମକୁ ଆଗକୁ ବଢ଼ାଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲା। ହେଲେ ▶ପୃଷ୍ଠା-୭



### ବିନା ଟେଣ୍ଡରରେ ୧୪ କୋଟିର ଚୁକ୍ତି ପାଇଁ ଏସ୍‌ଟିଏର ମସୁଧା
### ଭିଏଲ୍‌ଟିଡି ପରିଚାଳନା ପାଇଁ ଗଳାବାଟ ଆପଣାଇଛି 'ସି-ଡିଏସି'
### ଏସ୍‌ଟିଏକୁ ଚିଠି ଲେଖି କଳା କାରନାମା ଦର୍ଶାଇଲା 'ଓଭିଡିଏ'
### ୨୮ରେ ଚୁକ୍ତିନାମା, ହାଇକୋର୍ଟରେ ମାମଲା ପାଇଁ ଚେତାବନୀ


# ରୋହିତ୍-ଜନ୍‌ଙ୍କ ଥ୍ରିଲର ଫିଲ୍ମ ଆସୁଛି



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ତାଙ୍କ ଆକ୍ସନ୍ ଓ କମେଡି ଫିଲ୍ମଗୁଡ଼ିକ ପାଇଁ ଜଣାଯାନ୍ତି । ରୋହିତ୍ ପ୍ରଥମ ଥର ଦର୍ଶକଙ୍କ ପାଇଁ ଏକ ବାୟୋପିକ୍ ଫିଲ୍ମ ନେଇ ଆସୁଛନ୍ତି । ତାଙ୍କର ଆଗାମୀ ଫିଲ୍ମ ପୁଲିସ୍ ଅଧିକାରୀ ରାକେଶ ମାରିଆଙ୍କ ଉପରେ ଆଧାରିତ । ଏଥିରେ ଜନ୍ ଆବ୍ରାହମ୍ ଲିଡ୍ ରୋଲରେ ଦେଖାଯିବେ । ତେବେ ଏହି ଫିଲ୍ମର ଟାଇଟଲ୍ ଏବେ 'ମାରିଆ ଆଇପିଏସ୍' ରଖାଯାଇଛି । ଫିଲ୍ମର ସୁଟିଂ ସରିଯାଇଛି । ଏହାର ଅଧିକାଂଶ ସୁଟିଂ ମୁମ୍ବାଇରେ ହୋଇଛି । ମୁମ୍ବାଇର ଏଲୋରା ଷ୍ଟୁଡିଓରେ ପୁଲିସ୍ ଷ୍ଟେସନ୍‌ର ସେଟ୍ ତିଆରି କରାଯାଇଥିଲା । ଏହି ଫିଲ୍ମ ମାଧ୍ୟମରେ ରୋହିତ୍ ଦର୍ଶକଙ୍କୁ ଆକ୍ସନ୍, ଥ୍ରିଲର୍ ଓ ସତ୍ୟଘଟଣା ଉପରେ ଆଧାରିତ ଏକ କାହାଣୀର ଅନୁଭବ ଦେବାକୁ ଯାଉଛନ୍ତି । ତେବେ ଏହି ଫିଲ୍ମର ନାଁ ଆଉ କିଛି ରଖିବାକୁ ବି ଟିମ୍ ବିଚାର କରୁଛି । ଆସନ୍ତା ଫେବୃଆରୀରେ ଫିଲ୍ମର ଫାଇନାଲ ଟାଇଟଲ ଓ ରିଲିଜ୍ ଡେଟ୍ ପ୍ରକାଶ ପାଇପାରେ ବୋଲି କୁହାଯାଉଛି ।

# ଜ୍ୱାଇଁ ପାଇଁ ୧୩୭୪ ବ୍ୟଞ୍ଜନ

ଭାରତୀୟ ସଂସ୍କୃତିରେ ଜ୍ୱାଇଁ ଶ୍ୱଶୁର ଘରକୁ ଆସିଲେ ଶ୍ରଦ୍ଧା ଓ ସମ୍ମାନର ସହ ଆତିଥ୍ୟତା ପ୍ରଦାନ କରାଯାଏ । ଏଥିସହ ଭଳିକି ଭଳି ବ୍ୟଞ୍ଜନ ପରଷି ସ୍ୱାଗତ କରାଯାଏ । ଏହି କ୍ରମରେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲାର ତେନାଲୀର ଏକ ପରିବାର ମକର ସଂକ୍ରାନ୍ତି ଉପଲକ୍ଷେ ଜ୍ୱାଇଁଙ୍କୁ ସ୍ୱାଗତ କରିବା ପାଇଁ ୧୩୭୪ ବ୍ୟଞ୍ଜନ ପ୍ରସ୍ତୁତ କରି ସଭିଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି । ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ବିଜ୍ଜାପୁ ଭେଙ୍କଟ ରତ୍ନମ୍ ଏବଂ ତାଙ୍କ ପତ୍ନୀ ସୁଶୀଳା ନିଜ ଝିଅ କିର୍ତିଶ୍ରୀ ଏବଂ ଜ୍ୱାଇଁ ବୋଣ୍ଡୁ ସାଇ ଶରତଙ୍କ ସ୍ୱାଗତ ପାଇଁ ଏହି ଦିବ୍ୟ ଭୋଜନର ଆୟୋଜନ କରିଥିଲେ । କେବଳ ଏତେସଂଖ୍ୟକ ବ୍ୟଞ୍ଜନ ନୁହେଁ, ଏହାର ସାଜସଜ୍ଜା ଏବଂ ପ୍ରସ୍ତୁତି ମଧ୍ୟ ଦେଖିବା ଯୋଗ୍ୟ ଥିଲା । ପ୍ରତ୍ୟେକ ବ୍ୟଞ୍ଜନକୁ ଖୁବ୍ ସ୍ନେହ ଏବଂ ଶ୍ରଦ୍ଧାର ସହ ପ୍ରସ୍ତୁତ କରାଯାଇଥିଲା । ଏହାକୁ ଖୁବ୍ ସୁନ୍ଦର ଭାବେ ଟେବୁଲ ଉପରେ ସଜା ମଧ୍ୟ ଯାଇଥିଲା । ଏହାକୁ ଦେଖି ଲୋକେ ପୁଣି ଥରେ କୋନାସୀମା ଅଞ୍ଚଳର ଭବ୍ୟ ଆତିଥ୍ୟତାକୁ ମନେ ପକାଇଥିଲେ । ତେବେ ବିବାହ ପରେ ଶ୍ୱଶୁର ଘରେ ଶରତଙ୍କର ଏହା ପ୍ରଥମ ସଂକ୍ରାନ୍ତି ଥିଲା । ଏହାକୁ ତେଲୁଗୁ ପରିବାରରେ ଖୁବ୍ ଶୁଭ ମନାଯାଏ । ତେଣୁ ଏହାକୁ ସ୍ୱତନ୍ତ୍ର କରିବା ପାଇଁ କିର୍ତିଶ୍ରୀଙ୍କ ପରିବାର ଲୋକେ ଏହି ଦିବ୍ୟ ଭୋଜନର ଆୟୋଜନ କରିଥିଲେ । ଏଥିସହ ଝିଅ ଜ୍ୱାଇଁଙ୍କ ସ୍ୱାଗତ ପାଇଁ ସ୍ୱତନ୍ତ୍ର ବୋର୍ଡ, ସେଲ୍‌ଫି ପଏଣ୍ଟ ଏବଂ ଶୁଭେଚ୍ଛା ବାର୍ତ୍ତାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ଶରତଙ୍କୁ ଶ୍ୱଶୁର ଘର ପକ୍ଷରୁ ୧୨ ଟି ଉପହାର ମଧ୍ୟ ମିଳିଥିଲା । ଏହି ଉପହାରକୁ ୧୨ ମାସର ପ୍ରତୀକ ଭାବେ ଜଣାଯାଏ । ଶରତଙ୍କୁ ପରଷା ଯାଇଥିବା ବ୍ୟଞ୍ଜନଗୁଡ଼ିକ ମଧ୍ୟରେ ପାରମ୍ପରିକ ସ୍ନାକ୍ସ, ବିଭିନ୍ନ ସ୍ଥାନୀୟ ବ୍ୟଞ୍ଜନ, ସତେଜ ଫଳ, ଜୁସ୍ ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନର ଖାଦ୍ୟପାନୀୟ ସାମିଲ ଥିଲା । ସବୁ ଖାଦ୍ୟକୁ କଦଳୀ ପତ୍ରରେ ପରଷା ଯାଇଥିଲା ।



## ଆଜିର ଇତିହାସ

- ୧୬୬୬- ମୋଗଲ ସମ୍ରାଟ୍ ଶାହାଜାହାନଙ୍କ ଦେହାନ୍ତ ।
- ୧୯୦୧- ମହାରାଣୀ ଭିକ୍ଟୋରିଆଙ୍କ ଦେହାନ୍ତ ।
- ୧୯୩୪-ପ୍ରସିଦ୍ଧ ଫିଲ୍ମ ନିର୍ମାତା ବିଜୟଆନନ୍ଦଙ୍କ ଜନ୍ମ ।
- ୧୯୬୩- ଡେରାଡୁନରେ ଦୃଷ୍ଟିବାଧିତଙ୍କ ପାଇଁ ଜାତୀୟ ପୁସ୍ତକାଳୟର ଆରମ୍ଭ ହେଲା ।
- ୨୦୦୧- ପାକିସ୍ତାନରେ ତାଲିବାନର ସମସ୍ତ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଗଲା ।
- ୨୦୦୯ - ଫିଲ୍ମ 'ସ୍ଲମ୍‌ଡଗ୍ ମିଲେନିୟର୍' ଓସ୍କାର ପୁରସ୍କାର ପାଇଁ ମନୋନୀତ ହେଲା ।

## ନିଆରା ବ୍ୟକ୍ତି

# ୫୦ ବର୍ଷ ଧରି ଉଜାଗର !



ଶରୀର ପାଇଁ ନିଦ ଖୁବ୍ ଜରୁରି । ଏଥିପାଇଁ ସାତରୁ ଆଠ ଘଣ୍ଟା ଶୋଇବା ପାଇଁ କୁହାଯାଏ । ହେଲେ ମଧ୍ୟପ୍ରଦେଶ ରୀବାର ଅବସରପ୍ରାପ୍ତ ସରକାରୀ ଅଧିକାରୀ ମୋହନ ଲାଲ ଦ୍ୱିବେଦୀ ଦୀର୍ଘ ୫୦ ବର୍ଷ ଧରି ଶୋଇ ନ ଥିବା ଦାବି କରନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ସେ ଦୀର୍ଘଦିନ ଧରି ଶୋଇ ନ ଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛନ୍ତି । ତେବେ ତାଙ୍କର ଏହି ନିଆରା କ୍ଷମତା ଦେଖି ଡାକ୍ତର ମଧ୍ୟ ଚକିତ ହୋଇଛନ୍ତି । ୭୫ ବର୍ଷୀୟ ମୋହନଲାଲଙ୍କ କହିବାନୁଯାୟୀ, ସେ ଶେଷଥର ପାଇଁ ଜରୁରୀକାଳୀନ ପରିସ୍ଥିତି ସମୟରେ ଶାନ୍ତିରେ ଶୋଇଥିଲେ । ତା ପରଠୁ ଅଦ୍ୟାବଧି ସେ ଆଦୌ ଶୋଇ ନାହାନ୍ତି । ପଲକ ବନ୍ଦ ହେବା ସତ୍ତ୍ୱେ ଆଖିକୁ ତାଙ୍କର ନିଦ ଆସେନି । ୫୦ ବର୍ଷ ଧରି ଅନିଦ୍ରା ଥିଲେ ମଧ୍ୟ ତାଙ୍କୁ ଥକ୍କାପଣ, ଦୁର୍ବଳତା ତଥା ମାଂସପେଶୀରେ ଏଲାଗି କୌଣସି ଯନ୍ତ୍ରଣା ଅନୁଭୂତ ହୁଏ ନାହିଁ । ସେ ଗୋଟିଏ ମୁଦ୍ରାରେ ଘଣ୍ଟା ଘଣ୍ଟା ମଧ୍ୟ ବସିପାରନ୍ତି । କେବଳ ସେତିକି ନୁହେଁ, ଦୀର୍ଘ ସମୟ ଧରି କାର୍ଯ୍ୟ ମଧ୍ୟ କରିପାରନ୍ତି । ଏନେଇ ମୋହନଲାଲଙ୍କ କହିବା କଥା, "ତାଙ୍କ ଆଖିକୁ ନିଦ ଆସେନି । ରାତିରେ ଖଟରେ ଶୋଇଲେ ମଧ୍ୟ ତାଙ୍କୁ ନିଦ ହୁଏନି । ଫଳରେ ସେ ରାତିରେ ବହି ପଢ଼ିବା ସହ ବୁଲାବୁଲି କରନ୍ତି । ଏହା ଏବେ ତାଙ୍କ ଜୀବନଚର୍ଯ୍ୟା ପାଲଟି ଯାଇଛି ।" ଚାକିରି ଜୀବନରେ ତାଙ୍କ କାର୍ଯ୍ୟ ଶୈଳୀକୁ ନେଇ ମଧ୍ୟ ବେଶ୍ ଚର୍ଚ୍ଚା ହୁଏ । ତାଙ୍କ ଅଧୀନସ୍ଥ କର୍ମଚାରୀ ତାଙ୍କ ସହ କାର୍ଯ୍ୟ କରିବାକୁ ମଧ୍ୟ ଡରନ୍ତି । କାରଣ ସେ ବିଶ୍ରାମ ନ ନେଇ ଘଣ୍ଟା ଘଣ୍ଟା ଧରି କାର୍ଯ୍ୟ କରିପାରନ୍ତି । ତେବେ ଏହି ନିଦ ନ ଲାଗିବା ସମସ୍ୟାକୁ ନେଇ ସେ ଦିଲ୍ଲୀ, ମୁମ୍ବାଇର ବଡ଼ ବଡ଼ ଡାକ୍ତରଙ୍କୁ ଦେଖାଇଥିଲେ, କିନ୍ତୁ କୌଣସି ସୁଫଳ ମିଳି ନ ଥିଲା । ଯୋଗ, ପ୍ରାଣାୟାମରୁ ନେଇ ଝଡ଼ା ଫୁଙ୍କା ସବୁ ଜିନିଷ ଆପଣାଇଲେ ମଧ୍ୟ ନିଦ ଆସି ନ ଥିଲା । ମୋହନଲାଲଙ୍କ କହିବାନୁଯାୟୀ, ସେ ପ୍ରଥମେ ଏହାକୁ ନେଇ ଚିନ୍ତାରେ ଥିଲେ । ଏବେ ଏହା ତାଙ୍କର ଅଭ୍ୟାସ ପାଲଟିଛି । ବିନା ନିଦ୍ରାରେ ୫୦ ବର୍ଷ ଏହା ବିଜ୍ଞାନ ପାଇଁ ମଧ୍ୟ ଏକ ରହସ୍ୟଜନକ କଥା । ତାଙ୍କର ଏହି ନିଆରା ଅଭ୍ୟାସ ଏବେ ବି ଡାକ୍ତରଙ୍କୁ ଚକିତ କରିଛି ।


# କାମ ଦେଉନି ଆଣ୍ଟିବାୟୋଟିକ୍!



ଏସ୍‌ଏମ୍‌ଏସ୍ ମେଡିକାଲ କଲେଜର ଏକ ଗବେଷଣାରେ ଆଣ୍ଟିବାୟୋଟିକ୍ ଔଷଧକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରାଯାଇଛି । ଗବେଷଣାରୁ ଜଣାପଡ଼ିଛି ଯେ, ଏସିନେଟୋବ୍ୟାକ୍ଟର ଜୀବାଣୁରୁ ହେଉଥିବା ସଂକ୍ରମଣ ଯୋଗୁଁ ଆଣ୍ଟିବାୟୋଟିକ୍ ଔଷଧର ପ୍ରଭାବ ଦ୍ରୁତ ଭାବେ ହ୍ରାସ ପାଉଛି । ଗବେଷଣାରେ ଏହି ସଂକ୍ରମଣର ଚିକିତ୍ସା ନିମନ୍ତେ ବ୍ୟବହାର କରାଯାଇଥିବା ୧୫ଟି ଆଣ୍ଟିବାୟୋଟିକ୍ ଔଷଧର ପରୀକ୍ଷା କରାଯାଇ ଥିଲା । ଏହି ଜୀବାଣୁ ଉପରେ ୧୩ଟି ଔଷଧ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲା । ତେଣୁ ଏହି ସ୍ଥିତିକୁ ବର୍ତ୍ତମାନ ଚିନ୍ତାଜନକ ବୋଲି କୁହାଯାଉଛି । ଏସିନେଟୋବ୍ୟାକ୍ଟର ସଂକ୍ରମଣ ମୁଖ୍ୟତଃ ଗମ୍ଭୀର ରୋଗ ସହିତ ଜଡ଼ିତ । ଡାକ୍ତରଙ୍କ ମତରେ, ଏହି ଜୀବାଣୁ କ୍ଷତରେ ସଂକ୍ରମଣ, ମୂତ୍ର ସଂକ୍ରମଣ ଏବଂ ନିମୋନିଆ ଭଳି ସମସ୍ୟା ସୃଷ୍ଟି କରିଥାଏ । ବିଶେଷକରି ଟ୍ରମା ରୋଗୀ, କ୍ୟାଥେଟର ବ୍ୟବହାର କରୁଥିବା ଲୋକ ଏବଂ ଭେଣ୍ଟିଲେଟରରେ ଥିବା ରୋଗୀଙ୍କଠାରେ ଏହି ବିପଦ ଅଧିକ । ଏହି ଗବେଷଣାରେ ଆଣ୍ଟିବାୟୋଟିକ୍ କାମ ନ ଦେବାର ପଛରେ ଅନେକ କାରଣ ଥିବା କୁହାଯାଇଛି । ଡାକ୍ତରୀ ପରାମର୍ଶ ବିନା ଆଣ୍ଟିବାୟୋଟିକ୍ କିଣିବା, ଭୁଲ୍ ଉପାୟରେ ଏହାକୁ ବ୍ୟବହାର କରିବା, ଭାଇରାଲ ରୋଗରେ ମନଇଚ୍ଛା ଆଣ୍ଟିବାୟୋଟିକ୍ ସେବନ କରିବା ଏହାର କାରଣ ବୋଲି କୁହାଯାଉଛି । ସେହିପରି ଗବେଷଣାରେ ଏସିନେଟୋବ୍ୟାକ୍ଟର ସଂକ୍ରମଣର ୧୭୬୬ ମାମଲାକୁ ବିଶ୍ଳେଷଣ କରାଯାଇ ଥିଲା । ଏନେଇ ଡାକ୍ତରଙ୍କ କହିବା କଥା, ଏହି ଔଷଧ ସମ୍ପୂର୍ଣ୍ଣ ଭାବେ ପ୍ରଭାବଶୂନ୍ୟ ନ ହେଲେ ବି ଏହାର ପ୍ରଭାବ ପୂର୍ବ ଅପେକ୍ଷା ବହୁତ କମିଛି । ଗବେଷଣାରେ ଏକଥା ବି ସାମ୍ନାକୁ ଆସିଛି ଯେ, ଏହି ଜୀବାଣୁ ଉପରେ ସାଧାରଣ ଆଣ୍ଟିବାୟୋଟିକ୍ କାମ କରୁ ନ ଥିବା ଦେଖାଯାଇଛି । ଅନ୍ୟପଟେ ଏହି ଅବହେଳା ଯଦି ଏମିତି ଜାରି ରହିବ ଆଗକୁ ସ୍ଥିତି ଅଧିକ ବିପଦଜନକ ହେବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି ।

# ରାଗ ଶାନ୍ତ ପାଇଁ ନିଆରା ସେବା

ଚୀନ୍‌ରେ 'ଇନଷ୍ଟାଣ୍ଟ ରିପ୍ଲାଏ' ନାମକ ଏକ ବିଚିତ୍ର ସେବାର ଆରମ୍ଭ ହୋଇଛି । ଯେଉଁମାନେ ଏହି ସେବା ପ୍ରଦାନ କରୁଛନ୍ତି ସେମାନଙ୍କୁ 'ମିଆଓ ହୁଇ ସି' ବୋଲି କୁହାଯାଉଛି । ଏହି ସେବାରେ ନିୟୋଜିତ ବ୍ୟକ୍ତି ରାଗୀ ତଥା କ୍ରୋଧୀ ଲୋକଙ୍କ ସହିତ କଥା ହୋଇ ସେମାନଙ୍କୁ ଶାନ୍ତ କରିବା କାମ କରନ୍ତି । ଯେତେବେଳେ ଜଣେ ରାଗ, ନିରାଶ କିମ୍ବା ଭାବନାତ୍ମକ ସ୍ତରରେ ବ୍ୟତିବ୍ୟସ୍ତ ଥାଆନ୍ତି ଏଭଳି ସେବା ପ୍ରଦାନକାରୀ ଲୋକେ ସେମାନଙ୍କ କଥାକୁ ଧୈର୍ଯ୍ୟର ସହ ଶୁଣନ୍ତି ଏବଂ ତତ୍‌କ୍ଷଣାତ୍ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥାନ୍ତି । ମୁଖ୍ୟତଃ ସେମାନଙ୍କ କାମ ହେଉଛି, ଲୋକଙ୍କ ସହିତ ଏମିତି କଥା ହେବା, ଯେମିତି ସେମାନେ ଖୁସି ହେବେ ଏବଂ ସେମାନଙ୍କ ଦୁଃଖ ଦୂର ହେବ । ଏଠାରେ ଏହି ସେବାକୁ ଲୋକମାନେ ବେଶ୍ ପସନ୍ଦ କରୁଛନ୍ତି । କାରଣ ଏହା ଦ୍ୱାରା ଲୋକଙ୍କ ମାନସିକ ଚାପ କମ୍ ହେଉଛି । ଏହାବାଦ୍ ରୋଜଗାରର ବି ଏହା ଏକ ନୂତନ ଓ ନିଆରା ବିକଳ୍ପ ବି ହୋଇପାରିଛି । ଏହି ସେବା ମାଧ୍ୟମରେ ଲୋକେ ମାସକୁ ୧.୨୯ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି । ତେବେ ଏହି ସେବା ଲାଗି ସମୟ ଆଧାରରେ ଫିସ୍ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଅବଶ୍ୟ ଅଧିକାଂଶ ଲୋକ ଏହାକୁ ପାର୍ଟଟାଇମ୍ ଭାବେ କରିବାକୁ ପସନ୍ଦ କରୁଛନ୍ତି । ସେହିପରି ବିଦ୍ୟାର୍ଥୀଙ୍କ ଲାଗି ଏହା ଆୟର ଏକ ଉତ୍ତମ ମାଧ୍ୟମ ହୋଇପାରିଛି । ଏହି ସେବାର ଲାଭ ମୁଖ୍ୟତଃ କର୍ପୋରେଟ୍ କର୍ମଚାରୀ ଉଠାଉଛନ୍ତି । କର୍ପୋରେଟ୍‌ରେ କାମ କରୁଥିବା ଲୋକେ ଅଧିକ କାମ କରି ନିରାଶ ଭାବ ପ୍ରକାଶ କରନ୍ତି । ଏହାବାଦ୍ ଏକୁଟିଆ ରହୁଥିବା ଯୁବକ, ପରସ୍ପରଠାରୁ ଦୂରରେ ରହୁଥିବା ଦମ୍ପତି, ଅବସାଦ ଦେଇ ଗତି କରୁଥିବା ଲୋକ ଏଭଳି ସେବା ଅଧିକ ଲୋଡୁଥିବାର ଦେଖାଯାଇଛି । ଅନ୍ୟପକ୍ଷରେ ପେସାଦାର ଥେରାପିଷ୍ଟଙ୍କ ଚାର୍ଜ ଅପେକ୍ଷା ଏଭଳି ସେବାର ଫିସ୍ ଶସ୍ତା ହୋଇଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି । ଏଭଳି ଲୋକଙ୍କ ସହିତ କଥା ହୋଇ ରାଗୀ ଲୋକମାନଙ୍କର ରାଗ ଅନେକ ପରିମାଣରେ ହ୍ରାସ ପାଉଥିବା ଦେଖାଯାଉଛି ।





# ପରଟା ତିଆରି କରିବା ମହଙ୍ଗା ପଡ଼ିଲା

ସାମାଜିକ ଗଣମାଧ୍ୟମରେ ଅନେକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସବୁ ସାମ୍ନାକୁ ଆସେ । ଏହିକ୍ରମରେ ଏବେ ଜଣେ ପ୍ରବାସୀ ମହିଳାଙ୍କ କଥା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ବ୍ରିଟେନରେ ରହୁଥିବା ଭାରତୀୟ ମହିଳା ଅଧ୍ୱାନ କପୁର ଘରେ ପରଟା ତିଆରି କରୁଥିଲେ । ହେଲେ ଏହା ପରେ ଯାହା ଘଟିଲା, ତା'କୁ ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି । ସେ ଏ ବାବଦରେ ସାମଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରି କହିଛନ୍ତି । ସେ ଯେତେବେଳେ ପରଟା ସେକିବା ଆରମ୍ଭ କଲେ, ତାଙ୍କ ଘରର ଫାୟାର ଆଲାରାମ୍ ଅଚାନକ ବାଜି ଉଠିଲା । ସେ ଏହାଦେଖି ବ୍ୟସ୍ତ ହୋଇ ପଡ଼ିଲେ । କାରଣ ଖାଦ୍ୟ ନ ଜଳିବା ସତ୍ତ୍ୱେ ବି ଆଲାରାମ୍ ଲଗାତାର ବାଜି ଚାଲିଥିଲା । ଏହି ଘଟଣା ରାତି ପ୍ରାୟ ସାଢ଼େ ୧୧ଟାରେ ଘଟିଥିଲା । ଏହି ସମୟରେ ତାଙ୍କ ଘର ବାହାରର ତାପମାତ୍ରା ଶୂନ୍ୟ ଥିଲା । ବ୍ରିଟେନରେ ରହିବା ସମୟରେ ଏହା ତାଙ୍କ ଲାଗି ସବୁଠୁ ଲଜ୍ଜାଜନକ ମୁହୂର୍ତ୍ତ ଥିଲା ବୋଲି ଅଧ୍ୱାନ କହିଛନ୍ତି । ଆଲାରାମ୍ ପାଖାପାଖି ୨୦ ମିନିଟ୍ ପର୍ଯ୍ୟନ୍ତ ବାଜିଲା ଏବଂ ଶେଷରେ ତାଙ୍କୁ ଦମକଳ ବାହିନୀଙ୍କୁ ଡାକିବାକୁ ପଡ଼ିଲା । ଦମକଳ ବାହିନୀ ଆସି ଆଲାରମ୍‌ଟିକୁ ବନ୍ଦ କରିଥିଲେ । ପରଟା ତିଆରି କରିବା ତାଙ୍କ ପକ୍ଷେ ମହଙ୍ଗା ସାବ୍ୟସ୍ତ ହୋଇଥିବା ସେ କହିଛନ୍ତି । ତେବେ ଭିଡିଓରେ ତାଙ୍କ ପ୍ରତିକ୍ରିୟା ଏବଂ ଚିନ୍ତା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି । ସେହିପରି ତାଙ୍କର ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି । କିଛି ଲୋକ ଏଥିରେ ପ୍ରତିକ୍ରିୟା ଦେଇ କହିଛନ୍ତି, 'ବ୍ରିଟେନରେ ସ୍ମୋକ୍ ଆଲାର୍ମ ଖୁବ୍ ସମ୍ବେଦନଶୀଳ ଏବଂ ଭାରତୀୟ ରାନ୍ଧଣା ବେଳେ ଏହା ଅନେକ ସମୟରେ ବାଜି ଉଠେ । ସେନ୍‌ସର୍‌କୁ ଘୋଡ଼ାଇ ନଚେତ ଏଗଜଷ୍ଟ ଫ୍ୟାନ୍ ବ୍ୟବହାର କରି ଏଭଳି ସ୍ଥିତିକୁ ରୋକାଯାଇପାରିବ ।' ସେହିପରି ଉକ୍ତ ଭିଡିଓଟି ପ୍ରବାସୀମାନେ ବିଦେଶରେ ସାମ୍ନା କରୁଥିବା ସମସ୍ୟାକୁ ପ୍ରତିଫଳିତ କରିଛି ବୋଲି କେହିକେହି ମତ ଦେଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ଭାବିଥିବା କାମ ପୂରା କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ଆଇନଜୀବୀଙ୍କୁ ଶୁଭଫଳ ମିଳିବ । ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ । ଅର୍ଥପ୍ରାପ୍ତି ଯୋଗ ଅଛି । ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହେବ ।

**ବୃଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ । ଅଫିସ୍ କାମ ସୁଚାରୁରୂପେ ତୁଲାଇବେ । ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ । ମନ ଖୁସି ରହିବ ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିବ । ଘର ପାଇଁ ନୂଆ ଜିନିଷ କିଣିବେ । ବ୍ୟବସାୟରେ ଲାଭ ହେବ । ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ । ନବବିବାହିତା ଦମ୍ପତି ଦୂର ସ୍ଥାନକୁ ବୁଲିବାକୁ ଯିବେ ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବିରୋଧୀ କାମରେ ବାଧା ଦେବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ସମୟ ପୂର୍ବରୁ କାମ ପୂରା କରିବେ । ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ । ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ ।

**କନ୍ୟା:** ଯାତ୍ରାରୁ ଲାଭ ହେବ । କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ । ମହିଳାମାନେ କର୍ମଚଞ୍ଚଳ ରହିବେ । ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ ହେବ । ପାରିବାରିକ ସମସ୍ୟା ଦେଖା ଦେବ । ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ ।

**ବିଛା:** ମାନସିକ ଚିନ୍ତା ଦୂର ହେବ । ସମାଜସେବା ଲାଗି ସମ୍ମାନିତ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ । ନୂଆ କାମ ଶିଖିବାର ଅବସର ଜୁଟିବ ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ । ଜୀବନସାଥୀଙ୍କଠାରୁ ଉପହାର ମିଳିବ । ମନ ପ୍ରସନ୍ନ ରହିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ । ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

**ମକର:** କାମ ବୋଝ ଅଧିକ ରହିବ । କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ । ମାନ ସମ୍ମାନ ବଢ଼ିବ । ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ । କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ ।

**କୁମ୍ଭ:** ଶୁଭ ଖବର ମିଳିବ । ଘରକୁ ଅତିଥିଙ୍କ ଆଗମନ ହେବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ମହିଳା ବନ୍ଧୁଙ୍କ ସହଯୋଗ ମିଳିବ ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

# ତୃଣମୂଳରେ ନୂଆ-ପୁରୁଣା କଳି

## ଓଡ଼ିଶା ବିଜେପି ନେତାଙ୍କୁ କାଟୁ କରିବ ତ 'ନିତିନ' ମନ୍ତ୍ର

ଭୁବନେଶ୍ୱର, ୨୧।୧ (ସମିସ): କେନ୍ଦ୍ରରେ ବିଜେପି ସଭାପତି ଭାବେ ଦାୟିତ୍ୱ ନେବା ପରେ ନିତିନ ନବୀନ ବିଭିନ୍ନ ରାଜ୍ୟର ବିଜେପି ସଭାପତି, ରାଜ୍ୟ ପ୍ରଭାରୀଙ୍କ ସହ ବୁଧବାର ବୈଠକ କରିଛନ୍ତି। ବୈଠକରେ ନିତିନ ଦଳୀୟ ସଂଗଠନରେ ଶୃଙ୍ଖଳା ଏବଂ ସମର୍ପଣ ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ସଂଗଠନରେ ସମସ୍ତେ ମିଳିମିଶି କାମ କରିବା ସହ ସୁଷମ ଦାୟିତ୍ୱ ବଣ୍ଟନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ନିତିନ ଓଡ଼ିଶାର ବିଜେପି ନେତା ଓ ପ୍ରଭାରୀଙ୍କ ସହ ଏକ ବୈଠକରେ ଅନୁରୂପ ଭାବରେ ଶୃଙ୍ଖଳା-ସଂଗଠନ-ସୁସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି ଏହି ବୈଠକରେ ଉପସ୍ଥିତ ଥିବା ବିଜେପି ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀଙ୍କ ସହ ଆଲୋଚନା ସମୟରେ ରାଜ୍ୟରେ ସାଂଗଠନିକ ଦୃଢ଼ୀକରଣ ଓ ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ସମ୍ପ୍ରତି ରାଜ୍ୟ ବିଜେପିରେ ଛକାପଞ୍ଝା ଓ ଗୋଷ୍ଠୀ ବିବାଦ ଚରମ ସୀମାରେ ପହଞ୍ଚିଥିବାବେଳେ ନୂଆ ବିଜେପି ସଭାପତିଙ୍କ ପରାମର୍ଶକୁ ଦଳ କେତେମାତ୍ରାରେ କାର୍ଯ୍ୟକାରୀ କରିପାରୁଛି, ତାହା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ରାଜ୍ୟରେ ପ୍ରଥମଥର ସରକାର ଗଠନ କରିବାକୁ ବିଜେପିକୁ ୧୯ ମାସ ବିତି ସାରିଲାଣି। ମାତ୍ର ଏଯାବତ୍ ସରକାର ଏବଂ ସଂଗଠନ ଅଧପନ୍ତରିଆ ଭାବରେ ଜାରି ରହିଛି। ସରକାର ଏବଂ ସଂଗଠନ ମଧ୍ୟରେ ତାଳମେଳର ଅଭାବ, ଛାମୁଆ ନେତାଙ୍କ ମଧ୍ୟରେ ମତଭେଦ ଯୋଗୁଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଅଟକି ରହିଛି। ସେହିପରି ଜିଲ୍ଲା ଯୋଜନା ବୋର୍ଡଠାରୁ ଆରମ୍ଭ କରି ରାଜ୍ୟସ୍ତରରେ ନିଗମ, ବୋର୍ଡ

**ଶୃଙ୍ଖଳା-ସଂଗଠନ-ସୁସମ୍ପର୍କ ଉପରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଗୁରୁତ୍ୱ**

ନିଯୁକ୍ତି ମଧ୍ୟ ହୋଇପାରୁ ନାହିଁ। ରାଜ୍ୟ ନେତୃତ୍ୱ ବାରମ୍ବାର ତାଲିକା ଧରି ଦିଲ୍ଲୀ ଧାଉଁଛନ୍ତି। ମାତ୍ର ଶେଷ ମୁହୂର୍ତ୍ତରେ ଏହା ଅଟକି ଯାଉଛି। ରାଜ୍ୟ ପ୍ରଭାରୀ ଅନେକବାର ନିଗମ ଓ ବୋର୍ଡ ନିଯୁକ୍ତି, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ଇଙ୍ଗିତ ଦେଇଥିଲେ ବି ଶେଷ ମୁହୂର୍ତ୍ତରେ ଏହା ସାକାର ହୋଇ ପାରୁନାହିଁ। ଏଥିପାଇଁ ଦଳରେ ଅସନ୍ତୋଷ ବଢ଼ୁଛି, ନେତାମାନେ ଲୋକହସା ହେଉଛନ୍ତି। କେବଳ ଛାମୁଆ ନେତାଙ୍କ ମଧ୍ୟରେ ନୁହେଁ, ରାଜ୍ୟରେ ବିଜେପି କ୍ଷମତା ହାସଲ କରିବା ପରେ ତୃଣମୂଳସ୍ତରରେ ମଧ୍ୟରେ ନୂଆ-ପୁରୁଣା କଳି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଗୋଟିଏ ପଟେ ଅନ୍ୟଦଳରୁ ନେତା, କର୍ମୀ ଆଣି ବିଜେପି ନେତା ରାଜ୍ୟସ୍ତରରେ ପତିଆରା ଦେଖାଇବାରେ ବ୍ୟସ୍ତ ଥିବାବେଳେ ତୃଣମୂଳସ୍ତରରେ ପୁରୁଣା କର୍ମୀ କିନ୍ତୁ ସେମାନଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯାହାଫଳରେ ସଂଗଠନର ପ୍ରତିଟି କାର୍ଯ୍ୟକ୍ରମରେ ଏହି ନୂଆ-ପୁରୁଣାଙ୍କ ମଧ୍ୟରେ ବିଭେଦ ଜଳଜଳ ହୋଇ ପଦାକୁ ଦିଶୁଛି।

ନୂଆ ଜାତୀୟ ସଭାପତି ସଂଗଠନରେ ଶୃଙ୍ଖଳା ଏବଂ ଦାୟିତ୍ୱର ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ମାତ୍ର ରାଜ୍ୟ ବିଜେପିର ଏହି ଦୁଇଟି ଦିଗ ସର୍ବାଧିକ ଦୁର୍ବଳ ରହିଛି ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି। ବିଶେଷକରି ଜିଲ୍ଲା ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ କମିଟି ଯାଏଁ ନୂଆ ନିଯୁକ୍ତିକୁ ନେଇ ବିଭିନ୍ନ ଗୋଷ୍ଠୀ ଅସନ୍ତୁଷ୍ଟ। ନୂତନ ସଭାପତି ଶ୍ରୀ ନବୀନ ଜାତୀୟ ବିଜେପି ଫୋକସରେ ଓଡ଼ିଶା ଥିବା ଉଲ୍ଲେଖ କରି ଖୁବଶୀଘ୍ର ଓଡ଼ିଶା ଆସିବେ ଦଳୀୟ ନେତାଙ୍କୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଦଳର ରାଷ୍ଟ୍ରୀୟ ସଭାପତିଙ୍କ ପରାମର୍ଶକୁ କେତେ କାର୍ଯ୍ୟକାରୀ କରିବାରେ ସକ୍ଷମ ହେବ ତାହା ଦେଖିବାକୁ କେବଳ ବାକି ରହିଛି ।

---

## ୧୦ ବିଧାୟକଙ୍କ ସହ ନବୀନଙ୍କ ଆଲୋଚନା

# ପଞ୍ଚାୟତ ନିର୍ବାଚନ ରଣକୌଶଳ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୧।୧(ସମିସ): ବୁଧବାର ସନ୍ଧ୍ୟାରେ ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚତୁର୍ଥ ପର୍ଯ୍ୟାୟରେ ଦଳର ଆଉ ୧୦ ଜଣ ବିଧାୟକଙ୍କୁ ଭେଟିଛନ୍ତି।

**ସରକାରଙ୍କ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ**

ଏହି ଅବସରରେ ନବୀନ ସେମାନଙ୍କ ସହ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣକୌଶଳ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ବିଜେପି ସରକାର ବିରୁଦ୍ଧରେ ସୃଷ୍ଟି ହୋଇ ଥିବା ପ୍ରବଳ ଜନ ଅସନ୍ତୋଷକୁ ଅସ୍ତ୍ର କରି ଲୋକଙ୍କ ନିକଟତର ହେବାକୁ ସେ ଏହି ଅବସରରେ ପରାମର୍ଶ ଦେଇଥିବା ଜଣାପଡ଼ିଛି।

ସରକାରଙ୍କ ଜନ ବିରୋଧୀ କାର୍ଯ୍ୟ, ପ୍ରତିଶ୍ରୁତି ପୂରଣରେ ବିଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ମଧ୍ୟ ନବୀନ ବିଧାୟକଙ୍କୁ ପରାମର୍ଶ ଦେଇଥଲେ। ରାଜ୍ୟରେ ରାଜ୍ୟ ବିଜେପି ସରକାର ଏକାଧିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଲୋକଙ୍କୁ ସୁଶାସନ ଦେଇପାରୁ ନାହିଁ।



ସମସ୍ତ ପ୍ରସଙ୍ଗଗୁଡ଼ିକୁ ଲୋକଙ୍କ ନିକଟରେ ଶାଣିତ ଢଙ୍ଗରେ ଉତ୍ଥାପନ ପାଇଁ ନବୀନ କହିଥିଲେ। ସେମାନଙ୍କ ନିର୍ବାଚନମଣ୍ଡଳୀର ବିକାଶ କାମ ବିଷୟରେ ଆଲୋଚନା ସହ ଚାଷୀଙ୍କ ସମସ୍ୟା, ଧାନ କିଣା ସ୍ଥିତି ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ଆଜିର ଏହି ବୈଠକରେ ବିଧାୟକ ପ୍ରତାପ କେଶରୀ ଦେବ, ବିଭୂତି ଭୂଷଣ ବଳବନ୍ତରାୟ, ସାରଦା ପ୍ରସନ୍ନ ନାୟକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଯୋଗେଶ କୁମାର ସିଂହ, ଅଧୀରାଜ ମୋହନ ପାଣିଗ୍ରାହୀ, ସୁନୀଲ ମହାନ୍ତି, ରୁପେଶ ପାଣିଗ୍ରାହୀ ଓ ରୋହିତ ଜୋସେଫ ତିର୍କୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

---

## ହାତୀ ଘଉଡାଇବା ବେଳେ ଅଘଟଣ

# ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

ରାଉରକେଲା, ୨୧।୧ (ସମିସ): ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ବିଶ୍ରା ବନାଞ୍ଚଳରେ ଆଜି ସକାଳେ ହାତୀ ଘଉଡ଼ାଇବା ବେଳେ ଅଘଟଣ ଘଟିଛି। ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ନୂଆଗାଁ ବ୍ଲକ୍ ବାରିଲେପଟା ପଞ୍ଚାୟତ ପାହାଡ଼ଟୋଲି ବସ୍ତିର ଚାଷୀ ଲବ ସିଂ(୪୮)।



ସକାଳ ପ୍ରାୟ ୭ଟାରେ ଗୋଟିଏ ଝାଡ଼ଖଣ୍ଡୀ ଦନ୍ତା ହାତୀ ବାରିଲେପଟା ପାହାଡ଼ଟୋଲି ବସ୍ତିକୁ ପଶି ଆସିଥିଲା। ହାତୀଟି ଗାଁର ଗଙ୍ଗା ସିଂଙ୍କ ଖଳାରେ ଧାନ ଖାଇଥିଲା। ଏହି ସମୟରେ କିଛି ଗ୍ରାମବାସୀ ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ହାତୀଟି ହଠାତ୍ ବୁଲିପଡ଼ି ଲବଙ୍କ ଆଡ଼କୁ ଦ୍ରୁତଗତିରେ ମାଡ଼ି ଆସିଥିଲା। ଲବ ଜୀବନ ବିକଳରେ ଦୌଡ଼ିବା ବେଳେ ତଳେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବିଶ୍ରା ବନ ବିଭାଗର ଫରେଷ୍ଟର୍ ପାଉଲୁସ ଓରାମ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀଟିକୁ ସେଠାରୁ ଘଉଡ଼ାଇଥିଲେ। ଅପରପକ୍ଷେ, ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଶ୍ରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲବଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୪ମାସ ହେବ ବିଶ୍ରା ବନାଞ୍ଚଳର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଛି। କିନ୍ତୁ ବନ ବିଭାଗ ସେମାନଙ୍କୁ ଘଉଡ଼ାଉ ନଥିବାରୁ ଆଜି ଏହି ଅଘଟଣ ଘଟିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

---

# ୨.୩ କୋଟି ଠକିନେଲେ ସାଇବର୍ ଲୁଟେରା

- ଗୁଜୁରାଟ ଓ ମହାରାଷ୍ଟ୍ରରୁ ୩ ଠକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ
- ଅନ୍‌ଲାଇନ୍ ଟ୍ରେଡିଂ ଓ ଡିଜିଟାଲ ଆରେଷ୍ଟ ନାଁରେ ଲୁଟିଥିଲେ

କଟକ, ୨୧।୧(ସମିସ): ତିନି ପୃଥକ୍ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୁଲିସ ୩ଜଣ ଠକଙ୍କୁ ମହାରାଷ୍ଟ୍ର ଓ ଗୁଜୁରାଟରୁ ଗିରଫ କରିଛି। ଅନଲାଇନ୍ ଟ୍ରେଡିଂ ଓ ଡିଜିଟାଲ ଆରେଷ୍ଟ ଆଳରେ ଏହି ଅଭିଯୁକ୍ତମାନେ ୩ଜଣଙ୍କଠାରୁ ମୋଟ ୨ କୋଟି ୩୦ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିଲେ। ମହାରାଷ୍ଟ୍ରର ପୁନେରୁ ଗିରଫ ଅଭିଯୁକ୍ତଜଣଙ୍କ ହେଲା ରମେଶ ଆଞ୍ଜନା (୩୧)। ମୁମ୍ବାଇ ପୁଲିସର ପରିଚୟ ଦେଇ ସେ ଜଣେ ବ୍ୟକ୍ତିଙ୍କୁ ହ୍ୱାଟସଆପ୍ ଭିଡିଓ କଲ୍ ମାଧ୍ୟମରେ ଧମକଚମକ ଦେଇଥିଲା। ତାଙ୍କ ନାମରେ ମନି ଲଣ୍ଡରିଂ ମାମଲାରେ ଗିରଫ ପରୱାନା ଜାରି ହୋଇଛି କହି ତାଙ୍କୁ ଡିଜିଟାଲ ଆରେଷ୍ଟ କରିଥିଲା। ଅଭିଯୁକ୍ତ ତାଙ୍କୁ ଅନଲାଇନ୍‌ରେ ଜେରା କରି ମାନସିକ ନିର୍ଯାତନା ଦେଇଥିଲା। ଏପରିକି, ଆରବିଆଇକୁ ଟଙ୍କା ପଠାଇବାକୁ କହିଥିଲା। ଭୟରେ ବ୍ୟକ୍ତିଜଣଙ୍କ ପ୍ରାୟ





୬୨.୧୮ ଲକ୍ଷ ଟଙ୍କା ଠକମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଠକେଇର ଶିକାର ହୋଇଥିଲେ।

ସେହିଭଳି, ଆଉ ଏକ ଘଟଣାରେ ଅନଲାଇନ୍ ନିବେଶର ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ମହାରାଷ୍ଟ୍ରରୁ ତାନାଜୀ ରାମଚନ୍ଦ୍ର ଶେଲାର(୪୬)ଙ୍କୁ ଗିରଫ କରିଛି। ଏକ ନକଲି ଟ୍ରେଡିଂ ପ୍ଲାଟଫର୍ମରେ ନିବେଶ କଲେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ବିଶ୍ୱାସ ଜନ୍ମାଇ ସେ ପ୍ରାୟ ୩୮ ଲକ୍ଷ ୩୮ ହଜାର ଟଙ୍କା ଠକି ନେଇଥିଲା। ସେହିପରି, ନିବେଶ ଆଳରେ ୧.୩୦ କୋଟି ଟଙ୍କାର ଚୂନ ମାରିଥିବା ଜଣେ ଠକକୁ କ୍ରାଇମ୍‌ବ୍ରାଞ୍ଚ ଗୁଜରାଟର ସୁରଟ ଅଞ୍ଚଳରୁ ଗିରଫ କରିଛି। ସେ ହେଲା, ନାସିତ ଭୌତିକଭାଇ ଜୟନ୍ତୀଭାଇ (୩୪)। ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କ ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍‌କାର୍ଡ ଜବତ କରିଛନ୍ତି। ଆଇନରେ ଡିଜିଟାଲ ଆରେଷ୍ଟ ବୋଲି କୌଣସି ଶବ୍ଦ ନାହିଁ, ତେଣୁ ନାଗରିକମାନେ ଏପରି କଲ୍ ପ୍ରତି ସତର୍କ ରହିବାକୁ କ୍ରାଇମବ୍ରାଞ୍ଚ ସତର୍କ କରାଇଛି।

---

# ନିକୋଟିନ୍‌ଯୁକ୍ତ ସାମଗ୍ରୀ ଉପରେ ସ୍ୱାସ୍ଥ୍ୟ ବିଭାଗର ନିଷେଧାଦେଶ

ଭୁବନେଶ୍ୱର,୨୧।୧(ସମିସ): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଓଡ଼ିଶାରେ ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ କିମ୍ବା ନିକୋଟିନ୍‌ଯୁକ୍ତ ସମସ୍ତ ପ୍ରକାରର ଖାଦ୍ୟ ପଦାର୍ଥର ଉତ୍ପାଦନ ଓ ପ୍ୟାକେଜିଂ ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି। ଏହାସହ ଏହାର ସଞ୍ଚୟ,

**ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ ଉତ୍ପାଦନ, ସଞ୍ଚୟ ଓ ବିକ୍ରି ମନା**

ପରିବହନ, ବାଣିଜ୍ୟ ଓ ବିକ୍ରୟ ଉପରେ ମଧ୍ୟ ପ୍ରତିବନ୍ଧକ ଲାଗୁ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ଲୋକଙ୍କୁ ଏହି ନିଷେଧାଜ୍ଞା ପାଳନ କରି ସ୍ୱସ୍ଥ ଓ ତମାଖୁମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବାକୁ ରାଜ୍ୟ ସରକାର ଆହ୍ୱାନ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ତମାଖୁ ଓ ନିକୋଟିନ୍‌ଯୁକ୍ତ ପଦାର୍ଥଗୁଡ଼ିକ ମୁଖ, ଗଳା ଓ ଶରୀର ଆଭ୍ୟନ୍ତର ଅଙ୍ଗରେ କର୍କଟ ସହିତ ଗୁରୁତର ରୋଗ ସୃଷ୍ଟି କରୁଛି। ବିଶେଷକରି ଶିଶୁ ଓ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ହାନିକାରକ ହୋଇଥିବାରୁ ସାର୍ବଜନୀନ ସ୍ୱାସ୍ଥ୍ୟ ହିତରେ ଏହି ନିଷେଧାଦେଶ ଲାଗୁ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି।

---

# ୨୦୨୭ ସୁଦ୍ଧା ଦେଢ଼ ଶହ ଜନସଂଖ୍ୟା ଥିବା ସମସ୍ତ ଗାଁକୁ ରାସ୍ତା

ଭୁବନେଶ୍ୱର,୨୧।୧(ସମିସ): ୨୦୨୭ ସୁଦ୍ଧା ଦେଢ ଶହ ଜନସଂଖ୍ୟା ଥିବା ସମସ୍ତ ଗାଁକୁ ରାସ୍ତା ନିର୍ମାଣ ହେବ। ଏହି କ୍ରମରେ ୨୦୨୭ ସୁଦ୍ଧା ୭୫ ହଜାରରୁ ଅଧିକ ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ୩୦ ହଜାରରୁ ଅଧିକ ରାସ୍ତା ନିର୍ମାଣ ହୋଇଥିବା ବେଳେ ସମୟ ସୀମା ମଧ୍ୟରେ ସମସ୍ତ କାମ ସାରିବାକୁ ଟାର୍ଗେଟ ରଖାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ୯୨ଟି ବ୍ରିଜ୍‌କୁ ଆପ୍ରୋଚ ରାସ୍ତା ନଥିଲା। ସରକାର ଆସିବା ପରେ ୫୦ଟି ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ସରିଲାଣି। ଖୁବଶୀଘ୍ର ବାକି କାମ ମଧ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଆସନ୍ତା ୩ ମାସରେ ଶତ ପ୍ରତିଶତ ବଜେଟ୍ ଖର୍ଚ୍ଚ କରିବାକୁ ସବୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବଜେଟ ଖର୍ଚ୍ଚ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ସୁଦ୍ଧା ୫୩ ପ୍ରତିଶତ ବଜେଟ୍ ଖର୍ଚ୍ଚ ସରିଥିବା ବେଳେ ୩ ମାସରେ ଶତ ପ୍ରତିଶତ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରହିଥିବା ମନ୍ତ୍ରୀ କହିଛନ୍ତି।

---

## କନିଷ୍ଠ ଯନ୍ତ୍ରୀ (ସିଭିଲ) ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା

# ଆବେଦନକାରୀଙ୍କୁ ଓଏସ୍ଏସ୍‌ସିର ବାସନ୍ଦ ହାଇକୋର୍ଟରେ ରଦ୍ଦ

କଟକ, ୨୧।୧(ସମିସ): ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସଏସସି) ଦ୍ୱାରା ପରିଚାଳିତ କନିଷ୍ଠ ଯନ୍ତ୍ରୀ (ସିଭିଲ) ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ପ୍ରଶ୍ନପତ୍ର ଲିକ୍ ବିବାଦ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଆବେଦନକାରୀ ପରୀକ୍ଷାର୍ଥୀମାନଙ୍କ ବିରୋଧରେ ଓଏସ୍ଏସ୍‌ସି ଜାରି କରିଥିବା ୬ବର୍ଷିଆ ବାସନ୍ଦ ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋପାଳକୃଷ୍ଣ ବେହେରା ଓ ଅନ୍ୟ ୨୮ଜଣଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ସେପ୍ଟେମ୍ବର ୩ରେ ଅନୁଷ୍ଠିତ ମୁଖ୍ୟ ପରୀକ୍ଷାରେ ଯେଉଁ ଆବେଦନକାରୀମାନେ ଭାଗ ନେଇଥିଲେ ଏବଂ ଯଦି ସେମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇନାହିଁ, ତେବେ ସେମାନଙ୍କ ପରୀକ୍ଷାଫଳ ୨୦୨୬ଜୁନ ସୁଦ୍ଧା ପ୍ରକାଶ କରିବାକୁ ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସେମାନେ ଯୋଗ୍ୟବିବେଚିତ ହୁଅନ୍ତି, ନିୟମ ଅନୁଯାୟୀ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଅନ୍ୟପଟରେ, ଯଦି ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ଶେଷ ହେବା ପରେ ଯଦି କୌଣସି ପରୀକ୍ଷାର୍ଥୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୁଏ, ତେବେ ବାସନ୍ଦ ଆଦେଶ ସ୍ୱୟଂଚାଳିତ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୨ ନଭେମ୍ବରରେ ୧୦୦୮ଟି କନିଷ୍ଠ ଯନ୍ତ୍ରୀ (ସିଭିଲ) ପଦବୀ ପାଇଁ ଓଏସ୍ଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୨୦୨୩ ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହେବା ପରେ ବାଲେଶ୍ୱରର ସହଦେବଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ କିଛି ପରୀକ୍ଷାର୍ଥୀଙ୍କୁ ତାଳସାରି ବେଳାଭୂମି ନିକଟସ୍ଥ ଏକ ସ୍ଥାନକୁ ନିଆଯାଇ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ଏହା ପରେ ଆୟୋଗ ପକ୍ଷରୁ ପୂର୍ବ ପରୀକ୍ଷାକୁ ବାତିଲ କରାଯାଇ ୨୦୨୩ ସେପ୍ଟେମ୍ବର ୩ରେ ପୁଣିଥରେ ମୁଖ୍ୟ ପରୀକ୍ଷା କରାଯାଇଥିଲା। ଏହି ମାମଲାରେ ସଂପୃକ୍ତି ଥିବା ସନ୍ଦେହ କରି ଓଏସଏସ୍‌ସି (ଓଡ଼ିଶା ଷ୍ଟାଫ ସିଲେକ୍ସନ କମିସନ) ଗତ ୨୦୨୫ ମେ' ୧୨ ରେ ଏକ ଆଦେଶ ଜାରି କରି ଆବେଦନକାରୀମାନଙ୍କୁ ୧୬ ଜୁଲାଇ ୨୦୨୩ରୁ ୧୫ଜୁଲାଇ ୨୦୨୯ ପର୍ଯ୍ୟନ୍ତ, ୬ବର୍ଷ ପାଇଁ କୌଣସି ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ବାରଣ କରିଥିଲା। ଏଥିସହ ସେମାନଙ୍କର ସମସ୍ତ ପରୀକ୍ଷା ଆବେଦନକୁ ରଦ୍ଦ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ପରୀକ୍ଷାର୍ଥୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଦ୍ୱାରା ଦାଖଲ ହୋଇଥିବା ପ୍ରାଥମିକ ଚାର୍ଜସିଟ୍‌ରେ ସେମାନଙ୍କର ନାମ ନଥିବା ଏବଂ ସେମାନଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରମାଣ ମିଳି ନଥିବା ତଦନ୍ତକାରୀ ଅଧିକାରୀ କହିଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

---

# ଜନସ୍ୱାର୍ଥ ମାମଲାର ଅପବ୍ୟବହାର ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ,୨୧।୧(ସମିସ): ଜନସ୍ୱାର୍ଥ ମାମଲାର ଅପବ୍ୟବହାର ହେଉଥିବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ ସରକାରୀ ଅଧିକାରୀଙ୍କ ବଦଳି ପ୍ରସଙ୍ଗକୁ ଏକ ଜନସ୍ୱାର୍ଥ ମାମଲା ଭାବେ ଦାୟର କରାଯିବାକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ୫୦ହଜାର ଟଙ୍କା ଦଣ୍ଡ ରାଶି ପଇଠ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଅର୍ଥରାଶିକୁ ତିନି ସପ୍ତାହ ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଜମା କରିବାକୁ କୁହାଯାଇଛି। ଏହି ଜରିମାନା ଅର୍ଥ ରାଜ୍ୟର ଶିଶୁ ସୁଧାର ଗୃହର ଅନ୍ତେବାସୀମାନଙ୍କୁ ଉନ୍ନତ ସୁବିଧା ସୁଯୋଗ ଯୋଗାଇବା ପାଇଁ ବ୍ୟବହାର କରାଯିବ ବୋଲି କୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଏବଂ ଜଷ୍ଟିସ୍ ଏ ମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଡକ୍ଟର ଲକ୍ଷ୍ମୀଧର ବିଶ୍ୱାଳ ଓ ଅନ୍ୟମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

**୫୦ ହଜାର ଟଙ୍କା ଦଣ୍ଡ ଗଣିବେ ଆବେଦନକାରୀ**

ବଦଳି ବା ନିଯୁକ୍ତି ହେଉଛି ସରକାରୀ ସେବାର ଏକ ଅଭିନ୍ନ ଅଙ୍ଗ। କେଉଁ ଅଧିକାରୀ କେଉଁଠି ନିଯୁକ୍ତି ପାଇବେ, ତାହା ପ୍ରଶାସନିକ କର୍ତ୍ତୃପକ୍ଷ ସ୍ଥିର କରିବେ। କିଛି ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ ପାଇଁ କିମ୍ବା କୌଶଳର ସହ ଜନସ୍ୱାର୍ଥ ମାମଲାର ଆଳ ନେଇ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ। ଆବେଦନକାରୀ ଜଣେ ସରକାରୀ ଅଧିକାରୀଙ୍କ ବଦଳିକୁ ଚ୍ୟାଲେଞ୍ଜ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ ସରକାରୀ ନିୟମ ଅନୁସାରେ ଜଣେ କର୍ମଚାରୀଙ୍କୁ ତାଙ୍କ ନିଜ ଜିଲ୍ଲା ବା ହୋମ-ଟାଉନରେ ନିଯୁକ୍ତି ଦିଆଯାଇପାରିବ ନାହିଁ।

---

# ବଜ୍ରକାପ୍ତା କାତି ଜବତ, ୩ ଗିରଫ

ରାଜନଗର, ୨୧।୧ (ସମିସ): ବଜ୍ରକାପ୍ତା କାତି ଡିଲ୍ ବେଳେ ମାଡ଼ି ବସିଲା ବନ ବିଭାଗ। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନବିଭାଗ ଟିମ୍ ଆଜି ଅପରାହ୍ଣରେ ଏକ ବନ୍ୟଜନ୍ତୁ ତସ୍କର ଗ୍ୟାଙ୍ଗର ପର୍ଦ୍ଦାଫାସ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ପଟ୍ଟାମୁଣ୍ଡାଇର ଏସ୍.କେ ବରଖାଇତୁଲ୍ଲା, ଷଣ୍ଢପଲ୍ଲୀ ଗାଁର ଅଭିରାମ ମଲ୍ଲିକ ଓ ରାଜକିଶୋର ମଲ୍ଲିକ। ସେମାନଙ୍କଠାରୁ ୧୪ଟି ବଜ୍ରକାପ୍ତା କାତି, ୩ଟି ମୋବାଇଲ, ଦୁଇଟି ବାଇକ୍ ଜବତ ହୋଇଛି। ଜବତ ବଜ୍ରକାପ୍ତା କାତିର ଦାମ ୭ଲକ୍ଷ ଟଙ୍କା ହେବ ବୋଲି ଏସିଏଫ ଗଗନ ବିହାରୀ ମଲ୍ଲିକ ସୂଚନା ଦେଇଛନ୍ତି। ବନ ବିଭାଗ ସେମାନଙ୍କୁ ଗିରଫ କରି ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ଅଧିକ ପଚରାଉଚରା କରୁଛି। ଅପରପକ୍ଷେ, ଭିତରକନିକା ଅଞ୍ଚଳରେ ବଜ୍ରକାପ୍ତା କାତି ଜବତ ହେବା ପ୍ରଥମ ଘଟଣା ହୋଇଥିବାରୁ ବନ ବିଭାଗ ଅଧିକ ତତ୍ପର ହୋଇପଡ଼ିଛି।

ପ୍ରାଥମିକ ତଦନ୍ତରୁ ବନ ବିଭାଗ ଜାଣିବାକୁ ପାଇଛି ଯେ ଅଭିଯୁକ୍ତମାନେ ବାଲେଶ୍ୱର ଜିଲ୍ଲା କୁଲଡିହା ଜଙ୍ଗଲରେ ଏକ ବଜ୍ରକାପ୍ତା ଶିକାର କରିଥିଲେ। ବଜ୍ରକାପ୍ତାକୁ ମାରି ତା'ର କାତିକୁ ବିକ୍ରି କରିବାକୁ ଏଠାକୁ ଆଣିଥିଲେ। ଏ ସଂପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସଟିଏଫ୍, ବାଲେଶ୍ୱର ଓ ରାଜନଗର ବନ ବିଭାଗର ଏକ ମିଳିତ ଟିମ୍ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଜାଲ ବିଛାଇଥିଲେ। ବନ ବିଭାଗର ଜଣେ କର୍ମଚାରୀ ଗ୍ରାହକ ସାଜି ସେମାନଙ୍କ ସହ ଫୋନ୍‌ରେ ମୂଲଚାଲ କରିଥିଲା। ୭୦ ହଜାର ଟଙ୍କାରେ ଡିଲ୍ ଛିଡ଼ିବା ପରେ ଅଭିଯୁକ୍ତମାନଙ୍କ କହିବାନୁଯାୟୀ ବନ ବିଭାଗ ଟିମ୍ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗାଁରେ ପହଞ୍ଚିଥିଲା। ସେଠାରେ ୩ ବେପାରୀ ବଜ୍ରକାପ୍ତା କାତି ଧରି ଅପେକ୍ଷାରେ ଥିବାବେଳେ ବନ ବିଭାଗ ସେମାନଙ୍କୁ ମାଡ଼ି ବସିଥିଲା। ବନ ବିଭାଗ ସେମାନଙ୍କୁ ଗିରଫ କରିବା ସହ ୧୪ଟି ବଜ୍ରକାପ୍ତା କାତି ଜବତ କରିଥିଲା।

---

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି ବଢ଼ିଲା

ଭୁବନେଶ୍ୱର,୨୧।୧(ସମିସ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ଅବଧି ବୃଦ୍ଧି ପାଇଛି। ପୂର୍ବରୁ ଜାନୁଆରୀ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ଏବେ ଆଶାୟୀମାନେ ଫେବ୍ରୁଆରୀ ୫ଯାଏଁ ଆବେଦନ କରିପାରିବେ। ଆଶାୟୀମାନେ www.msp.odisha.gov.in ୱେବସାଇଟ୍‌ରେ ଯାଇ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୋଟ ୧୨ଟି ବର୍ଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବ।

---

**ସ୍କୁଟିକୁ ଧକ୍କା ଦେଲା ଟ୍ରକ୍**

# ପୁଅ ଆଗରେ ଚାଲିଗଲା ବାପାର ଜୀବନ

ପାଲଲହଡ଼ା, ୨୧।୧ (ସମିସ): ପୁଅ ଆଖି ଆଗରେ ଚାଲିଗଲା ବାପାର ଜୀବନ। ୪୯ ନଂ ଜାତୀୟ ରାଜପଥର ସ୍ଥାନୀୟ ମାଲ୍ୟଗିରି ମହାବିଦ୍ୟାଳୟ ଛକ ନିକଟରେ ଏକ ସ୍କୁଟିକୁ ଟ୍ରକ୍ ଧକ୍କା ଦେବାରୁ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ତାଳଚେର ଥାନା ଗୁରୁଜାଙ୍ଗୁଲି ଅଞ୍ଚଳର କ୍ଷୀରୋଦ ପାଣିଗ୍ରାହୀ। ଏହି ଦୁର୍ଘଟଣାରେ କ୍ଷୀରୋଦଙ୍କ ପୁଅ ସରୋଜ ପାଣିଗ୍ରାହୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ସମୟ ପରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ଘୋଷଣା କରିଥିଲେ। କ୍ଷୀରୋଦଙ୍କ ସାନ ପୁଅ ପହଞ୍ଚିବା ପରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲା। ଦୁର୍ଘଟଣା ପରେ ଟ୍ରକ ଛାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନାନୁଯାୟୀ, କ୍ଷୀରୋଦ ଓ ସରୋଜ ଏକ ସ୍କୁଟିରେ ପାଲଲହଡ଼ା ଛାମୁଣ୍ଡା ଅଞ୍ଚଳରେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ଘରକୁ ଫେରୁଥିଲେ। ମାଲ୍ୟଗିର ମହାବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା।

---

# ଗଛରେ ପିଟିହେଲା ବାଇକ୍; ଦୁଇ ସାଙ୍ଗ ମୃତ

ପଡ଼ିଆ, ୨୧।୧ (ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ସଦର ମହକୁମାସ୍ଥିତ କୁମ୍ଭାରସାହି ଓ ପଡ଼ିଆ ମୁଖ୍ୟ ରାସ୍ତା ବୁଲାଣିରେ ଆଜି ଏକ ଦୁର୍ଘଟଣା ଦୁଇ ସାଙ୍ଗଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ସମୀର ହନ୍ତାଳ ଓ ତାର ବନ୍ଧୁ ଦୀପକ କୁମାର ଲିମା। ଦୁହିଁଙ୍କ ଘର ପଡ଼ିଆ ଗ୍ରାମରେ। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଆଜି ଭୋର୍ ପ୍ରାୟ ୩ଟାରେ ସମୀର ଓ ଦୀପକ ଏକ ବୁଲେଟ୍ ବାଇକ୍‌ରେ କୁମ୍ଭାରସାହିରୁ ପଡ଼ିଆ ଗ୍ରାମ ଅଭିମୁଖେ ଆସୁଥିଲେ। କୁମ୍ଭାରସାହି ନିକଟସ୍ଥ ବୁଲାଣି ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଦୀପକଙ୍କ ନାନୀଙ୍କର ବାହାଘର ୬ ଦିନ ପରେ ହୋଇଥାଆନ୍ତା।





ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ନିଷ୍ପତ୍ତିକୁ ସମର୍ଥନ ଜଣାଉଛନ୍ତି ପାଟକୁରା ନିର୍ବାଚନମଣ୍ଡଳୀର ଦଳୀୟ ନେତା ଓ କର୍ମୀ

## ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ରାଜନଗର,୨୧।୧(ସମିସ): ରାଜଗଡ଼ ବାଘତେଇଲସ୍ଥ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟର ୨୫ତମ କ୍ରୀଡ଼ା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି।



ପ୍ରଥମେ ଶିବ ମନ୍ଦିରରୁ ଜ୍ୟୋତି ଆସିବା ପରେ ମୁଖ୍ୟଅତିଥି ଭାବେ ସମିତିସଭ୍ୟ ସଞ୍ଜୟ ସ୍ୱାଇଁ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥଲେ। କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ମିଶ୍ର ଦୁଇଦିନ ଧରି ନୃତ୍ୟ, ଗୀତ ଅଭିନୟ ସହିତ ୧୬ଟି କ୍ରୀଡ଼ା ପ୍ରତଯୋଗିତା କରାଇଥିଲେ। ସଭାପତି ବୈକୁଣ୍ଠ ବିହାରୀ ବିଶ୍ୱାଳଙ୍କ ଅଧକ୍ଷତା ଓ ପ୍ରଧାନଶିକ୍ଷକ ବିଜୟ ପାତ୍ରଙ୍କ ସଂଯୋଜନାରେ ବାର୍ଷିକ କ୍ରୀଡ଼ା ଆୟୋଜିତ ହୋଇଥିଲା। ଅତିଥି ଭାବେ ସିଆରସିସି ଚିତ୍ତରଞ୍ଜନ ସାହୁ ସିଆରସିସି, ବକ୍ତା ଭାବେ ସମୀରଣ ମଣ୍ଡଳ ପ୍ରଧାନଶିକ୍ଷକ , ସମ୍ମାନିତ ଅତିଥି ଭାବେ ପୂର୍ବତନ ଓସ୍ତା ରାଜ୍ୟ ସମ୍ପାଦକ କାଳୀପ୍ରସାଦ ନାୟକ ଓ ବିଏମ୍ ହାଇସ୍କୁଲର ପ୍ରଧାନଶିକ୍ଷକ ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅପୂର୍ବ ମିଳନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରଯାଇଥିଲା। ବସନ୍ତ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଉମାକାନ୍ତ ରାଉତ, ନିରାକାର ସ୍ୱାଇଁ, ଶ୍ରୀକାନ୍ତ ସ୍ୱାଇଁ, ଶୁଭ୍ରାଂଶୁ ଜେନା, ଅକ୍ଷୟ ସ୍ୱାଇଁ, ବୈକୁଣ୍ଠ ରାଉତ, ଦାମୋଦର ସାହୁ, ଅମର ସ୍ୱାଇଁ, କିଶୋର ନାୟକ, ପ୍ରଦୀପ୍ତ ରାଉତ, ସରୋଜ ବେହେରା, ମିହିର ରାଉତ ପ୍ରମୁଖ ସହଯୋଗ କରିଥଲେ।

## ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ




ଡେରାବିଶ, ୨୧।୧(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ସଂଯୋଜକ ଅଧାପକ ପ୍ରଭାକର ଦାସଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ କେନ୍ଦ୍ରାପଡ଼ାର ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ମୁଖ୍ୟଅତିଥିଙ୍କ ସହ ପରିବହନ ବିଭାଗର ଅନ୍ୟ ପଦାଧିକାରୀ ସଡ଼କରେ ଯାତାୟାତ ସମୟରେ ଯାତ୍ରୀ ଓ ଚାଳକ କେଉଁ ପରିସ୍ଥିତିରେ କିଭଳି ଭାବେ ସଚେତନ ହେବେ, ସେ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧାପକ ବିନୟ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଯାତ୍ରା ସମୟରେ କିପରି ନିରାପତ୍ତା ରକ୍ଷା କରାଯିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ସୁକନ୍ୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆଞ୍ଚଳିକ ପରିବହନ ଅଧିକାରୀ, କର୍ମଚାରୀ ଓ ମହାବିଦ୍ୟାଳୟ ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ସଚେତନତା ରାଲି କରି ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧାପିକା ଶ୍ରୀମତୀ ଦାସ, ମନୀଷା ମହାରଣା, ମନୀଷା ଦାସ, ଶର୍ମିଠା ବେହେରା, ସ୍ମୃତିରେଖା ପଣ୍ଡା, ପ୍ରଜ୍ଞା ସାହୁ, ଅଧାପକ ପ୍ରଦୀପ ରାଉତ, ଶଶୀଭୂଷଣ ଜେନା, ବରଦା ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଧାନଖାଇ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଗୋବିନ୍ଦପୁର,୨୧।୧(ସମିସ): ସିଂହଗାଁ ପଞ୍ଚାୟତ ଅନ୍ତର୍ଗତ ଧାନଖାଇ ଉଚ୍ଚବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷା



କର୍ମଚାରୀ ଅଜୟ ବେହେରାଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ମୁଖ୍ୟଅତିଥି, ବର୍ଷିୟାନ୍ ଶିକ୍ଷାବିତ ରଜନୀକାନ୍ତ ଦାସ ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନଶିକ୍ଷକ ସରୋଜ ସାହୁ, ପ୍ରଧାନଶିକ୍ଷକ ସଞ୍ଜୟ ସାମଲ, କବି ବଟକୃଷ୍ଣ ପଣ୍ଡା, ସିଆରସିସି ମନୋଜ ସେଠୀ, ଶିକ୍ଷାବିତ ପ୍ରଭାକର ପାତ୍ର, ଆଦିକନ୍ଦ ବେହେରା, ଶ୍ରୀପତି ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ନୃସିଂହ ନାୟକ, ପଦ୍ମଲୋଚନ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ, ବ୍ରହ୍ମାନନ୍ଦ ମଲ୍ଲିକ, ଦିଲ୍ଲୀପ ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ସହଦେବ ସାମଲ, ଶୁଚିସ୍ମିତା ପ୍ରଧାନ, ଗୀତାଞ୍ଜଳି ସାହୁ, ବନ୍ଦିତା ସାମଲ, ରଶ୍ମିତା ଦାସ, ନିରଞ୍ଜନ ବେହେରା ପ୍ରମୁଖ ଅନୁଭୂତି ବର୍ଣ୍ଣନା କରିଥିଲେ। ବରିଷ୍ଠ ଶିକ୍ଷକ ସୁନୀଲ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରର ଶିକ୍ଷା ପରିଭ୍ରମଣ



ରାଜକନିକା,୨୧।୧(ସମିସ): ରାଜକନିକା ସଦରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଦିନିକିଆ ଶିକ୍ଷା ଭ୍ରମଣ ହୋଇଛି। ଗୁରୁଜୀ ଗୁରୁମାଙ୍କ ତତ୍ତ୍ୱାବଧାନରେ ୩୫୦ରୁ ଊର୍ଦ୍ଧ୍ୱ ଭାଇଭଉଣୀ ଆଳିର ବରାହଜୀଉ, କନିକା ରାଜବାଟୀ ଓ ପରେ କବାଟ ନ ଥିବା ଗାଁ ଶିଆଳିଆ ପରିଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ ଦାସଙ୍କ ନେତୃତ୍ୱରେ ପରିଚାଳନା କମିଟି ସମ୍ପାଦକ ପ୍ରବୀର ଦେଓ, ସଭାପତି ବିଭୂତି ଭୂଷଣ ବିଶ୍ୱାଳ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଧଳ, ଉପସଭାପତି ରବିନାରାୟଣ ବେହେରା ଓ ଆଚାର୍ଯ୍ୟ ବୈଷ୍ଣବ ନାଥ, ଅଶ୍ୱିନୀ ରାଉତ, ନିରୁପମା ନାୟକ, ମଧୁଛନ୍ଦା ମହାନ୍ତି, ରଶ୍ମିତା ବିଶ୍ୱାଳ, ଗାୟତ୍ରୀ ମଲ୍ଲିକ, ବିଦ୍ୟୁତପ୍ରଭା ବାରିକ, ବିତ୍ତସପ୍ରଭା ବେହୁରିଆ, ରାକ୍ଷୀପ୍ରଭା ସାହୁ, ମିନତୀ ଆଚାର୍ଯ୍ୟ, ସବିତା ସାମଲ, ମଧୁସ୍ମିତା ସାମଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

● ଜିଲ୍ଲାର ଉନ୍ନୟନମୂଳକ କାମ ଓ ଯୋଜନାର ସମୀକ୍ଷା ବୈଠକ

## ଗୁଣାତ୍ମକ କାମ ପାଇଁ ବିଡିଓଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୨୧।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର.ଆୟରଙ୍କ ଅଧକ୍ଷତାରେ ଜିଲ୍ଲାର ସମସ୍ତ ବିଡିଓଙ୍କ ସହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ଓ ଜନକଲ୍ୟାଣମୂଳକ ଯୋଜନାର ବ୍ଲକ୍‌ୱାରୀ ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଗ୍ରାମୀଣ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚୟତା ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ପଞ୍ଚାୟତ ଭବନ, ପଞ୍ଚାୟତ ଲର୍ଣ୍ଣିଂ



ସେଣ୍ଟର, ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ଜୀବିକା ମିଶନ, ମିଶନ ଶକ୍ତି, ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ ଆଦି ଯୋଜନାର କାର୍ଯ୍ୟାନ୍ୱୟନ ସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ବିଡିଓଙ୍କୁ ଯୋଜନାକୁ ସମୟବଦ୍ଧ, ଲକ୍ଷ୍ୟଭିତ୍ତିକ ଓ ଗୁଣାତ୍ମକ ଭାବେ କାର୍ଯ୍ୟକାରୀ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ା, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଯୋଜନାର ନୋଡାଲ ଅଧିକାରୀ ଓ ସମସ୍ତ ବିଡିଓ ଉପସ୍ଥିତ ଥିଲେ।

## ସ୍ୱରତୀର୍ଥର ବାର୍ଷିକୋତ୍ସବ ଓ ଭକ୍ତକବି ବନମାଳୀ ଦାସଙ୍କ ଓଡ଼ିଶୀ ସଙ୍ଗୀତ ସମାରୋହ

ପଟ୍ଟାମୁଣ୍ଡାଇ,୨୧।୧(ସମିସ): ପଟ୍ଟାମୁଣ୍ଡାଇର ଅଗ୍ରଣୀ ସଙ୍ଗୀତାନୁଷ୍ଠାନ ସ୍ୱରତୀର୍ଥର ଏକାଦଶତମ ବାର୍ଷିକୋତ୍ସବ ଓ ଭକ୍ତକବି ବନମାଳୀ ଦାସଙ୍କ ରଚିତ ଓଡ଼ିଶୀ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ୱରତୀର୍ଥର ସଭାପତି ଡଃ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ଅଧକ୍ଷ ସଙ୍ଗୀତଗୁରୁ ରବୀନ୍ଦ୍ରନାଥ ମିଶ୍ର ନିର୍ଦ୍ଦେଶନା ଦେଇଥିଲେ। ଶିକ୍ଷାବିତ୍ ଅଧାପକ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କଥାକାର ତଥା ପ୍ରାବନ୍ଧିକ ଡଃ ନୀଳମଣି ଲେଙ୍କା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନାରାୟଣ ସାହୁ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ସଂଗୀତଗୁରୁ ବଟକୃଷ୍ଣ ଦାସ, ସଙ୍ଗୀତଜ୍ଞ ବିମଳ ପରିଡ଼ା ଓ ଶିକ୍ଷାବିତ



ଜୟ ସାହୁ ଯୋଗଦେଇ ଓଡ଼ିଶୀ ସଙ୍ଗୀତ ଆମ ଜାତିର ମୁଖଶାଳା ଓ ଆମ ମାଟିର ଅସ୍ମିତା ବୋଲି ମତବ୍ୟକ୍ତ କରିଥିଲେ। କଣ୍ଠଶିଳ୍ପୀ ସୁଶ୍ରୀ ସାଗରିକା ପଣ୍ଡା, ପ୍ରୀତିନନ୍ଦା ପରିଡ଼ା, ଲୋପିତା ସାହୁ, ମୈଥିଲେଶ ସ୍ୱାଇଁ, ମାନସ ମହାରଣା, ରେଶମା ସ୍ୱାଇଁ, ମନସ୍ୱିନୀ ତରାଇ, ଆୟୁଶ୍ରୀ ଦାସ, କବିରାଣୀ ଦାସ, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଶିଳ୍ପୀ ରଶ୍ମିରଞ୍ଜନ ମିଶ୍ର ସହଯୋଗ କରିଥିଲେ। ପରେ ବାଦ୍ୟଗୁରୁ ଅମୃତରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ତବଲା ବାଦନ ସ୍ୱରତୀର୍ଥର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶିକ୍ଷାବିତ୍ ନିଗମ ସାହୁ, ଅଲେଖ ମହାଭୋଇ, ଶିକ୍ଷାବିତ୍ ମହେନ୍ଦ୍ର ପଟ୍ଟନାୟକ, ସୁବ୍ରତ ମଥାନ, ବ୍ରଜବନ୍ଧୁ ଦାଶ, ଚିତ୍ରଗୁରୁ ରମେଶ ଦେ, ସଲୀଳ ପ୍ରଧାନ, ପ୍ରମୋଦ ଦାସ, ଆଇନଜୀବୀ ରାମଚନ୍ଦ୍ର ଦାଶ, ଶିକ୍ଷାବିତ୍ ଆରାଧନା ଦାଶ, ବିଭୂତି ଭୂଷଣ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସଙ୍ଗୀତଗୁରୁ ରବୀନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷାବିତ୍ ଲକ୍ଷ୍ମୀଧର ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୨୧।୧(ସମିସ): ବିଶିଷ୍ଟ ସାମ୍ୟବାଦୀ ନେତା ଶିକ୍ଷାବିତ ଲକ୍ଷ୍ମୀଧର ପାତ୍ରଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ବେଲତଳଠାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ଅଧାପକ ଗୋଲେଖ ମହାରଣାଙ୍କ ପୌରୋହିତ୍ୟ ଓ ବରିଷ୍ଠ ନାଗରିକ ପ୍ରମୋଦ ସାହୁ, ଯୁବ ସମାଜସେବୀ ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ



ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ ଜେନା, କିଶୋର ତରାଇ ଓ ରାଧାକାନ୍ତ ସେଠୀ, ଜିଲ୍ଲା ପରିଷଦ ପ୍ରାକ୍ତନ ଅଧକ୍ଷା ଗୀତାଞ୍ଜଳି ସେଠୀ, ବରିଷ୍ଠ ନେତା ଡା. ବାସୁଦେବ ପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ବ୍ଲକ ଅଧକ୍ଷ ନିଶିକାନ୍ତ ପ୍ରଧାନ, ପ୍ରାକ୍ତନ ବରିଷ୍ଠ ପ୍ରଶାସକ ଡ. କେଳୁ ଚରଣ ସ୍ୱାଇଁ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ପ୍ରାକ୍ତନ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ବିଜେଡି ନେତା ଅମୂଲ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୁବାସ ପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ରଞ୍ଜିତ ପ୍ରାତ୍ର, ଚନ୍ଦନ ପାତ୍ର, ପ୍ରକାଶ ପାତ୍ର, ଅବନୀ ପାତ୍ର, ଶୁଭେନ୍ଦୁ ପାତ୍ର, ସମୀର ପାତ୍ର ପରିଚାଳନା କରିଥିବାବେଳେ ରଶ୍ମି ପାତ୍ର, ଅନୁପ ପାତ୍ର, ପ୍ରଫୁଲ୍ଲ ପାତ୍ର, ମାତୃପ୍ରସାଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ୨୬ରେ ବସନ୍ତପୁର ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ଗରଦପୁର,୨୧।୧ (ସମିସ): ଗରଦପୁର ବ୍ଲକ୍ ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ଅବସ୍ଥିତ ଶ୍ରୀଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୬ ତାରିଖରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପେଣ୍ଟିଂ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ଉପରେ ଆଧାରିତ ଏହି ପ୍ରତିଯୋଗିତା ନର୍ସରୀଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ୪ଟି ଗ୍ରୁପ୍‌ରେ ଅନୁଷ୍ଠିତ ହେବ। ସାଇ ମନ୍ଦିର ପରିସରରେ ପ୍ରତିଯୋଗିତା ୨୬ ତାରିଖ ସକାଳ ୯ଟାରୁ ଆରମ୍ଭ ହେବ। ନର୍ସରୀଠାରୁ ଷ୍ଟାଣ୍ଡାର୍ଡ-୧ ପର୍ଯ୍ୟନ୍ତ କିଡ୍‌ସ ଗ୍ରୁପ୍, ଷ୍ଟାଣ୍ଡାର୍ଡ-୨ରୁ ୪ର୍ଥ ପର୍ଯ୍ୟନ୍ତ ସବ୍‌ଜୁନିୟର ଗ୍ରୁପ୍, ଷ୍ଟାଣ୍ଡାର୍ଡ-୫ରୁ ୭ ପର୍ଯ୍ୟନ୍ତ ଜୁନିୟର ଓ ଷ୍ଟାଣ୍ଡାର୍ଡ-୮ ଓ ତାହାଠାରୁ ଉପର ସିନିୟର ଗ୍ରୁପ୍ କରାଯାଇଛି। ଚିତ୍ରାଙ୍କନ ଓ ପେଣ୍ଟିଂ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ପ୍ରତିଯୋଗୀ ନିଜର କ୍ଲିପ୍ ବୋର୍ଡ, ପେନସିଲ, ରଙ୍ଗ ବାକ୍ସ ଓ ଆବଶ୍ୟକ ଉପକରଣସହ ଆସିବାକୁ କୁହାଯାଇଛି। ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ କେବଳ ଭକ୍ତିମୂଳକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯିବ। ପ୍ରତି ପ୍ରତିଯୋଗୀଙ୍କୁ ୩ରୁ ୫ ମିନିଟ୍ ସମୟ ଦିଆଯିବ। ଅଂଶଗ୍ରହଣ ପାଇଁ କୌଣସି ପ୍ରକାର ଶୁଳ୍କ ନିଆଯିବ ନାହିଁ। ଏ ସମ୍ପର୍କରେ ଗରଦପୁର ବ୍ଲକ୍‌ର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ସହ ସମସ୍ତ ସିଆରସିସିଙ୍କୁ ବ୍ଲକ୍ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

## ରାଜନଗରରେ ସ୍ୱଦେଶୀ ସଂକଳ୍ପ ଦୌଡ଼

ରାଜନଗର,୨୧।୧(ସମିସ): ଆଜି ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ରାଜନଗରରେ ସ୍ୱଦେଶୀ ସଂକଳ୍ପ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହା ବ୍ଲକ ପରିସରରୁ ବାହାରି ଭାରତୀୟ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ଯାଇଥିଲା। ସ୍ୱଦେଶୀ ଭାରତ, ସମୃଦ୍ଧି ଭାରତ, ଯେବେ ବଜାରରୁ ଜିନିଷ କିଣିବା ସ୍ୱଦେଶୀ ବସ୍ତୁ କିଣିବା ଓ ଫ୍ଲିପକାର୍ଡ, ଆମାଜନ ଛାଡି ବଜାରରୁ ଜିନିଷ କିଣିବା ଇତ୍ୟାଦି ନାରା




ଦେଇଥିଲେ। ପରେ ବ୍ୟାଙ୍କ ଛକରେ ଭାରତ ମାତା କୋଚିଂ ସେଣ୍ଟରର ଅଧାପକ ସଞ୍ଜୟ ବାଗ ସମସ୍ତଙ୍କୁ ସ୍ୱଦେଶୀ ବସ୍ତୁ ବ୍ୟବହାର କରିବାକୁ ଶପଥ ପାଠ କରାଇଥିଲେ। ଜିଲ୍ଲା ସଂଯୋଜକ ମନୋରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅଧାପକ ଶ୍ରୀ ବାଗ, ବିଦ୍ୟାର୍ଥୀ ପରିଷଦର ନଗର ସହସମ୍ପାଦିକା ସୁମିତ୍ରା ଦାସ, ମିଡ଼ିଆ ପ୍ରମୁଖ ଭଗୀରଥ ମଣ୍ଡଳ, ଅବିନାଶ କୁଣ୍ଡ, ବିକ୍ରମ ବିଶ୍ୱାଳ ପ୍ରମୁଖଙ୍କ ସମେତ ବଣିକ ସଙ୍ଘ ସଦସ୍ୟ ଓ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଆଖୁଆଦକ୍ଷିଣ ଧାନମଣ୍ଡି ଉଦ୍‌ଘାଟିତ

ମାର୍ଶାଘାଇ,୨୧।୧(ସମିସ): ମାର୍ଶାଘାଇ ବ୍ଲକ୍ ଆଖୁଆଦକ୍ଷିଣୀ ପ୍ରାଥମିକ କୃଷି ସମବାୟ ସମତି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଦାସ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବିଶ୍ୱଜିତ ବାରିକ, ସମବାୟ ଉପସଭାନେତ୍ରୀ ନଳିନୀପ୍ରଭା ସ୍ୱାଇଁ, ସମବାୟ ନିର୍ଦ୍ଦେଶକ ନିବାସ ନାୟକ, ବିଜୟ ସ୍ୱାଇଁ,



ପ୍ରଫୁଲ୍ଲ ମଲ୍ଲିକ୍, ରତ୍ନାକର ପଟ୍ଟନାୟକ, ଦୁଲ୍ଲଭ ଲେଙ୍କା, ପ୍ରବୀଣ ପରିଡ଼ା, ପ୍ରତାପ ପରିଡ଼ା, ସଚ୍ଚିତ୍ର ପରିଡ଼ା, ଶ୍ରୀନିବାସ ପରିଡ଼ା ପ୍ରମୁଖ ଯୋଗଦେଇଲେ। ୩ଟି ପଞ୍ଚାୟତର ୧୩୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ସମ୍ପାଦକ ଶ୍ରୀ ବାରିକ କହିଛନ୍ତି।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ବୈଠକ



ଡେରାବିଶ, ୨୧।୧(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ୍ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହୃଷିକେଶ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଶ୍ରମିକମାନେ ତାଙ୍କ ସମସ୍ୟାର ସମାଧାନ ପାଇଁ ଧୈର୍ଯ୍ୟର ସହ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିବାକୁ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଶ୍ରମିକ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବାରୁ ପୁଣି ଜିଲ୍ଲା କମିଶନରଙ୍କୁ ଦେଖା କରି ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନିରୁଦ୍ଧ ପୃଷ୍ଟି, ଭଗବାନ ବେହେରା, ମୃତ୍ୟୁଞ୍ଜୟ ଘଡ଼ାଇ, ସଞ୍ଜୀବ ମହାନ୍ତି, ଦିବାକର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ହରି ମାହାଳି ଧନ୍ୟବାଦ ଅର୍ପଣ କରିଥିଲେ।

## ପଙ୍କଜ ଦାସ ବ୍ଲକ୍ କଂଗ୍ରେସ ସଭାପତି



ରାଜକନିକା,୨୧।୧(ସମିସ): ସାରା ରାଜ୍ୟରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରାଯାଇ ନେତୃତ୍ୱ ପରିବର୍ତ୍ତନ କରାଯାଉଛି। ଏହି କ୍ରମରେ କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ଓ ଜିଲ୍ଲା ସଭାନେତ୍ରୀ ଡା. ଦେବସ୍ମିତା ଶର୍ମାଙ୍କ ଅନୁମୋଦନ କ୍ରମେ ରାଜକନିକା ବ୍ଲକ କଂଗ୍ରେସ ସଭାପତି ପଦବୀ ପାଇଁ ପଙ୍କଜ ଦାସଙ୍କୁ ମନୋନୀତ କରାଯାଇଛି। ପଙ୍କଜ ପୂର୍ବରୁ ତ୍ରୈଲୋକ୍ୟପୁର ପଞ୍ଚାୟତ ସଭାପତି ଓ ଜଣେ ଦକ୍ଷ ସରପଞ୍ଚ ଥିଲେ। ଏ ଖବର ପ୍ରଚାରିତ ହେବାପରେ ବ୍ଲକର ୨୯ଟି ପଞ୍ଚାୟତ ଓ ଜିଲ୍ଲାସ୍ତରୀୟ କଂଗ୍ରେସ ଶିବିରରୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କ ପୂର୍ବରୁ ମଙ୍ଗୁଳି ଚରଣ ବେହେରା ସଭାପତି ଥିଲେ।

## ଯାତ୍ରାରେ ନଗ୍ନତା ବିରୋଧରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



କେନ୍ଦ୍ରାପଡ଼ା,୨୧।୧(ସମିସ): ଯାତ୍ରା ପରିବେଷଣରେ ବଢୁଥିବା ଅଶ୍ଳୀଳତା ଓ ନଗ୍ନତାକୁ ବିରୋଧ କରି ସଂସ୍କୃତିର ଶୁଦ୍ଧିକରଣ ଦାବିରେ କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରା କମିଟି ପକ୍ଷରୁ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଜିଲ୍ଲାରେ ଯାତ୍ରାର ସଠିକ, ସୁସଂଗଠିତ ଓ ସଂସ୍କୃତିମୟ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯାତ୍ରା ସଂଘ ମଧ୍ୟରେ ସମନ୍ୱୟ ଅତ୍ୟାବଶ୍ୟକ। କୌଣସି ସ୍ଥାନରେ ଯାତ୍ରା ପରିବେଷଣ ପାଇଁ ଅନୁମତି ପ୍ରଦାନ କରିବା ପୂର୍ବରୁ ଯଦି ଜିଲ୍ଲା ଯାତ୍ରା ସଂଘର ସୁପାରିଶ ଗ୍ରହଣ କରାଯାଏ, ତେବେ ଯାତ୍ରା ଅନୁଷ୍ଠାନ ସମୟରେ କୌଣସି ପ୍ରକାର ସମସ୍ୟା ଉପୁନ୍ନ ହେବ ନାହିଁ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲ୍ଲା ଉପସଭାପତି ସଂଗ୍ରାମ ମହାପାତ୍ର, ସଂଯୋଜକ ସମୀର ବାରିକ, ମାର୍ଶାଘାଇ ବ୍ଲକ ସମ୍ପାଦକ ଆଦିତ୍ୟ ଲେଙ୍କା, ଗରଦପୁର ବ୍ଲକ୍ ସହସମ୍ପାଦକ କବୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗଛରୁ ପଡ଼ି ଶ୍ରମିକ ମୃତ

କେନ୍ଦ୍ରାପଡ଼ା,୨୧।୧(ସମିସ): ନିକିରାଇ ଥାନା ଅନ୍ତର୍ଗତ ପାଳକଣା ଗାଁରେ ଗଛ କାଟିବା ସମୟରେ ଖସି ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ସ୍ଥାନୀୟ ଧୂମାତ ଗାଁର ମାନିଆ ମଳିକ (୪୦) ବୋଲି ଜଣାପଡ଼ିଛି। ମାନିଆ ପାଳକଣା ଗାଁରେ ଜଣେ କାଠ ବ୍ୟବସାୟୀଙ୍କ ଦ୍ୱାରା ଚାକୁଣ୍ଡା ଗଛ କାଟିବା ପାଇଁ ନିୟୋଜିତ ହୋଇଥିଲେ। ଗଛରେ ଚଢ଼ି କାଟୁଥିବାବେଳେ ଗୋଡ଼ ଖସିଯିବାରୁ ସେ ବହୁ ଉଚ୍ଚରୁ ତଳକୁ ପଡ଼ିଯାଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡ଼ିକାଲ ନେଇଥିଲେ ହେଁ କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ନିକିରାଇ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ବ୍ୟବସାୟୀ ସୁବାସ ମଲିକ ହତ୍ୟା ଘଟଣା

## ସିସିଟିଭି ଆଧାରରେ ଜଣେ ସନ୍ଦିଗ୍ଧ ଅଟକ

କେନ୍ଦ୍ରାପଡ଼ା,୨୧।୧(ସମିସ)

ବ୍ୟବସାୟୀ ସୁବାସ ମଲିକଙ୍କୁ ଜୀବନ୍ତ ଜଳାଇ ନିର୍ମମ ହତ୍ୟା ଘଟଣାକୁ ନେଇ ପୁଲିସ ତଦନ୍ତ ତେଜ ହୋଇଛି। ପ୍ରାୟ ମାସକ ପରେ ସିସିଟିଭି ଫୁଟେଜ୍‌କୁ ଆଧାର କରି କୁଦାନଗରୀ ପୁଲିସ ବୁଧବାର ସେହି ଅଞ୍ଚଳର ଜଣଙ୍କୁ ଉଠାଇ ନେଇ ପଚରାଉଚରା ଆରମ୍ଭ କରିଛି।

ଗତ ଡିସେମ୍ବର ୨୭ ତାରିଖ ବିଳମ୍ବିତ ରାତିରେ ସୁବାସ ଦୋକାନରେ ଶୋଇଥିବାବେଳେ ବାହାର ପଟୁ ବନ୍ଦ କରି ତାଙ୍କୁ ଜୀବନ୍ତ ଜଳାଇ ହତ୍ୟା କରାଯାଇଥିଲା। ତଦନ୍ତ ସମୟରେ ପୁଲିସ ଗୁରୁତ୍ୱପୂର୍ଣ୍ଣ ସୂତ୍ର ହାସଲ କରିଛି। କେନାଲ ଭିତରୁ ସୁବାସଙ୍କ ବ୍ୟବସାୟରେ ବ୍ୟବହୃତ ୩ରୁ ୪ଟି ଷ୍ଟିଲ ଗାଙ୍ଗୁଲା ଓ ୫ରୁ ୬ଟି ପ୍ଲାଷ୍ଟିକ ଟ୍ରେ ଜବତ କରାଯାଇଥିଲା। ଏହି ସାମଗ୍ରୀକୁ ହତ୍ୟା ପରେ ଦୋକାନରୁ ନେଇ କେନାଲକୁ ଫିଙ୍ଗାଯାଇଥିବା ସନ୍ଦେହ ପୁଲିସ ପ୍ରକାଶ କରିଛି। ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ସ୍ପଷ୍ଟ ସଙ୍କେତ ଦେଉଛି। ସନ୍ଧାନୀ କୁକୁର ଲଗାଯାଇ ହତ୍ୟାକାରୀଙ୍କ ଗତିପଥ ଖୋଜାଯାଇଥିବାବେଳେ ଘଟଣାର ପୂର୍ବ ଓ ପରବର୍ତ୍ତୀ ଘଟଣାକ୍ରମ ହତ୍ୟାର କାରଣକୁ ଆହୁରି ଗଭୀର କରିଛି। ଘଟଣାର ପୂର୍ବ ରାତିରେ ନିକଟସ୍ଥ ଏକ ମଣ୍ଡପରେ ଫିଷ୍ଟ ଭୋଜି ହୋଇଥିଲା। ସେଠାରେ ଗଣ୍ଡଗୋଳ ଓ ପେଲାଠେଲା ହୋଇଥିଲା। ପୁଲିସ ସେହି ଭୋଜିରେ କିଏ କିଏ ସାମିଲ ଥିଲେ, ସେନେଇ ତଥ୍ୟ ସଂଗ୍ରହ କରିଛି। ଏହି ଗଣ୍ଡଗୋଳରୁ ହତ୍ୟାକାଣ୍ଡ ଘଟିଥିବା ସମ୍ଭାବନାକୁ ବାଦ ଦିଆଯାଇନାହିଁ। ଏହାବ୍ୟତୀତ ପୂର୍ବରୁ ବିଳମ୍ବିତ ରାତିରେ ସୁବାସଙ୍କ ଦୋକାନକୁ ଗୋଇଠା ମରାଯାଇଥିବା ଓ ଏହାକୁ ନେଇ କିଛି ଯୁବକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିବା ସାମ୍ନାକୁ ଆସିଛି। ସେ ସମୟରେ କିଛି ସନ୍ଦେହଭାଜନ ତାଙ୍କ ବାଇକ୍ ଛାଡ଼ି ପଳାଇଯାଇଥିବା କଥା ଅଞ୍ଚଳବାସୀ କହୁଛନ୍ତି। ଏ ସମସ୍ତ ପାରିପାର୍ଶ୍ୱିକ ପରିସ୍ଥିତି ହତ୍ୟାର କାରଣ ଥାଇପାରେ ବୋଲି ଚର୍ଚ୍ଚା ଚାଲିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ, ମଣ୍ଡପ ନିକଟରୁ ସୁବାସଙ୍କ ଦୋକାନ ପର୍ଯ୍ୟନ୍ତ ବିଭିନ୍ନ ସିସିଟିଭି ଫୁଟେଜକୁ ଆଧାର କରାଯାଇ ତଦନ୍ତ ହେଉଛି। କୌଣସି ଦିଗକୁ ବାଦ ନ ଦେଇ ସମସ୍ତ ପ୍ରମାଣ, ସାକ୍ଷ୍ୟ ଓ ପରିସ୍ଥିତିକୁ ଆଧାର କରି ତଦନ୍ତ ଚାଲିଛି। ଶୀଘ୍ର ହତ୍ୟାକାଣ୍ଡର ସଠିକ୍ କାରଣ ସହ ଦୋଷୀଙ୍କୁ ଚିହ୍ନଟ କରାଯିବ।

# କଲେଜ ଛାତ୍ରଛାତ୍ରୀଙ୍କ ବିଶ୍ୱ ଯୁବକେନ୍ଦ୍ର ପରିଦର୍ଶନ




କିଶୋରନଗର, ୨୧।୧(ସମିସ): ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଛାତ୍ରଛାତ୍ରୀମାନେ ବୁଧବାର ବିଶ୍ୱ ଯୁବକେନ୍ଦ୍ର, ବଣିନାଳୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସହଯୋଗରେ ୨୦ ଛାତ୍ରଛାତ୍ରୀ ପରିଦର୍ଶନରେ ଆସିଥିଲେ। ବିଶ୍ୱ ଯୁବକେନ୍ଦ୍ର ତରଫରୁ ସେମାନଙ୍କୁ ସ୍ୱାଗତ କରାଯାଇ ଗୁଣ୍ଡୁରିଖଲି ଗ୍ରାମରେ ଚାଲୁଥିବା ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମ କିପରି କାର୍ଯ୍ୟକାରୀ ହେଉଛି ସେ ସମ୍ବନ୍ଧରେ ଅବଗତ କରିଥିଲେ। ମାନସିକ ରୋଗୀଙ୍କୁ ଚିହ୍ନଟ, ଡାକ୍ତରୀ ପରାମର୍ଶ, ଭତ୍ତା, ଭିନ୍ନକ୍ଷମ ପ୍ରମାଣପତ୍ର ଆଦି ବିଷୟରେ ବର୍ଣ୍ଣନା କରିବା ସହ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ଚିହ୍ନଟ କରାଯାଇଥିବା ମାନସିକ ରୋଗୀଙ୍କ ସହ ସାକ୍ଷାତ କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପିଲାମାନଙ୍କୁ ସମାଜ ଗଠନରେ ସ୍ୱେଚ୍ଛାସେବୀ ସଂଗଠନର ଭୂମିକା, ଚାଲୁଥିବା ବିଭିନ୍ନ ପ୍ରକଳ୍ପ ଦ୍ୱାରା କିପରି ଲୋକେ ଲାଭବାନ ହେଉଛନ୍ତି ସେ ସମ୍ପର୍କରେ ଜଣାଇଥିଲେ। ସଂଯୋଜିକା ଶାଶ୍ୱତି ମିଶ୍ର, ଅଧ୍ୟାପକ ଶଶାଙ୍କ ପ୍ରଧାନ, ଚମ୍ପକ କୁମାର ସାହୁ, ଅଧ୍ୟାପିକା ଓମ ବଙ୍ଗମୟୀ କବିକନ୍ୟା, କ୍ରିଷ୍ଟାରାଣୀ ଲିମା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜିକା ପୂଜା ସ୍ୱାଇଁ ଓ ଜ୍ୟୋସ୍ମିତା ପ୍ରଧାନ, ସଂଯୋଜକ ଅଭିଷେକ ମହାପାତ୍ର ଓ ଅଭୟ ଚରଣ ସ୍ୱାଇଁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଘାଟିତ

ଅନୁଗୋଳ, ୨୧।୧(ସମିସ)



ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ବିଦ୍ୟାର୍ଥୀଙ୍କ ସମୃଦ୍ଧିରେ ଦେଶର ସମୃଦ୍ଧି ନିର୍ଭର କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଦେବାଶିଷ ସାହୁ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ଜିଲ୍ଲାର ୧୧ ପିଏମଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିନୀତ ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ ଅନ୍ୟତମ ଆକର୍ଷଣ ଭାବେ ସମସ୍ତଙ୍କ ମନ ମୋହିଥିଲା। ଏହାସହ ପିଏମଶ୍ରୀ ଦୋକାନ ଯାତ୍ରା, ଆକାଂକ୍ଷୀ ମେଳା, କ୍ରୀଡ଼ାଙ୍ଗନ, କୁଶଳୀ, ଜିଜ୍ଞାସା ଓ ସାହିତ୍ୟ ସୃଜନୀ ଆଦି ଆକାଂକ୍ଷୀ ପାଠ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଅନୁଗୋଳ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

● ବିନା ଅନୁମତିରେ ରାସ୍ତା ଖୋଳା

# ଡୁଆରେ ଜନସ୍ୱାସ୍ଥ୍ୟ ବିଭାଗ



ଅନୁଗୋଳ, ୨୧।୧(ସମିସ): ବୁଧବାର ସକାଳେ ସ୍ଥାନୀୟ ଅମଲାପଡ଼ାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପଲାଇନ କାମ ପାଇଁ ପୌରପାଳିକାର ଅନୁମତିରେ କଂକ୍ରିଟ ରାସ୍ତା ଖୋଳିବାକୁ ଯିବାବେଳେ ଖବର ପାଇ ପୌରପାଳିକାର ଟାସ୍କଫୋର୍ସ ଟିମ ଘଟଣାସ୍ଥଳରେ ପହଞ୍ଚି ପୋକ୍ଲେନ, ଭାଇବ୍ରେଟର, ଡିଜି ଆଦି ଜବତ କରି ନେଇଛନ୍ତି। ବିନା ଅନୁମତିରେ ଗୋଟିଏ ସରକାରୀ ବିଭାଗର ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ, ୨୧।୧(ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ପୋକ୍ସୋ କୋର୍ଟ ବୁଧବାର ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ଏନଟିପିସି ଥାନା ଟୋଲକବେଡ଼ା ଗ୍ରାମର ବିଶ୍ୱାସ ନାଏକ। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ସେପ୍ଟେମ୍ବର ୩ରେ ବିଶ୍ୱାସ ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ଅପହରଣ କରି ଆନ୍ଧ୍ରପ୍ରଦେଶ ନେଇଯାଇଥିଲେ। ସେଠାରେ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ପୁଲିସ ତଦନ୍ତ କରି ନାବାଳିକାଙ୍କୁ ଆନ୍ଧ୍ରପ୍ରଦେଶରୁ ଉଦ୍ଧାର କରିବା ସହ ବିଶ୍ୱାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ପୋକ୍ସୋ କୋର୍ଟ ବିଚାରପତି ସୌମ୍ୟା ଶୁଭଦର୍ଶିନୀ ବିଶ୍ୱାସଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦିଲୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍ ଅଭିଯାନ

ଅନୁଗୋଳ, ୨୧।୧(ସମିସ): ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ତରଫରୁ ଦୁଇଦିନିଆ ସ୍ଥାୟୀ ବିକାଶ ଲକ୍ଷ୍ୟ ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍ ଉପରେ ସଚେତନତା ଅଭିଯାନ ଆୟୋଜନ କରାଯାଇଛି। ପ୍ରଥମ ଦିନରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟଠାରେ ୧୭ଟି ଏସ୍‌ଡିଜି ବିଷୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶେଷ ଦିନରେ ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କଲେଜସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ପରିବେଶ ପ୍ରଦୂଷଣ, ଲିଙ୍ଗଗତ ସମାନତା, ପରିମଳ, ସ୍ୱଚ୍ଛଶକ୍ତି ଏବଂ ଏହାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଭଳି ବିଷୟ ଉପରେ କହିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲ ଯୋଗଦେଇ ଛାତ୍ରଛାତ୍ରୀ କିପରି ସ୍ଥାୟୀ ବିକାଶ ଲକ୍ଷ୍ୟ ନିମନ୍ତେ ସଜାଗ ହୋଇପାରିବେ ସେ ବିଷୟରେ କହିଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଗାନେ ମୁର୍ମୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଜାଗ୍ରତ କଲେ ସଶକ୍ତ ରାଷ୍ଟ୍ର ସମ୍ଭବ ବୋଲି କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ଅଧ୍ୟାପକ ଅଧ୍ୟାପିକା, ଅଭିଭାବକଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# 'ନାଲକୋ ଓଡ଼ିଶାର ପ୍ରଗତିର ସାଥୀ'






● ପ୍ରାରମ୍ଭରୁ କ୍ରମାନ୍ୱୟରେ ଲାଭ କରିଚାଲିଛି
● ମହାରତ୍ନ ମାନ୍ୟତା ବାଟରେ ଚାଲୁଛି କମ୍ପାନୀ

ଅନୁଗୋଳ, ୨୧।୧(ସମିସ): ବିଂଶ ଶତାବ୍ଦୀର ୮୦ ଦଶକରେ ଭାରତ ସରକାରଙ୍କ ସର୍ବବୃହତ ଆଲୁମିନିୟମ କମ୍ପାନୀ ନାଲକୋ ପ୍ରତିଷ୍ଠା ହେବା ଦିନରୁ ଆଜିଯାଏଁ କ୍ରମାଗତ ଭାବେ ଲାଭବାନ ହୋଇ ଦେଶ ପ୍ରଗତିରେ ସାମିଲ ହୋଇଛି। ନାଲକୋ ଓଡ଼ିଶାର ପ୍ରଗତିର ସାଥୀ ହୋଇଛି। ନାଲକୋକୁ ଆଧୁନିକ କୋଣାର୍କର ଆଖ୍ୟା ମିଳିଛି। ନାଲକୋର ସମ୍ପ୍ରସାରଣ ଯୋଜନା ରହିଛି। ଦାମନଯୋଡ଼ିଠାରେ ବକ୍ସାଇଟ ଖଣି ମଧ୍ୟ ସମ୍ପ୍ରସାରଣ ହେଉଛି। ନାଲକୋର ମୁଖ୍ୟ ୟୁନିଟ ସ୍ମେଲଟର କାରଖାନା ୨୦୩୦ ସୁଦ୍ଧା ଉତ୍ପାଦନ କ୍ଷମତା ଦ୍ୱିଗୁଣିତ କରିବ। ଏହି ଆଶା ନେଇ ନାଲକୋକୁ ଆଗକୁ ବଢ଼ି ନବରତ୍ନରୁ ଉନ୍ନୀତ ହୋଇ ମହାରତ୍ନର ମାନ୍ୟତା ପାଇଁ ଆଶାବାଦୀ ରହିଛୁ ବୋଲି ନାଲକୋ ମାନବ ସମ୍ବଳ ନିର୍ଦ୍ଦେଶକ ଆଶୁତୋଷ ରଥ ପ୍ରକାଶ କରିଛନ୍ତି। ଅନୁଗୋଳସ୍ଥିତ ନାଲକୋ ଏସ ଏଣ୍ଡ ପି କମ୍ପ୍ଲେକ୍ସରେ ଆୟୋଜିତ ବାର୍ଷିକ ପ୍ରେସ ମିଡିଆ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରଥ କହିଥିଲେ ଯେ ନାଲକୋ ଲାଭାଂଶର ୨ ପ୍ରତିଶତ ସିଏସଆର ଯୋଜନାରେ ଖର୍ଚ୍ଚ କରିବାଠାରୁ ଅଧିକ ଖର୍ଚ୍ଚ କରୁଛି। ଚଳିତ ବର୍ଷ ୭୦ରୁ ୮୦ କୋଟି ଟଙ୍କା ଏହି ଯୋଜନାରେ ବ୍ୟୟବରାଦ ହୋଇଛି। ପାରିପାର୍ଶ୍ୱିକ ଗ୍ରାମବାସୀଙ୍କ ପାଇଁ ଘର ମୁହଁରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛୁ। ବାର୍ଷିକ ପ୍ରାୟ ୧ ଲକ୍ଷ ୨୦ ହଜାର ଲୋକଙ୍କୁ ମାଗଣାରେ ଚିକିତ୍ସା ଓ ଔଷଧ ବିତରଣ କରୁଛୁ। ଏଥିସହ ଗ୍ରାମବାସୀଙ୍କ ପାଇଁ ସ୍ୱତନ୍ତ୍ର ବହିର୍ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ଯେଉଁଠି ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। କନ୍ୟାରତ୍ନଙ୍କ ଶିକ୍ଷା, ଆଦିବାସୀଙ୍କ ଶିକ୍ଷା, ଏବଂ ନାଲକୋ ଲାଡ୍‌ଲି ଯୋଜନାରେ ଶିକ୍ଷା ଦେଉଛୁ। ପାରିପାର୍ଶ୍ୱିକ ଅଞ୍ଚଳର ଯୁବପିଢ଼ିଙ୍କ ଦକ୍ଷତା ବିକାଶ କରି ବିଭିନ୍ନ କମ୍ପାନୀରେ ସେମାନଙ୍କ ନିଯୁକ୍ତି ପାଇଁ ନାଲକୋ ସୁଯୋଗ ସୃଷ୍ଟି କରୁଛି। ପରିବେଶ ପ୍ରଦୂଷଣ ଦିଗରେ ନାଲକୋ ସର୍ବଦା ଯତ୍ନଶୀଳ ରହିଛି। ପ୍ରଦୂଷଣ ପରିଚାଳନାରେ ଅପଗ୍ରେଡ୍ କରୁଛି ବୋଲି ସେ କହିଥିଲେ। ସମାବେଶରେ ନାଲକୋ ଏସ ଆଣ୍ଡ ପି କମ୍ପ୍ଲେକ୍ସର ଇଡି, ସମସ୍ତ ଜିଏମ ଉପସ୍ଥିତ ଥିଲେ। ଜିଏମ ରାଜାରାମ ମିଶ୍ର ଏବଂ ଲୋକସମ୍ପର୍କ ବିଭାଗ, ନାଲକୋ ଫାଉଣ୍ଡେସନ ବିଭାଗ ଅଧିକାରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ



ପାଲଲହଡ଼ା, ୨୧।୧(ସମିସ): ପାଲଲହଡ଼ା ଉପଖଣ୍ଡ ଶରତ ଚନ୍ଦ୍ର କ୍ଲବରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ତଥା ସାମୂହିକ ବନ୍ଦେ ମାତରମ୍ ଗାନ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ରାଷ୍ଟ୍ରୀୟ ଗୀତର ଗୌରବମୟୀ ଇତିହାସ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଡିଓ ନିଶାନ ମିଶ୍ର, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ବିଜେପି ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ପଞ୍ଚାନନ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ସୁର ସଙ୍ଗମ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




କଣିହାଁ, ୨୧।୧(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ସୁର ସଙ୍ଗମ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ସଭାପତି ରବିନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଓଏଚପିସିର ସିନିୟର ଜିଏମ ସରୋଜ କୁମାର ବହିଦାର, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ, ଧ୍ରୁବଚରଣ ଧିର, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ମହାବିଦ୍ୟାଳୟର କଳାକାରଙ୍କ ଦ୍ୱାରା ମଧ୍ୟରାତ୍ର ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# 'ସ୍ମୃତିରେ ତୁମେ ଖୋକାଭାଇ' ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ



ତାଳଚେର, ୨୧।୧(ସମିସ): ସ୍ମୃତିରେ ତୁମେ ଖୋକାଭାଇ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଳଚେର ହାଟତୋଟା ମାର୍କେଟ କମ୍ପ୍ଲେକ୍ସଠାରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ତାଳଚେର ଏସ୍‌ଡିପିଓ ଭରତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଦେବୀ ମିଶ୍ର ଯୋଗଦେଇ ସଙ୍ଗୀତ ଦୁନିଆକୁ ଖୋକାଭାଇ ଅକ୍ଷୟ ମହାନ୍ତିଙ୍କ ଅବଦାନ ଚିର ସ୍ମରଣୀୟ ବୋଲି କହିଥିଲେ। ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଡ. ଦେବେନ୍ଦ୍ର କୁମାର ସିଂ, ସାଧାରଣ ସମ୍ପାଦକ ସାମ୍ବାଦିକ ଭାଗ୍ୟରଥୀ ମହାପାତ୍ର, ସହସମ୍ପାଦକ ଦୀପକ କୁମାର ଦେବତା ସଙ୍ଗୀତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କଳାକାରଙ୍କ ଦ୍ୱାରା ପରିବେଷିକ ଅକ୍ଷୟ ମହାନ୍ତିଙ୍କ ଅନେକ ସୁପରହିଟ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁଷ୍ଠାନର ଉପଦେଷ୍ଟା ସମାଜସେବୀ ଜ୍ୟୋତିରଞ୍ଜନ ଦାସ, ଆଇନଜୀବୀ ରାଜେନ୍ଦ୍ର ସିଂ, ଶ୍ରମିକ ନେତା ସୁଲେଖ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଜେବିଆର ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ, ଯୁବ ଆଇନଜୀବୀ ଜ୍ଞାନେଶ୍ୱର ସାହୁ, କବୟିତ୍ରୀ ରତ୍ନପ୍ରଭା ବାଇ, ସମାଜସେବୀ କ୍ଷୀରୋଦ ସାହୁ, ବାପି ମହାନ୍ତି ପ୍ରମୁଖଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଦ୍ୟୁତ୍ ଚାର୍ଜହୋଇ ପୋଡ଼ିଗଲା ଲକ୍ଷାଧିକ ଟଙ୍କାର ଘରୋଇ ଉପକରଣ



ତାଳଚେର, ୨୧।୧(ସମିସ): ତାଳଚେର ପୌରପରିଷଦ କାର୍ଯ୍ୟାଳୟ ପଛପାର୍ଶ୍ୱରେ ଥିବା ମହାରଣା ସାହିରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ନୂତନ ଖୁଣ୍ଟ ପୋତି ବିଦ୍ୟୁତ୍ ସଂଯୋଗ କରାଯାଉଥିବା ବେଳେ ଚାର୍ଜହୋଇ ଲକ୍ଷାଧିକ ଟଙ୍କାର ଘରୋଇ ଉପକରଣ ପୋଡ଼ିଯାଇଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଅନଭିଜ୍ଞ କର୍ମଚାରୀଙ୍କୁ କାର୍ଯ୍ୟରେ ନିଯୋଜନ କରାଯାଇଥିବାରୁ ଏପରି ଘଟିଥିବା ସାହି ଲୋକେ କହିଛନ୍ତି। ସକାଳେ କିଛି କର୍ମଚାରୀ ଲାଇନ କାଟି ଖୁଣ୍ଟରେ ତାର ଟାଣିଥିଲେ। ପରେ ବିଦ୍ୟୁତ୍ ଚାର୍ଜ କରିବା ଫଳରେ ସାହିବାସିନ୍ଦାଙ୍କ ଘରର ଫ୍ରିଜ୍, କୁଲର, ବଲ୍‌ବ, ଫ୍ୟାନ୍ ଇତ୍ୟାଦି ପୋଡ଼ିଯାଇଥିଲା। ବିଭାଗ ପକ୍ଷରୁ ଲୋକଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।

# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା

 କିଶୋରନଗର, ୨୧।୧(ସମିସ): କିଶୋରନଗର ପଞ୍ଚାୟତ ସମିତି ତରଫରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବିଭିନ୍ନ ପ୍ରତିଯୋଗିତା କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଉପକନିଷ୍ଠ, କନିଷ୍ଠ, ଉପବରିଷ୍ଠ, ବରିଷ୍ଠ ବର୍ଗରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ,



ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀସେନ ସାହୁ, ବୀଣାପାଣି ସାହୁ, ରୋଜାଲିନ ପ୍ରଧାନ, ପ୍ରଧାନଶିକ୍ଷକ ରଞ୍ଜିତ ସାହୁ, ଉତ୍କଳ କେଶରୀ ସାହୁ, ସୁଶାନ୍ତ କୁମାର ପ୍ରଧାନ, ସୁଦାମ ଚରଣ ପ୍ରଧାନ, ଶୁକଦେବ ସାହୁ, ପ୍ରଶିକ୍ଷଣ ବିଦ୍ୟାଳୟର ସୁବ୍ରତ କୁମାର ପାଣିଗ୍ରାହୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁନେଲିକା ଖମାରି, ରୁଚିସ୍ମିତା ପରିଡ଼ା, ଆଦର୍ଶ ବିଦ୍ୟାଳୟର ପ୍ରତାପରୁଦ୍ର ବିଶି, ଶିକ୍ଷକ ମହେଶ୍ୱର ମେହେର, ଅଶୋକ କୁମାର ପ୍ରଧାନ, ଅଭିଜିତ ପ୍ରଧାନ, ଅଜିତ ବିଶ୍ୱାଳ, ପିଣ୍ଟୁ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜାନୁଆରୀ ୨୬ରେ ବରପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏହାସହ ତୃତୀୟ, ପଞ୍ଚମ ଓ ଅଷ୍ଟମ ବୃତ୍ତି ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସଦାଶିବ ଦେହୁରୀ ମେଧାବୃତ୍ତି ଏବଂ କ୍ରୀଡ଼ା ଓ ସୁରଭିରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ହୃଷୀକେଶ ମେଧା ସମ୍ମାନ ପ୍ରଦାନ କରାଯିବ। ପ୍ରତିଯୋଗିତାରେ ବ୍ଲକର ସମସ୍ତ ମହାବିଦ୍ୟାଳୟ, ସିଟି ସ୍କୁଲ, ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏବିଇଓ ରମଣୀ ରଞ୍ଜନ ସାହୁ ସହଯୋଗ କରିଥିଲେ।

# ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

କିଶୋରନଗର, ୨୧।୧(ସମିସ)




ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସଂସଦ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରୀ ଯୋଗଦେଇ ସାହିତ୍ୟିକମାନେ ସବୁବେଳେ ସରଳ ଓ ବୋଧଗମ୍ୟ ଶବ୍ଦ ସଂଯୋଜନା କରିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ଅକ୍ଷୟ କୁମାର ପଟ୍ଟନାୟକ ଯୋଗଦେଇ ଆଠମଲ୍ଲିକର ଇତିହାସ ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଫରିଦାବାଦରେ ରହୁଥିବା ବରିଷ୍ଠ ଲେଖକ ଡ. ସୁନୀଲ କୁମାର ଦାସ, ପୁରୀର ଅଧ୍ୟାପକ ଅଶୋକ କୁମାର ନାୟକ, କଟକର ବରିଷ୍ଠ ଲେଖକ ରୁଦ୍ରପ୍ରସନ୍ନ ସାହୁ, ତାଳଚେରର ବରିଷ୍ଠ ଲେଖକ ତଥା ସଂଗଠକ ଇଂ ଜଳଧର ପ୍ରଧାନ ଯୋଗଦେଇଥିଲେ। ଜନତା ମହାବିଦ୍ୟାଳୟର ଅଧ୍ୟାପକ କାଳିଆ ସେଠୀ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତ୍ରିଧାରା ସାହିତ୍ୟ ସଂସଦ ସମ୍ପାଦକ ଡ. ରମେଶ ଚନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂସଦ ତରଫରୁ ବିଶିଷ୍ଟ ଗବେଷକ ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ତ୍ରିଧାରା ନାଗରିକ ସମ୍ମାନ, ବଇଣ୍ଡାର ଗଣପତି ସ୍ୱାଇଁ ଓ ରଞ୍ଜିତା ମିଶ୍ରଙ୍କୁ ତ୍ରିଧାରା କବି ସମ୍ମାନ, ଅନୁଗୋଳର ଧୀରେନ ମିଶ୍ରଙ୍କୁ ତ୍ରିଧାରା ସାହିତ୍ୟ ସମ୍ମାନ, ଶିକ୍ଷକ ରଜନୀକାନ୍ତ ଦେହୁରୀଙ୍କୁ ମଧୁ କୋକିଳ ସ୍ମୃତି ସମ୍ମାନ, ଶିକ୍ଷକ ସଚ୍ଚିଦାନନ୍ଦ ସାହୁଙ୍କୁ ଶିକ୍ଷାଯୋଗୀ ଗୋବିନ୍ଦ ସ୍ମୃତି ସମ୍ମାନ, ଜରପଡ଼ାର ଭୋଳେଶ୍ୱର ପ୍ରଧାନଙ୍କୁ ଶତାୟୁ ସାଧକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ରସାୟନ ପକ୍ଷରୁ ଅଧ୍ୟାପକ ଅଶୋକ କୁମାର ନାୟକଙ୍କୁ ରସାୟନ ସମୀକ୍ଷକ ସମ୍ମାନ, କବୀ ବିନୀତା ପ୍ରଧାନ, କବି ଭେଷଜ କୁମାର ଭୋଜ, ରବୀନ୍ଦ୍ର ନାଥ ଚୌଧୁରୀ, ତ୍ରିଲୋଚନ ଦାସ, କାଳିଚରଣ ମିଶ୍ରଙ୍କୁ କବି ସମ୍ମାନ, ଗାଳ୍ପିକା ଲିପିକା ମହାପାତ୍ରଙ୍କୁ ଗଳ୍ପ ପାଇଁ ସମ୍ମାନିତ କରାଯାଇଥିଲା। ତ୍ରିଧାରା ସାହିତ୍ୟ ସଂସଦ ତରଫରୁ ଅନୁଷ୍ଠିତ ରଙ୍ଗୋଲି, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ମୁଖପତ୍ର ତ୍ରିଧାରା ଓ ରସାୟନ, ସାହିତ୍ୟିକ ଡ. ରମେଶ ଚନ୍ଦ୍ର ମିଶ୍ରଙ୍କ ପୁସ୍ତକ 'ମୁଠାଏ ବିଭଙ୍ଗ ଚିତ୍ର', ସାହିତ୍ୟିକ ଶ୍ରୀବତ୍ସ ପ୍ରଧାନଙ୍କ ପୁସ୍ତକ 'ପଥ ଅପଥ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥଇଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠ ହୋଇଥିଲା। ଭୁବନେଶ୍ୱରର କବି କାଳୀଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠ ସଭାରେ ସମ୍ମାନିତ ଅତିଥି ଭାବେ କବି କୈଳାସ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। କବୟିତ୍ରୀ ରଞ୍ଜିତା ମିଶ୍ର ଓ କବି ବିପିନ ବିହାରୀ ପୃଷ୍ଟି କବିତା ସଂଯୋଜନା କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କବି କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। କବି ଚିଦାନନ୍ଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କବି ନିତ୍ୟାନନ୍ଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଧପୁର ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



କିଶୋରନଗର, ୨୧।୧(ସମିସ): ସ୍ଥାନୀୟ ମାଧପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନବିଂଶ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ଡିଇଓ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ରୂପେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ଓ ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ସମ୍ପାଦକ ଅଂଶୁମାନ ଦେହୁରୀ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ପ୍ରଧାନଆଚାର୍ଯ୍ୟ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ପାଦକ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ନିଜ ଭିତରେ ଥିବା ଦକ୍ଷତା, ଆତ୍ମବିଶ୍ୱାସ ଓ ସମ୍ଭାବନାକୁ ହୃଦୟଙ୍ଗମ କରିପାରିଲେ ଆମେ ଏକ ଉନ୍ନତ ବିଶ୍ୱଗଠନ କରିପାରିବା।

-ଦଲାଇ ଲାମା

ସକାଳ
THE SAKALA

## ବାଲିମାଫିଆ ସୂତ୍ରଧରଙ୍କୁ ସୁରକ୍ଷା

ରାଜ୍ୟରେ ଡବଲଇଞ୍ଜିନ ସରକାର କ୍ଷମତାରେ ଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବାଲିମାଫିଆଙ୍କ ଉପରେ ଚଢ଼ଉ କରାଯିବା ନିଶ୍ଚୟ ଏକ ରୋଚକ ଖବର। ଏକଥା ସତ୍ୟ ଯେ ଖଣିଜ ଓ ଲଘୁଖଣିଜ ଚୋରା କାରବାରକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ଆସାମର୍ଥ୍ୟ ପଦାରେ ପଡ଼ିଯାଇଛି। ଏହାପଛରେ ଦଳୀୟ ମନ୍ତ୍ରୀ ଓ ନେତାଙ୍କ ସଂପର୍କ ଥିବାରୁ ସରକାର ଚାପର ବଶବର୍ତ୍ତୀ ହୋଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନ ଥିଲେ। ରାଜ୍ୟର ଭିଜିଲାନ୍ସ ଓ ଅର୍ଥନୈତିକ ଅପରାଧ ଧରପଗଡ଼ ଦାୟିତ୍ୱରେ ଥିବା ପୁଲିସ ବିଭିନ୍ନ ସରକାରୀ ଅଧିକାରୀଙ୍କ ଦୁର୍ନୀତିପୂର୍ଣ୍ଣ କାରବାର ବିରୋଧରେ କ୍ରମାଗତ ଚଢ଼ଉ ମାଧ୍ୟମରେ ବେଶ ଆଖିଦୃଶିଆ ସଫଳତା ହାସଲ କରିପାରିଛନ୍ତି। ରାଜ୍ୟରେ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଏପ୍ରକାର ଠୋସ କାର୍ଯ୍ୟାନୁଷ୍ଠାନରୁ କ୍ଷମତାସୀନ ସରକାର ପ୍ରଶଂସା ସାଉଁଟି ଚାଲିଥିବା ବେଳେ ବାଲି ସମେତ ଅନ୍ୟ ଲଘୁ ଖଣିଜର ବ୍ୟାପକ ଚୋରା କାରବାରକୁ ରୋକିବାରେ କାହିଁକି ବିଫଳ ହେଲେ? ସାଧାରଣରେ ଏପ୍ରକାର ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ। ଏକ୍ଷେତ୍ରରେ ଆଭ୍ୟନ୍ତରୀଣ ଚାପକୁ ଏଡ଼ାଇ ଯାଇ କିଛି କଠୋର ପଦକ୍ଷେପ ଗ୍ରହଣ କଲେ ସରକାର ଭୁଶୁଡ଼ି ପଡ଼ିବା ଭଳି ଆଶଙ୍କା ଥିବାରୁ ଲଘୁ ଖଣିଜ ମାଫିଆଙ୍କ ଉପରେ ଲଗାମ କଷିବା ସମ୍ଭବ ହେଉ. ନଥିଲା। ସିଏଜି ରିପୋର୍ଟ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ଏହି ଚଢ଼ଉ କରିଥିବା ପ୍ରକାଶ। ରାଜ୍ୟର ଖଣି ରାଜସ୍ୱ କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଆଗାମୀ ବଜେଟରେ ତାହାର ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ଥିବାରୁ ମୁଖ୍ୟମନ୍ତ୍ରୀ ଅନନ୍ୟୋପାୟ ହୋଇ ସବୁଜ ସଂକେତ ଦେଇଛନ୍ତି।

ବ୍ୟବସ୍ଥାଗତ ବିଫଳତା କ୍ଷେତ୍ରରେ ରାଜ୍ୟର ପରାମର୍ଶକ୍ରମେ କେନ୍ଦ୍ରକୁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥାଏ। ସଂଘୀୟ ବ୍ୟବସ୍ଥାରେ ପ୍ରଚଳିତ ଏହି ପରମ୍ପରା କେବଳ ଡବଲ ଇଂଜିନ ସରକାର କ୍ଷେତ୍ରରେ ହିଁ କାର୍ଯ୍ୟକାରୀ ହେଉଛି। ଏହାର ପୃଷ୍ଠଭାଗରେ ଅଛି ଦଳୀୟ ଭାବମୂର୍ତ୍ତି। ତେଣୁ ଇଡିକୁ ମଧ୍ୟ ବେଶ ସତର୍କତାରେ ସହ ଚଢ଼ଉ କରିବାକୁ ପଡୁଛି। ଗୁରୁବାର ଗଞ୍ଜାମ ଜିଲ୍ଲାର ୫ଟିରୁ ଅଧିକ ସ୍ଥାନରେ ହୋଇଥିବା ଚଢ଼ଉରୁ କୋଟିକୋଟି ନଗଦ ଟଙ୍କା, ବିପୁଳ ପରିମାଣର ସୁନା ଓ ଜାଲ ଦସ୍ତାବିଜ ଜବତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାଫିଆ, ଗ୍ୟାଙ୍ଗଷ୍ଟାର ଓ ବାହୁବଳୀ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା ସେମାନେ ନକଲି ୱାଇଫର୍ମ ବଳରେ ସରକାରୀ ଅଧିକାରୀଙ୍କୁ ଭୁଆଁ ବୁଲେଇ ଏହି କାରବାର କରୁଥିଲେ। ଏକାଧିକ ନଦୀ ଶଯ୍ୟାରୁ ସେମାନେ ନିରଙ୍କୁଶ ଭାବେ ବାଲି ଚୋରାଚାଲାଣ କରୁଥିଲେ। ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଥିଲେ ମଧ୍ୟ ତାହାକୁ ରୋକିବା ସମ୍ଭବ ହେଉ ନ ଥିଲା। ଏହାକୁ ଆମେ ରାଜ୍ୟସରକାରଙ୍କ ଅସାମର୍ଥ୍ୟ କହିପାରିବା। ଆମ ଜାଣିବାରେ ଇଡି ଚଢ଼ଉବେଳେ ଅଥାନରେ ହାତ ମାରିଦେଇଛନ୍ତି। ତାହା ଏବେ ସବୁ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ୟବସ୍ଥାରେ ଶୃଙ୍ଖଳା ଆଣିବା ସକାଶେ ଖଣିମନ୍ତ୍ରୀ ଯେଉଁ ୧୯ ଜଣିଆ ପ୍ରତିନିଧି ମଣ୍ଡଳୀଗଠନ କରିଛନ୍ତି ତାହାର ଅନ୍ୟତମ ସଦସ୍ୟ ଥିବା ସୁନୀଲ ପାତ୍ର ଇଡି ହାତରେ ଧରାପଡ଼ି ଯାଇଛନ୍ତି। ସୁନୀଲଙ୍କ ଚେର କେଉଁଠୁ କେଉଁଯାଏ ଲମ୍ବିଛି ତାହା ଯେ ଇଡି କର୍ତ୍ତୃପକ୍ଷ ଜାଣିପାରି ନଥିବେ ଏକଥା ନୁହେଁ। ତେଣୁ ଆଶାକରାଯାଉଥିଲା ଯେ ସେହି ତଦନ୍ତ ପରିସର ଖଣିମନ୍ତ୍ରୀଙ୍କ ବାସଗୃହ ପର୍ଯ୍ୟନ୍ତ ଆସିବ। ତେଣୁ ଯଦି ବା କେହି ମନ୍ତ୍ରୀଙ୍କ ଇସ୍ତଫା କିମ୍ବା ବରଖାସ୍ତ ଦାବି କରିବ ସେଥିରେ ଆଚମ୍ବିତ ହେବାରେ ନାହିଁ।

ରାଜ୍ୟଲଘୁ ଖଣିଜ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଏବଂ ଗୁରୁଖଣିଜ ରାଜସ୍ୱ ୫୦,୦୦୦ କୋଟି ରୁ ୩୪,୦୦୦ କୋଟିଟଙ୍କାକୁ ହ୍ରାସ ପାଇଥିବାରୁ ସରକାରଙ୍କ ଅସହାୟତା ବାରି ହୋଇପଡୁଛି। ତେଣୁ ଇଡି ଚଢ଼ଉ କେବଳ ଗଞ୍ଜାମ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ଅନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହେବା ଉଚିତ। ଆଗାମୀ ଦିନରେ ଏହା ନେତା ଓ ମାଫିଆଙ୍କ ମଧୁଚନ୍ଦ୍ରିକା ଉପରୁ ପରଦା ହଟାଇବ ବୋଲି ଆଶା ରହିବା ସ୍ୱାଭାବିକ। ●

## ଭାରତ-ଏମିରେଟ ସଂପର୍କ

ଆରବ ଏମିରେଟ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାଏଦଙ୍କ ଭାରତ ଗସ୍ତ ଓ ତାଙ୍କ ସୀମିତ ରହଣି ସତ୍ତ୍ୱେ କୂଟନୈତିକ ସ୍ତରରେ ଯେଉଁ ତତ୍ପରତା ପ୍ରକାଶ ପାଇଛି ତାହା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ପାକିସ୍ତାନ ଓ ସାଉଦୀଆରବ ମଧ୍ୟରେ ପ୍ରତିରକ୍ଷା ସହଯୋଗିତା ଓ ସହଭାଗିତାକୁ ନେଇ ମଧ୍ୟପ୍ରାଚ୍ୟ ଓ ମୁସଲମାନ ରାଷ୍ଟ୍ରଙ୍କ ସ୍ତରରେ ଯେଉଁ ଭାରତ ବିରୋଧୀ ଆଭିମୁଖ୍ୟ ମୁଣ୍ଡ ଟେକିଥିଲା ତାହାକୁ ଶକ୍ତ ଧକ୍କା ଲାଗିଛି। ତୁର୍କୀ ନେତୃତ୍ୱରେ ସାଉଦୀ ଆରବ ଓ ପାକିସ୍ତାନ ଇସଲାମିକ ନାଟୋ ମେଣ୍ଟ ଗଠନ ସକାଶେ ଆରମ୍ଭ ହୋଇଥିବା ପ୍ରୟାସରେ ଭାରତ – ଏମିରେଟ ସଂପର୍କ ପ୍ରମୁଖ ପ୍ରତିବନ୍ଧକ ହେବ ବୋଲି ମନେ କରାଯାଉଛି। ଭାରତର ଏହି ସଫଳ କୂଟନୈତିକ ଗୋଟିଚାଳନା ପାକିସ୍ତାନକୁ ବିବ୍ରତ କରିଛି। ନୂଆଦିଲ୍ଲୀରେ ମୋଦୀ ଓ ଜାଏଦଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ପାକିସ୍ତାନ ମଧ୍ୟ ପ୍ରାଚ୍ୟର ସହଯୋଗୀଙ୍କ ସହ ଭାରତର ଏହି ଭୂମିକା ନେଇ ବିଚାର ବିମର୍ଶ ଆରମ୍ଭ କରିଦେଇଛି।

ଏମିରେଟ ଓ ଭାରତ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଯୋଗିତା ଚୁକ୍ତିନାମା ୨୦୨୨ ରୁ ସ୍ୱାକ୍ଷରିତ ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ସୁଫଳ ଅନୁଭୂତ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୦୦ ବିଲିୟନ ଡଲାର ଛୁଇଁଛି ଏବଂ ଆସନ୍ତା ୬ ବର୍ଷ ମଧ୍ୟରେ ୨୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ପାକିସ୍ତାନ ମଧ୍ୟପ୍ରାଚ୍ୟରେ କ୍ରମେ ନିଜର ଆସ୍ଥାନ ଜମାଇବା ଆରମ୍ଭ କରିଥିବା ବେଳେ ଭାରତ –ଓମାନ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତର ହିନ୍ଦୁସ୍ଥାନ ପେଟ୍ରୋଲିୟମ ସହ ଏମିରେଟର ଏଡିଏନଓସି ଗ୍ୟାସ କମ୍ପାନୀ ଆସନ୍ତା ୧୦ ବର୍ଷ ମଧ୍ୟରେ ୩ ବିଲିୟନ ଏଲଏନଜି ଯୋଗାଇବାକୁ ଚୁକ୍ତିସ୍ୱାକ୍ଷର କରିଛି। ରଣନୀତିକ ପ୍ରତିରକ୍ଷା କ୍ଷେତ୍ରରେ ଅଂଶୀଦାର, ପ୍ରତିରକ୍ଷା ଶିଳ୍ପ ସ୍ତରରେ ସହଯୋଗିତା, ଅତ୍ୟାଧୁନିକ ପ୍ରାଦ୍ୟୋଗିକ ଜ୍ଞାନକୌଶଳ ବିନିମୟ ଓ ପ୍ରଶିକ୍ଷଣ ଭଳି ୯ଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ଆରବ ଏମିରେଟରେ ଭାରତର ରପ୍ତାନୀ ବାଣିଜ୍ୟ ଏଥିମଧ୍ୟରେ ୧୩ ରୁ ୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ଭାରତ ପାଇଁ ଏହା ଦ୍ୱିତୀୟ ବୃହତ୍ ରପ୍ତାନି ବଜାର। ଦୁଇନେତାଙ୍କ ମଧ୍ୟରେ ଗୋପନ ଆଲୋଚନାର ରହସ୍ୟ ଉନ୍ମୋଚିତ ହୋଇ ନ ଥିଲେ ମଧ୍ୟ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ଟ୍ରମ୍ପଙ୍କ ପକ୍ଷରୁ ଯେଉଁ ଦ୍ୱିତୀୟ ପର୍ଯ୍ୟାୟ ବୃହତ୍ତର କମିଟି ଗଠନ ପ୍ରୟାସ ଆରମ୍ଭ ହୋଇଛି ସେ ସଂକ୍ରାନ୍ତ କିଛି ତଥ୍ୟ ବିନିମୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଇସ୍ରାଏଲ ସହ ଭାରତର ସୁସଂପର୍କ ଦୃଷ୍ଟିରୁ ଏମିରେଟ ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ସଂଯୁକ୍ତ କରାଯାଇପାରେ। ଅନ୍ୟ ଦୃଷ୍ଟିରୁ ବିଚାର କଲେ ମଧ୍ୟପ୍ରାଚ୍ୟରେ ପାକିସ୍ତାନ ଓ ଚୀନ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁଥିବା ବେଳେ ଭାରତ ପାଇଁ ଏମିରେଟର ଏହି ସଂପର୍କ ସହାୟକ ହୋଇପାରେ। ●

# ଅହଂକାର ଓ ଅମୂଲ୍ୟ ଜୀବନ

ମୀରା ବେଉରା

ଥରେ ଜଣେ ଦାର୍ଶନିକଙ୍କୁ ପଚରା ଯାଇଥିଲା ଆପଣ ଦିନଗୁଡ଼ିକ କିପରି କାଟନ୍ତି? ଦାର୍ଶନିକ ଅତି ସହଜ ଓ ସରଳ ଉତ୍ତରଟିଏ ଦେଇ କହିଥିଲେ ମୁଁ ଦିନରେ ଚବିଶ ଘଣ୍ଟା ବଞ୍ଚେ ଓ ମରେ। ଏହାକୁ ସରଳରେ ବୁଝାଇବାକୁ ଯାଇ ଦାର୍ଶନିକ କହିଥିଲେ ମୁଁ ଭଲଭାବେ ଜାଣେ ଯେ ପ୍ରତିଦିନ ମୋର ଆୟୁଷରୁ ଚବିଶ ଘଣ୍ଟା କମି ଯାଉଛି। ତେଣୁ ମୁଁ ପ୍ରତିଦିନ ଚବିଶ ଘଣ୍ଟା ମରେ। ଏହା ମୁଁ ଜାଣେ ମୋର ଆସନ୍ତାକାଲି ଆୟୁଷ ପୂର୍ଣ୍ଣ ହୋଇପାରେ। ତେଣୁ ମୁଁ ଆଜିର ଚବିଶ ଘଣ୍ଟା ପରମପିତା ଈଶ୍ୱରଙ୍କ ବିଚିତ୍ର ସୃଷ୍ଟିର ରହସ୍ୟ ଜାଣିବା ନିମନ୍ତେ ଉପଯୋଗ କରେ। ତେଣୁ ପ୍ରତିଟି ଘଣ୍ଟା ମୁଁ ବଞ୍ଚୁଛି ବୋଲି ଅନୁଭବ କରିଥାଏ।

ଏ ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଆମେ ସମସ୍ତେ ଜାଣୁ ଜୀବନ କ୍ଷଣସ୍ଥାୟୀ। ଏହି ମରଣଶୀଳ ଭୌତିକ ପୃଥିବୀରେ କେବଳ ମୃତ୍ୟୁ ହିଁ ଚିରନ୍ତନ ସତ୍ୟ। ଆଉ ସବୁ ମିଥ୍ୟା। ତଥାପି ଆମେ ପ୍ରତିମୁହୂର୍ତ୍ତରେ ଆହୁରି ଆହୁରି ଜୀବନକୁ ବିଳାସବ୍ୟସନରେ ପୂର୍ଣ୍ଣ କରି ଚିରକାଳ ବଞ୍ଚିବାକୁ ଚାହୁଁ। ଅନେକ ଅହଙ୍କାର ମନରେ ଆଣୁ। ସବୁ ମୋର ମୋର ବୋଲି କହୁ। ମନରେ ଔଦ୍ଧତ୍ୟ ଅହଂକାର ଆଣୁ। ଆମେ ଭୁଲିଯାଉ ଆମେ କେଉଁଠାରୁ ଆସିଛୁ ପୁଣି କେଉଁଠାକୁ ଫେରିଯିବୁ। ଏ କାରୁକାର୍ଯ୍ୟମୟ ରାଜମହଲ, ରାଜପ୍ରାସାଦ, ଏ ସୌନ୍ଦର୍ଯ୍ୟପୂର୍ଣ୍ଣ ସହର, ଏ କାରୁକାର୍ଯ୍ୟପୂର୍ଣ୍ଣ ତୁଳିକା ଶଯ୍ୟା- ସବୁକିଛି ମୋତେ ଛାଡ଼ି ଯିବାକୁ ହେବ। 'ଏସିଆର ଆଲୋକ' ଗୌତମ ବୁଦ୍ଧ ଜୀବନରେ ସତ୍ୟତାକୁ ବୁଝିଥିଲେ ବୋଲି ତ ସତ୍ୟର ସନ୍ଧାନ ପାଇଁ ଅହିଂସା ମାର୍ଗରେ ଯାଇ ଈଶ୍ୱର ପ୍ରାପ୍ତି ପାଇଁ ତପସ୍ୟା କରିଥିଲେ। ସବୁ ଐଶ୍ୱର୍ଯ୍ୟକୁ ତ୍ୟାଗ କରି ଜ୍ଞାନପ୍ରାପ୍ତ ହୋଇଥିଲେ। ସେ ବୁଝିଥିଲେ ଏ ସବୁ ଅଳୀକ, କ୍ଷଣସ୍ଥାୟୀ।

ପ୍ରତି ମୁହୂର୍ତ୍ତରେ ଆମ ମନକୁ ଅନେକ ବିଷୟ ଆସେ। ମନକୁ ଅସ୍ତବ୍ୟସ୍ତ କରେ। ପ୍ରତି ମୁହୂର୍ତ୍ତରେ ଆମେ ଅନ୍ୟକୁ ତଳେ ପକାଇ ଅହଂକାର ବଶତଃ ତା'କୁ ନ୍ୟୂନ ଦେଖାଇ କଳେବଳେକୌଶଳେ ତା'କୁ ଶାସନ କରିବାକୁ ଚାହିଁଥାଉ। ତା'ର ସ୍ୱାଭିମାନକୁ ଦଳି ଚକଟି ଲହୁଲୁହାଣ କରିଦେବାକୁ ମଧ୍ୟ ଭୁଲି ନଥାଉ। ଏଇଠି ମନେ ପଡ଼ନ୍ତି ଗ୍ରୀକ ବୀର ଆଲେକଜାଣ୍ଡର। ସମଗ୍ର ପୃଥିବୀକୁ ଜୟ କରିସାରିବା ପରେ ଆଲେକଜାଣ୍ଡର ଥରେ ଜଣେ ସାଧୁଙ୍କ କୁଡ଼ିଆ ଆଗରେ ଯାଇ ଛିଡ଼ା ହେଲେ। ଭାବିଥିଲେ ସାଧୁ ଜଣକ ତାଙ୍କୁ ଭୂରି ଭୂରି ପ୍ରଶଂସା କରିବେ। କିନ୍ତୁ ସାଧୁ ତତ୍କ୍ଷଣାତ୍ ତାଙ୍କୁ ତାଙ୍କ ସମ୍ମୁଖରୁ ଟିକିଏ ହଟି ଯିବାକୁ କହିଲେ ଏବଂ ସେ ହଟିଲେ ତାଙ୍କ ଉପରେ ଖରାଟିକିଏ ପଡ଼ିବ ବୋଲି କହିଲେ। ପରେ ଆଲେକଜାଣ୍ଡର ନିଜର ଭୁଲ ବୁଝି ପାରିଥିଲେ। ପୁଣି ଯେତେବେଳେ ଆଲେକଜାଣ୍ଡର ହାଇଡାସ୍‌ପିସ ଯୁଦ୍ଧରେ ପୁରୁ ରାଜାଙ୍କୁ ହରାଇ ଦେଇ ତାଙ୍କ ମସ୍ତକ ଉପରେ ଖଣ୍ଡା ରଖି ପଚାରିଥିଲେ 'ଆପଣ ତ ଏବେ ପରାଜିତ। କୁହନ୍ତୁ ମୋ ଠାରୁ ଆପଣ କ'ଣ ଆଶା କରୁଛନ୍ତି?' ପୁରୁ ରାଜା ଦମ୍ଭ ଓ ସ୍ୱାଭିମାନର ସହିତ ଉତ୍ତର ଦେଇଥିଲେ- 'ଜଣେ ରାଜା ଅନ୍ୟ ଜଣେ ରାଜାଙ୍କଠାରୁ ଯେଉଁଭଳି ସମ୍ମାନ ଆଶା କରେ, ମୁଁ ଠିକ୍ ସେହିଭଳି ସମ୍ମାନ ଆଶା କରୁଛି।' ସେଇଠି ଆଲେକଜାଣ୍ଡର ନିଜର ଅହଂକାର ଓ ଅହମିକାକୁ ବୁଝି ପାରିଥିଲେ। ଆଜିର ସଭ୍ୟ ମଣିଷ ଚନ୍ଦ୍ରରେ ପାଦ ଥାପିଛି, ମଙ୍ଗଳ ଗ୍ରହରେ ଜଳର ସନ୍ଧାନ କରି ଜୀବନ ସହ ସେଠାରେ ବଞ୍ଚିବା ପାଇଁ ପ୍ରୟାସ କରୁଛି; ଅଥଚ ଜୀବନର ପ୍ରକୃତ ସତ୍ୟତାକୁ ଉପଲବ୍ଧି କରିପାରୁନି କାହିଁକି?

ଶେଷରେ ଆଲେକଜାଣ୍ଡର ଜୀବନର ସତ୍ୟତାକୁ ଉପଲବ୍ଧି କରି କହି ଯାଇଥିଲେ ଯେ ଯଦିଓ ସେ ସମଗ୍ର ବିଶ୍ୱକୁ ଜୟ କରିଥିଲେ, କିନ୍ତୁ ମୃତ୍ୟୁ ପରେ ତାଙ୍କୁ ଶବାଧାରରେ ନେଲା ବେଳେ ତାଙ୍କ ଦୁଇ ହାତକୁ ଝୁଲାଇ ଖୋଲା ହସ୍ତରେ ଦେଶବାସୀ ତାଙ୍କୁ ବିଦାୟ ଦେବେ। ଯେପରି ସମସ୍ତେ ଦେଖିବେ ମୁଁ ଖାଲି ହାତରେ ଆସିଥିଲି ଓ ଖାଲିହାତରେ ଫେରିଯାଉଛି। ଆଉ ପୁଣି କହି ଯାଇଥିଲେ ଯେ ମୁଁ ଯେତେ ଧନ, ସମ୍ପତ୍ତି, ସ୍ୱର୍ଣ୍ଣାଳଙ୍କାର ଅର୍ଜନ କରିଛି ତା'କୁ ମୋ କବର ପର୍ଯ୍ୟନ୍ତ ବିଛାଇଦେବ।

ତଥାପି ଆଶ୍ଚର୍ଯ୍ୟ ଲାଗେ ସର୍ବତ୍ର ସେହି 'ମୁଁ'କାରର ପ୍ରତିଧ୍ୱନି। ଏ 'ମୁଁ' କାର କାହିଁକି? ଏହି 'ମୁଁ' ହିଁ ଗର୍ବ ଓ ଅହଂକାରର ପ୍ରତୀକ। ମଣିଷ ଭୁଲିଯାଏ ଯେ ସେ ଅଣୁଠାରୁ ମଧ୍ୟ ଆହୁରି ଛୋଟ। ଅହଂକାର ମଣିଷକୁ ପଶୁତ୍ୱ ଦିଗକୁ ନେଇଯାଏ। ଏହି ଅହଂକାର ହିଁ ବିବେକହୀନ ମଣିଷର ଆସ୍ପର୍ଦ୍ଧା ଓ ପତନର କାରଣ। ଆମେ ଏକଥା କଦାପି ବିସ୍ମରି ଯିବା ଉଚିତ ନୁହେଁ ଯେ ଆମ ସମସ୍ତଙ୍କର ସାମର୍ଥ୍ୟର ଉତ୍ସ ହେଉଛି କେବଳ ଦୈବୀଶକ୍ତି। ସେହି ଦୈବୀଶକ୍ତି ବିନା ବୃକ୍ଷରୁ ପତ୍ରଟିଏ ମଧ୍ୟ ଝଡ଼ିପାରେ ନାହିଁ। 'ମୁଁ' ଭାବ ରୂପୀ ଅହଂକାରର ବିନାଶ ନଘଟିଲେ କୌଣସି ଦିବ୍ୟ ଅନୁଭବ ସମ୍ଭବ ନୁହେଁ।

ଅହଂକାରକୁ ଲୋପ କରିବାକୁ ହେଲେ ଅନ୍ୟକୁ ପ୍ରାଣଭରି ଭଲ ପାଇବାକୁ ହେବ। ଯେଉଁ ଭଲ ପାଇବାରେ କି କୌଣସି ସ୍ୱାର୍ଥ ଓ ଛଳନା ନଥିବ। ତେବେ ଯାଇ ଦିବ୍ୟଜ୍ଞାନ ପ୍ରାପ୍ତ ହେବ। ଅହଂକୈନ୍ଦ୍ରିକ ଇଚ୍ଛା ସାଧାରଣତଃ କାମନା ଆଶ୍ରିତ। ସେ ନିଜେ ହିଁ କର୍ତ୍ତା ଓ ଭୋକ୍ତା। 'ମୁଁ' ତ୍ୱର କ୍ଷୁଦ୍ର ସ୍ୱାର୍ଥ ଦ୍ୱାରା ମଣିଷ ନିଜେ ହିଁ ନିଜକୁ ଖୁବ୍ ପ୍ରତାରଣା କରେ। ସେ ଅହରହ ନିଜର କ୍ଷୁଦ୍ର ସ୍ୱାର୍ଥ ପାଇଁ ଜଗତର ସ୍ୱାର୍ଥକୁ ବଳି ଚଢ଼ାଏ। ଅହଂକାରୀ ବ୍ୟକ୍ତି ଭୁଲିଯାଏ ଯେ - 'ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ ଡୋରି, ନିଜ ଭାଗ୍ୟ ଡୋରି କାଳ ହସ୍ତେ ଏହା ପକାନ୍ତି ହେଳେ ପାଶୋରି।'

ଜୁଳୁଜୁଳିଆ ପୋକ ମନେକରେ ସେ ଜଗତକୁ ଆଲୋକ ପ୍ରଦାନ କରୁଛି, କିନ୍ତୁ ସେ ଭୁଲିଯାଏ ଯେ ସେ ସାମାନ୍ୟ ଗୋଟିଏ କୀଟଟିଏ ବୋଲି। ଯେତେବେଳେ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଆକାଶରେ ଦେଖା ଯାଆନ୍ତି ଅନ୍ୟ ନକ୍ଷତ୍ରଗଣ ଆକାଶରେ ମ୍ଳାନ ପଡ଼ିଯାଆନ୍ତି। କିନ୍ତୁ ପୂର୍ବାକାଶରେ ଯେତେବେଳେ ସୂର୍ଯ୍ୟ ଉଦୟ ହୁଏ ନିମିଷକରେ ଚନ୍ଦ୍ରର ଅହଂକାର ମ୍ଳାନ ପଡ଼ିଯାଏ। ରାମକୃଷ୍ଣ ପରମହଂସ ମଧ୍ୟ କହିଥିଲେ ଅହଂକାର ହେଉଛି ମଣିଷ ଜାତିର ଏକ ଦିବ୍ୟଚେତନା।

ଛଦ୍ମବେଶୀ ବ୍ରହ୍ମାଙ୍କୁ ଜାଣିବା ପାଇଁ ଦେବଗଣ ପ୍ରଥମେ ଅଗ୍ନିଙ୍କୁ ଓ ପରେ ବାୟୁଙ୍କୁ ପଠାଇଥିଲେ। ବ୍ରହ୍ମା ପ୍ରଥମେ ଅଗ୍ନିଙ୍କୁ ଓ ପରେ ବାୟୁଙ୍କୁ ତାଙ୍କର ଶକ୍ତି ଓ ସାମର୍ଥ୍ୟ ବିଷୟରେ ପଚାରିଲେ। ଅଗ୍ନି କହିଲେ 'ମୁଁ ଚାହିଁଲେ ନିମିଷକେ ପୃଥିବୀ ଓ ପୃଥିବୀର ସକଳପଦାର୍ଥକୁ ଜାଳି ପୋଡ଼ି ଭସ୍ମ କରିଦେବି। ବ୍ରହ୍ମା ଏକ ଶୁଷ୍କତୃଣ ରଖି ତା'କୁ ପୋଡ଼ିବାକୁ କହିଲେ। ଅଗ୍ନିଦେବ ସକଳ ଶକ୍ତି ପ୍ରୟୋଗ ସତ୍ତ୍ୱେ ସମର୍ଥ ହୋଇ ନଥିଲେ। ପରେ ବାୟୁ ଦେବ ଠିକ ସେହିପରି ଖଣ୍ଡେ ଶୁଷ୍କ ତୃଣକୁ ଉଡ଼ାଇବାରେ ଅସମର୍ଥ ହୋଇଥିଲେ। ଦୁହେଁ ବାୟୁ ଓ ଅଗ୍ନି କେହି ସମର୍ଥ ହୋଇ ନଥିଲେ। ପରେ ଯେତେବେଳେ ଇନ୍ଦ୍ର ଯକ୍ଷଙ୍କର ପରିଚୟ ଜାଣିବା ପାଇଁ ଗଲେ ଯକ୍ଷ କିନ୍ତୁ ସଙ୍ଗେ ସଙ୍ଗେ ଅନ୍ତର୍ଦ୍ଧାନ ହୋଇଗଲେ। ଇନ୍ଦ୍ର ଯକ୍ଷଙ୍କ ଅଲୌକିକ ମହିମାକୁ ଜାଣି ପାରିଥିଲେ। ଇନ୍ଦ୍ରଙ୍କର ଅହଂକାର ନଥିଲା କି ଔଦ୍ଧତ୍ୟ ନଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଭୂମିରୁ ଭୂମା ପର୍ଯ୍ୟନ୍ତ, ତୃଣରୁ ନକ୍ଷତ୍ର ପର୍ଯ୍ୟନ୍ତ ଏ ବିଶ୍ୱର ପ୍ରତିଟି ଧୂଳିକଣା ମଧ୍ୟରେ ଅହଂକାର ବା 'ମୁଁ'କାର ବିଦ୍ୟମାନ। ଅହଂକାରକୁ ଦୂରେଇ ଦେଲେ ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ମଧୁର, ସୁନ୍ଦର, ଶୋଭାମୟ, ଶିବମୟ ହୋଇଯିବ। ●

କଟକ, ମୋ: ୭୮୪୭୯୨୧୪୦୦

## ଦେଶର ପ୍ରଗତିରେ ଜନଜାତିଙ୍କ ଭୂମିକା

ରାଜସ୍ମିତା ବାରିକ୍

ଧରିତ୍ରୀ ମାତାର ସୁପୁତ୍ର ଓ ସୁକନ୍ୟା ରୂପେ ଜନଜାତି ବର୍ଗ ପରିଚିତ। ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ପାଇଁ ହେଉ ଅବା ସ୍ୱାଧୀନତା ସଂଗ୍ରାମରେ ଜନଜାତିଙ୍କ ଭୂମିକା ଅବିସ୍ମରଣୀୟ। ଜନଜାତି ସମ୍ପ୍ରଦାୟର ସଂସ୍କୃତି, ପ୍ରଥା ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ସେମାନଙ୍କର କର୍ମ ତାଙ୍କୁ ଆଜି ବିଶ୍ୱମାନସରେ ପରିଚିତ କରାଇଛି।

ଭଗବାନ ବିର୍ସାମୁଣ୍ଡାଙ୍କଠାରୁ ସହିଦ ଲକ୍ଷ୍ମଣ ନାୟକଙ୍କ ଯାଏଁ ଅନେକ ବିପ୍ଳବୀ ନେତୃତ୍ୱଙ୍କ ଜୀବନୀ ଆମ ପାଇଁ ଆଦର୍ଶ। ସେହିପରି 'ଚିପକୋ' ଆନ୍ଦୋଳନ ହେଉ ଅବା 'ଅପିକୋ' ଆନ୍ଦୋଳନ ସମୟରେ ଜନଜାତିବର୍ଗର ମହିଳାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସାମ୍ପ୍ରତିକ ସମୟରେ ଆମ ମୟୂରଭଞ୍ଜ ମାଟିର ତିନି ଜଣ ବ୍ୟକ୍ତିତ୍ୱ ଏହାର ଜ୍ୱଳନ୍ତ ଉଦାହରଣ। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ଜାମ୍ମୁକାଶ୍ମୀରର ପ୍ରଥମ ଉପରାଜ୍ୟପାଳ ତଥା ପୂର୍ବତନ ସିଏଜି ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ମୁର୍ମୁ ଏବଂ ଡେପୁଟି ଗଭର୍ଣ୍ଣର ଭାବେ ଆରବିଆଇରେ ନିଯୁକ୍ତି ପାଇଥିବା ଶ୍ରୀଯୁକ୍ତ ଶିରୀଶ ଚନ୍ଦ୍ର ମୁର୍ମୁ। ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହିଳା ସଂଘର୍ଷ ଓ ସଶକ୍ତୀକରଣର ପ୍ରତୀକ ହୋଇଥିଲା ବେଳେ ଗିରୀଶ ଚନ୍ଦ୍ର ମୁର୍ମୁ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିବା ଦିଗରେ ବ୍ୟାପକ ନେତୃତ୍ୱ ନେବା ସହ ବର୍ତ୍ତମାନ ଶ୍ରୀମନ୍ଦିର ଶୃଙ୍ଖଳା କମିଟିର ଅଧ୍ୟକ୍ଷ ଭାବେ ଭକ୍ତ ଓ ସେବାୟତଙ୍କ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଶିରୀଶ ଚନ୍ଦ୍ର ମୁର୍ମୁ ଦେଶର ବିତ୍ତୀୟ ଅଭିବୃଦ୍ଧି ଓ ପ୍ରଗତି କ୍ଷେତ୍ରରେ ନିଜର ପ୍ରତିଭାକୁ ବିନିଯୋଗ କରୁଛନ୍ତି।

ଓଡ଼ିଶାର ଅଗ୍ରଣୀ ଜନଜାତି ନେତା ରୂପେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଦେଶର ଜନଜାତି ବର୍ଗଙ୍କ ସଶକ୍ତୀକରଣ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିକାଶ ପାଇଁ ଅହରହ ପରିଶ୍ରମ କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଆ ହକି ତାରକା ଦିଲ୍ଲୀପ ତିର୍କୀ, ବୀରେନ୍ଦ୍ର ଲାକ୍ରା, ଫୁଟବଲ ଖେଳାଳି ବାଇଚୁଙ୍ଗ ଭୁଟିଆ ଭଳି କ୍ରୀଡ଼ାପ୍ରତିଭା ଆମ ଦେଶର ନାମକୁ ଉଜ୍ଜ୍ୱଳ କରିଛନ୍ତି। ସଦ୍ୟ ସମାପ୍ତ ପ୍ରଥମ ମହିଳା ଦୃଷ୍ଟିବାଧିତ ବିଶ୍ୱକପ ବିଜେତା ଭାରତୀୟ ଦଳରେ ସାମିଲ ଓଡ଼ିଆ ଖେଳାଳି ଫୁଲ ସୋରେନ, ବାସନ୍ତୀ ହାଁସଦା, ପାର୍ବତୀ ମାର୍ଣ୍ଡି ଓ ଯମୁନାରାଣୀ ଟୁଡୁଙ୍କ ଖ୍ୟାତି ଆମ ସମସ୍ତଙ୍କୁ ଗୌରବାନ୍ୱିତ କରିଛି।

କନ୍ଧମାଳ ଜିଲ୍ଲାର ସିମବାଲି ଗ୍ରାମର ଯୁବ ବୈଜ୍ଞାନିକ ଅଭିମନ୍ୟୁ ମଲ୍ଲିକ ଇସ୍ରୋରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ। ଜୈବିକ କୃଷି ଦ୍ୱାରା ସମାଜରେ ବିପ୍ଳବ ଆଣିଥିବା କୋରାପୁଟ ଜିଲ୍ଲାର ମହିଳା ଚାଷୀ ଓ ବିଜ୍ଞାନୀ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଅବଦାନ ଯୁବ କୃଷିବିଜ୍ଞାନୀଙ୍କ ପାଇଁ ପ୍ରେରଣା। ବଲାଙ୍ଗିରରୁ ବର୍ଲିନ ଯାଏଁ ନିଜର ସଂଘର୍ଷମୟ ଜୟଯାତ୍ରା ଦ୍ୱାରା ଓଡ଼ିଶାର ଘରେ ଘରେ ପରିଚିତ ଯୁବ ବୈଜ୍ଞାନିକ ଶେଷ କିଷାନଙ୍କ ଜୀବନୀ କାହାକୁ ଅଛପା ନାହିଁ? ପଣ୍ଡିତ ରଘୁନାଥ ମୁର୍ମୁଙ୍କ 'ଅଲଚିକି ଲିପି'ଠାରୁ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ପର୍ଯ୍ୟନ୍ତ ଅଗଣିତ ସାରସ୍ୱତ ସାଧକଙ୍କ ଅବଦାନ ଅବିସ୍ମରଣୀୟ।

ଛଉ, ଚେମସା, ଦଣ୍ଡାହୁଲିଆ, ଢାପ ନୃତ୍ୟ, ଦାସାୟାଁ ନୃତ୍ୟ, ଦଣ୍ଡନୃତ୍ୟଠୁ ଆରମ୍ଭ କରି ସମରକଳା ନୃତ୍ୟ କ୍ଷେତ୍ରରେ ଜନଜାତିଙ୍କ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ। ସେମାନଙ୍କ ବୟନ ଶିଳ୍ପ ଏବେ ବିଶ୍ୱବଜାରରେ ବହୁଳ ଆଦୃତ। ଆଦିବାସୀଙ୍କ ମୌଳିକ ଖାଦ୍ୟ ମାଣ୍ଡିଆ ଏବେ ଶ୍ରୀଅନ୍ନ ରୂପେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ। ସଉରାମାନଙ୍କ ଚିତ୍ରକଳା ଇଡିତାଲ୍ ବିଭିନ୍ନ ମେଟ୍ରୋ ସହରର ବିଳାସମୟ ଅଟ୍ଟାଳିକାର କାନ୍ଥରେ ଶୋଭାବର୍ଦ୍ଧନ କରୁଛି। ଏବେ ସମୟ ଆସିଛି ଆମେ ସେମାନଙ୍କର ମୌଳିକ କଳାକୃତିକୁ ବିଶ୍ୱଦରବାରରେ ଆହୁରି ପ୍ରଚାର ପ୍ରସାର କରି ଆମ ରାଜ୍ୟର ଗୌରବ ବର୍ଦ୍ଧନ କରିବା ଆବଶ୍ୟକ। ●

ନୀଳଗିରି(ବାଲେଶ୍ୱର), ମୋ: ୭୦୭୭୨୦୩୬୭୬

## ଭବିଷ୍ୟତ-ଅଙ୍କୁରାରୋପଣ

ଡ:ପ୍ରସନ୍ନ କୁମାର ଗନ୍ତାୟତ

ଆଧୁନିକ ଜୀବନରେ ବ୍ୟସ୍ତବହୁଳତା ମଧ୍ୟରେ ଚାପ ଆଉ ଚିନ୍ତା ଅବାଞ୍ଛିତ ସାଥୀ। ତେଣୁ ମାନସିକ ସୁସ୍ଥତାକୁ ପୋଷଣ କରିବାର ପ୍ରଭାବଶାଳୀ ଉପାୟ ଖୋଜିବା ଜରୁରୀ। ଏହି ଉପାୟ ଯେ ଏକ ବିହନରେ ଲୁଚି ରହିଛି ତାହା ଆମେମାନେ ବୋଧହୁଏ ଲକ୍ଷ୍ୟ କରିନାହୁଁ କିମ୍ବା ଗୁରୁତ୍ୱ ଦେଇନାହୁଁ। ଏକ ଛୋଟ ବିହନରୁ ଉଦ୍ଭିଦ ପର୍ଯ୍ୟନ୍ତ ଯାତ୍ରାରେ ସଫଳତାର ଏକ ଶକ୍ତିଶାଳୀ ମନ୍ତ୍ର ରହିଛି। ଏହା ଆମ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରେ ଏବଂ ପ୍ରେରଣାଦାୟୀ ହୁଏ। ଆଶାର ବିହନଟିଏ ଆମ ମନ ଭିତରେ ରୋପଣ କଲେ ନିଶ୍ଚିତ ଭାବରେ ତାହା ବିଭିନ୍ନପ୍ରକାର ନକାରାତ୍ମକ ମନୋଭାବକୁ ପ୍ରତିହତ କରେ। ସେହିପରି ବିହନ ରୋପଣରେ ନିୟମିତ ଅଳ୍ପ ସମୟ ଉତ୍ସର୍ଗ କରି ଏକ ସଂଗଠିତ ଅଭ୍ୟାସ ମନକୁ ସ୍ଥିରତା ପ୍ରଦାନ କରେ।

ବିହନ ଅଙ୍କୁରିତ ହୋଇ ଉଦ୍ୟାନ କିମ୍ବା ଜଙ୍ଗଲ ସୃଷ୍ଟି କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ଏକ ପ୍ରଭାବଶାଳୀ ଉପାଦାନ, ଯାହା ଚାପ ହ୍ରାସ, ମନୋଭାବ ଉନ୍ନତି ଓ ସଚେତନତା ପ୍ରଦାନ କରେ। ଏହା ଆମକୁ ପ୍ରକୃତି ସହିତ ସଂଯୋଗ ଏବଂ ଧୈର୍ଯ୍ୟକୁ ପ୍ରୋତ୍ସାହିତ କରେ। ଏକ ଛୋଟ ବିହନ, ଆଲୋକ କିମ୍ବା ଅନ୍ଧାରକୁ ଭୟ କରେ ନାହିଁ, ବରଂ ବଢ଼ିବା ପାଇଁ ଉଭୟକୁ ବ୍ୟବହାର କରେ। ବିହନ ଗଛ ହେବା ସଫଳତାକୁ ସୂଚାଏ, ଆତ୍ମସମ୍ମାନ ବୃଦ୍ଧି କରେ ଏବଂ ଆଗାମୀ ପିଢ଼ି ପାଇଁ ଆଶାରୋପଣ କରାଇ ସ୍ୱପ୍ନକୁ ପୋଷଣ କରେ। ଏକ କ୍ଷୁଦ୍ର, ସୁପ୍ତ ବିହନ ଏକ ସଫଳ ଚାରାରେ ପରିଣତ ହେବା ଦ୍ୱାରା ଏକ ସ୍ପଷ୍ଟ ସଫଳତା ଓ ସୃଜନଶୀଳତାର ଭାବନା ମିଳିଥାଏ।

ପ୍ରତ୍ୟେକ ବିହନରେ ଏକ ବିଶାଳ ଜଙ୍ଗଲର ପ୍ରତିଶ୍ରୁତି ଥାଏ। ଏହାର ବୃଦ୍ଧି ଦେଖିବା ଓ ଶାରୀରିକ ଭାବେ ନିୟୋଜିତ ହେବା ଦ୍ୱାରା ଚିନ୍ତାରୁ ବିରତି ମିଳିବା ଭଳି ଅନୁଭବ ହୁଏ। ଛାତ୍ରଛାତ୍ରୀଙ୍କର ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ଶୈକ୍ଷିକ ସଫଳତା ଜୀବନ ପ୍ରସ୍ତୁତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଭାବ ପ୍ରବଣତା, ମାନସିକ, ସାମାଜିକ ଓ ପାରିବାରିକ ଭଳି ଚାପ ଦ୍ୱାରା ବିପଦଗ୍ରସ୍ତ। ତେବେ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ସହାୟକ ପରିବେଶ। ଏହା କିଛି ସମ୍ଭାବନା ହାସଲ ସହ ସ୍ଥିରତା ସୃଷ୍ଟି କରିବା ସାହାଯ୍ୟ କରେ। ଏକ ଆଶାର ବିହନରେ ଏକ ଭବିଷ୍ୟତ ସୃଷ୍ଟି କରିବାର ଦୃଷ୍ଟାନ୍ତ ଥାଏ। ଏହି ପ୍ରକ୍ରିୟା ପ୍ରାକୃତିକ ଜୀବନଚକ୍ର ସହିତ ଏକ ଗଭୀର ସଂଯୋଗକୁ ପ୍ରୋତ୍ସାହିତ କରେ ଏବଂ ନିଃସଙ୍ଗ ଭାବନାର ମୁକାବିଲା କରିବା ସହ ଏକ ସକାରାତ୍ମକ ଭାବନା ଗଠନ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ରକ୍ରିୟା ପୁଣି ବୁଝାଇଥାଏ ଯେ ଛୋଟଛୋଟ କାର୍ଯ୍ୟ ମଧ୍ୟ ସମୟ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ।

ତେବେ ଆସନ୍ତୁ ଦୟା ଓ ପରୋପକାରର ବିହନ ବୁଣି ଏକ ପ୍ରେମର ଉଦ୍ୟାନ ବା ଜଙ୍ଗଲ ସୃଷ୍ଟି କରିବା। ବିହନ ରୋପଣକୁ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଏକ ଅଭ୍ୟାସରେ ପରିଣତ କରିବା। ବିହନ ରୋପଣ ଏକ ଛୋଟ ପରିବର୍ତ୍ତନ ହୋଇପାରେ; କିନ୍ତୁ ଏହା ଏକ ବଡ଼ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟାଏ। ଆଉ ଜ୍ଞାନାତ୍ମକ ସୁସ୍ଥତା ବୃଦ୍ଧି ପାଇଁ ଏକ ସବୁଜ ପଥ ପ୍ରଦାନ କରିପାରେ। ବିହନ ଅଙ୍କୁରିତ ହୋଇ ସତେଯେମିତି ଆମକୁ କହେ - 'ବିଶ୍ୱାସ କର, ଧ୍ୟାନ ଦିଅ, ହାସଲ କର - ତୁମର ସମୟ ଆସୁଛି। ଆଗକୁ ବଢ଼ିଚାଲ। ପ୍ରୟାସ ସବୁକିଛି ବଦଳାଇ ଦେଇଥାଏ। ସବୁବେଳେ ଅଙ୍ଗୀକାରବଦ୍ଧ ରୁହ।' ●

(ପ୍ରାକ୍ତନ ଅଧ୍ୟକ୍ଷ) ରାୟଗଡ଼ା
ମୋ: ୮୨୪୯୪୨୫୫୫୧

## ଶବ୍ଦ-ସ୍ଥପତି: କଳିଙ୍ଗଶିଳ୍ପୀ ରାଜକିଶୋର ରାୟ

### ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରାଜକିଶୋର ରାୟଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା କବିତା ରଚନାରୁ। 'ଦୀପାଳି' ନାମକ ସଂକଳନରେ ତାଙ୍କ ବିଦଗ୍ଧ କବିପ୍ରାଣର ପ୍ରକାଶ କି ବର୍ଣ୍ଣିଳ ଓ ଭାବାର୍ଦ୍ର!! କବିତା ସୃଷ୍ଟିରୁ ସେ ଆସନ୍ତି ଗଳ୍ପ ସର୍ଜନାର ଭୂମିକୁ। ମାତ୍ର କବିପ୍ରାଣଟିକୁ ସେ କ'ଣ ବିସର୍ଜନ ଦେଇ ପାରିଛନ୍ତି? ତାହା ସମ୍ଭବ ହୋଇନାହିଁ। ହୋଇପାରେ ନାହିଁ। ପୁଣି ତାଙ୍କ ବ୍ୟକ୍ତିତ୍ୱ ଥିଲା କି ନାଟକୀୟ! ସେ ଅନେକ ଗଳ୍ପରଚନା କରି ଓଡ଼ିଆ ଗଳ୍ପକୁ ନେଇଯାଇ ପାରିଛନ୍ତି ଏକ କାବ୍ୟିକ ପୁଣି ନାଟକୀୟ ସ୍ତରକୁ।

ଓଡ଼ିଆ ଗଳ୍ପର ଅନୁରାଗୀ ପାଠକଙ୍କ ଅନ୍ତରରେ ରାଜକିଶୋର ରାୟଙ୍କ ରଚିତ 'କଳିଙ୍ଗ ଶିଳ୍ପୀ' ଗଳ୍ପ ଏପର୍ଯ୍ୟନ୍ତ ଯେ ଅମ୍ଳାନଜ୍ୟୋତିରେ ଭାସ୍ୱର - ଏହା ପ୍ରମାଣର କୌଣସି ଅପେକ୍ଷା ରଖେ ନାହିଁ। ବିଷୟ ପରିକଳ୍ପନା, ଉପସ୍ଥାପନ ଶୈଳୀ, ଶବ୍ଦନିର୍ମାଣ, ଚରିତ୍ର ଚିତ୍ରଣ- ସବୁଦୃଷ୍ଟିରୁ ଗଳ୍ପଟି ଏପରି ରସୋତ୍ତୀର୍ଣ୍ଣ ହୋଇଛି ଯେ, ତାହା ବାରମ୍ବାର ପାଠ କରିବା ଫଳରେ ଅଧିକରୁ ଅଧିକ ପ୍ରଗାଢ଼ ଭାବରେ ଆନ୍ଦୋଳିତ ହେଉଥାଏ ଅନ୍ତଃସ୍ଥଳ। ସତକୁ ସତ ଏହା କ'ଣ ଏକ ପରିକଳ୍ପିତ ଗଳ୍ପମାତ୍ର? ନା କଳିଙ୍ଗ-ଶିଳ୍ପୀର ଆତ୍ମା ଗାଳ୍ପିକଙ୍କୁ ମାଧ୍ୟମ କରି ନିଜକୁ ପ୍ରକାଶ କରିଛି ସାର୍ଥକ ଭାବରେ? ଏକ ଅଦୃଶ୍ୟ ଶିଳ୍ପୀସତ୍ତା ଦ୍ୱାରା ପରିଚାଳିତ ନ ହେଲେ ଏପରି ଗଳ୍ପ ସର୍ଜନା ଯେ ସମ୍ଭବ ନୁହେଁ, ଏହା ଯେ କେହି ଉପଲବ୍ଧି କରିପାରିବେ ନିବିଡ଼ ଭାବରେ ନିଶ୍ଚୟ।

ରାଜକିଶୋର ରାୟ ଥିଲେ ଜଣେ ଉଚ୍ଚକୋଟୀର ସମାଜ ସଚେତନ ଗାଳ୍ପିକ। 'ଆଚାର୍ଯ୍ୟେ ଥିଲେ ବୋଲି' ଗଳ୍ପଟିରେ ପ୍ରଦର୍ଶନପ୍ରିୟ ମଣିଷମାନଙ୍କ ଛଦ୍ମତାକୁ ସେ ପ୍ରକଟ କରିଦେଇପାରିଛନ୍ତି ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ନେଇ। ଏହା ତେଣୁ ପାଠକ ସମାଜକୁ ପ୍ରଦାନ କରିପାରିଛି ବିରଳ ସନ୍ଦେଶ। ବାସ୍ତବତାକୁ ପ୍ରାଣବନ୍ତ ଭାବରେ ଚିତ୍ରଣ କରିବା କେବଳ ଜଣେ ସଚ୍ଚୋଟ ଗାଳ୍ପିକର ଲକ୍ଷ୍ୟ ନୁହେଁ। ତା' ମଧ୍ୟରେ ଏପରି ଏକ ଚରିତ୍ର, ଏପରି ଏକ ସଂକେତ ବା ଅନୁରୂପ ଏକ ନାମକରଣ ଦ୍ୱାରା ପାଠକ ମଧ୍ୟରେ ଥିବା ପ୍ରକୃତ ମନୁଷ୍ୟତା ସେ ଜାଗ୍ରତ କରିଦିଅନ୍ତି ଅସାମାନ୍ୟ କଳାର କାଳୋତ୍ତୀର୍ଣ୍ଣ ସ୍ପର୍ଶ ଦେଇ। ରାଜକିଶୋର ରାୟଙ୍କ ଗଳ୍ପ ସଂକଳନଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରନ୍ତି : 'ନୀଳ ଲହରୀ', 'ବିକଚ ଶତଦଳ', 'ଅଶୋକ ଚକ୍ର', 'ବନଜ୍ୟୋତ୍ସ୍ନା', 'ଜୟଶ୍ରୀ', 'ଜୟଶଙ୍ଖ', 'ଏହିକି ଦେବାୟତନ', 'ମନର ମୃଣାଳ', 'ଶୋଣିତ କାବ୍ୟ', 'ପଙ୍କ ଚନ୍ଦନ' ଆଦି। ତାଙ୍କ ଗଳ୍ପ ପଠନ ବେଳେ ଅନୁଭୂତ ହୁଏ ସେ ନିଜେ କବିତା ପରି ବିଗଳିତ, ସମ୍ବେଦନଶୀଳ ମଣିଷ ଭାବରେ ସର୍ବତ୍ର ସଂଚରିତ ଆଉ ସ୍ୱୟଂ ମାର୍ମିକ ନାଟ୍ୟ-ଦୃଶ୍ୟ ପରି ପାଠକ ଆଗରେ ପ୍ରତିଭାତ।

ଏ ପ୍ରସଙ୍ଗରେ ଆମେ ଫେରି ଚାହିଁବା ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ମହାରଣାକୁ। ରାଜା ବସୁଭୂମାଙ୍କ ଆଦେଶ ଅନୁସାରେ ଗଢ଼ିଛି ପଥରର ମୂର୍ତ୍ତି ସେ। ତମାଳ ଶାଖାରୁ ଏକ ତ୍ରସ୍ତା ଶୁକପକ୍ଷୀ ଉଡ଼ିଆସି ଯୁବତୀର କର୍ଣ୍ଣଭୂଷାକୁ ଚଞ୍ଚୁଦ୍ୱାରା ଆଘାତ କରୁଛି। ଉଦ୍ୟାନରେ ଭ୍ରମଣରତ ରାଜା ଯୁବତୀଟିକୁ ଭୟମୁକ୍ତ କରିବାର ପ୍ରୟାସ କଲା ବେଳେ ଶୁକପକ୍ଷୀ ତରୁଣ ରାଜାଙ୍କ ବକ୍ଷଦେଶକୁ ବିଦ୍ଧ କରୁଛି। ନଖାଘାତରେ ପୁଣି କରୁଛି କ୍ଷତାକ୍ତ। ସେଥିରୁ ଝର ଝର ହୋଇ ଯେଉଁ ରକ୍ତରଧାରା ବହି ଆସୁଛି, ତରୁଣୀଟି ନିଜ ଅଧର ସଂଯୁକ୍ତ କରି ଶୋଷି ନେଉଛି ସେଇ ରକ୍ତ। ଏହି ଦୃଶ୍ୟକୁ ଓଡ଼ିଆ ଶିଳ୍ପୀ ପ୍ରସ୍ତର ଖଣ୍ଡରେ ରୂପ ଦେବା ବେଳେ ତାହା ସତେ କି ପାଇଛି ଜୀବନ୍ୟାସ। ପ୍ରସ୍ତର ଗାତ୍ରରେ ଜୀବନ ସଂଚାର-କ୍ଷମ ଭାସ୍କର୍ଯ୍ୟ ଶିଳ୍ପୀ ପରି ରାଜକିଶୋର ରାୟ ଶବ୍ଦ ମଧ୍ୟରେ ଭରି ଦେଇଛନ୍ତି ପ୍ରେମାନୁରକ୍ତିର ପବିତ୍ର ରକ୍ତଧାରା। ଏହି ଗୋଟିଏ ବିନ୍ଦୁରେ ଭାସ୍କର୍ଯ୍ୟଶିଳ୍ପୀ ଓ ସାହିତ୍ୟ ଶିଳ୍ପୀ ମଧ୍ୟରେ ରହେନା ତାରତମ୍ୟ। ଶିଳ୍ପକଳାକୁ ଯେଉଁମାନେ ମନେକରନ୍ତି ଏକ ବାହ୍ୟ କଳାକୌଶଳ ବୋଲି ସତେ କି ସେଇ ସମସ୍ତଙ୍କ ଅନ୍ତଃଦୃଷ୍ଟି ଉନ୍ମୋଚନ କରିଦେଇଛନ୍ତି ଗାଳ୍ପିକ ଅସାମାନ୍ୟ ଆନ୍ତରିକତାର ସହ। ରକ୍ତତର୍ପଣ ବିନା ଯେ କୌଣସିପ୍ରକାର କଳା ହୋଇପାରେ ନାହିଁ କାଳଜୟୀ - ଏହି ମର୍ମବାଣୀ ରାଜକିଶୋର ରାୟ ପ୍ରତିପନ୍ନ କରି ଦେଇଛନ୍ତି ପ୍ରଭାବଶାଳୀ ଭାବରେ।

ତାଙ୍କ ଗଳ୍ପରେ ମାନବୀୟ ସମ୍ବେଦନା ଯେପରି ରହିଛି, ସେପରି ମଧ୍ୟ ପ୍ରକାଶିତ ହୋଇଛି ତଥାକଥିତ ସଭ୍ୟ ମଣିଷ ପ୍ରତି ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ। ଜଣେ ସାଧୁ କଥାଶିଳ୍ପୀ ଭାବରେ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ନିମିତ୍ତ ସେ ନିରବଚ୍ଛିନ୍ନ ଭାବରେ ଲେଖନୀ ଚାଳନା କରିଛନ୍ତି। ରାଜକିଶୋର ନିଜସ୍ୱ ଯେଉଁ ରାୟ ସଂରକ୍ଷିତ ରଖି ଦେଇଛନ୍ତି ଗଳ୍ପସୃଜନରେ ତଦନୁଯାୟୀ କ'ଣ ଗଢ଼ି ଉଠି ନ ପାରେ ଏକ ନୂତନ ସମାଜ? ନୂତନ ମୂଲ୍ୟବୋଧ? । ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।


କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷ ବିମଳ ଦାସଙ୍କ ପରଲୋକ

ଭୁବନେଶ୍ୱର,୨୧ ।୧(ସମିସ): କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ମୀରା ଦାସଙ୍କ ସ୍ୱାମୀ ବିମଳ ଦାସଙ୍କର ପରଲୋକ ହୋଇଯାଇଛି । ଗତକାଲି ଜାନୁଆରୀ ୨୦ ତାରିଖରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ



ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା । ଶ୍ରୀ ଦାସଙ୍କ ପରଲୋକ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ ସହ ଜଡ଼ିତ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି । ତାଙ୍କ ସମାଜସେବା ଓ ଜନକଲ୍ୟାଣ ପ୍ରତି ନିଷ୍ଠା ସର୍ବଦା ସ୍ମରଣୀୟ ରହିବ । ଶ୍ରୀ ଦାସ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ଅତ୍ୟନ୍ତ ଘନିଷ୍ଠ ଥିବଲେ । ଟ୍ରଷ୍ଟର କାର୍ଯ୍ୟକୁ ସମର୍ପଣ, ସତ୍ୟନିଷ୍ଠା ଓ ଦୟାଭାବର ସହ ମଜବୁତ୍ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ଦୀର୍ଘଦିନ ଧରି ଭୁବନେଶ୍ୱର ସିଟିଜେନ୍ ଫୋରମର ଉପସଭାପତି ଏବଂ ଆଚାର୍ଯ୍ୟ ବିହାର ରେସିଡେଣ୍ଟସ୍ ଫୋରମର ସଭାପତି ଦାୟିତ୍ୱ ନିର୍ବାହ କରିଛନ୍ତି । ତାଙ୍କ ପରଲୋକରେ କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ, ବିଭିନ୍ନ ସାମାଜିକ ସଂଗଠନ ଓ ସମାଜର ବିଭିନ୍ନ ସ୍ତରରେ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ତାଙ୍କ ଆତ୍ମାର ସଦଗତି କାମନା କରାଯାଇଛି ।

### ଅନୁକମ୍ପାମୂଳକ ନିଯୁକ୍ତି ମାମଲା

## ୨୯ ସୁଦ୍ଧା ନିଯୁକ୍ତି ନଦେଲେ ସରକାର ଗଣିବେ ଲକ୍ଷେ ଟଙ୍କା ଦଣ୍ଡ

କଟକ, ୨୧ ।୧(ସମିସ): ଅନୁକମ୍ପାମୂଳକ ନିଯୁକ୍ତିକୁ ନେଇ ଦାୟର ଏକ ମାମଲାରେ ଜଣିକିଆ ବିଚାରପତିଙ୍କ ରାୟକୁ ବିରୋଧ କରି ରାଜ୍ୟ ସରକାର ଦାୟର କରିଥିବା ରିଟ୍ ଆବେଦନକୁ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଆଜି ଖାରଜ କରି ଦେଇଛନ୍ତି । ଏଥିସହ ଅଦାଲତରେ ତ୍ରୁଟିପୂର୍ଣ୍ଣ ତଥା ମିଥ୍ୟା ତଥ୍ୟ ଉପସ୍ଥାପନ ନେଇ ହାଇକୋର୍ଟ କ୍ଷୋଭ ପ୍ରକାଶ କରିବା ସହ ସରକାରଙ୍କ ଉପରେ ୧ଲକ୍ଷ ଟଙ୍କା ଦଣ୍ଡ ରାଶି ଧାର୍ଯ୍ୟ କରିଛନ୍ତି । ଜଷ୍ଟିସ୍ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଯଦି ରାଜ୍ୟ ସରକାର ଜାନୁଆରୀ ୨୯ ସୁଦ୍ଧା ପ୍ରତିପକ୍ଷଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରନ୍ତି, ଏହି ଜରିମାନା ଦେବାକୁ ପଡ଼ିବ ନାହିଁ ବୋଲି ଅଦାଲତ କହିଛନ୍ତି । ସେହିଭଳି ଯଦି ନିଯୁକ୍ତି ଦିଆନଯାଏ, ତେବେ ୧ଲକ୍ଷ ଟଙ୍କା ଜରିମାନା ସହ ବିଳମ୍ବ ନିମନ୍ତେ ପ୍ରଥମ ୪ ସପ୍ତାହ ପାଇଁ ଦୈନିକ ୧୦୦ଟଙ୍କା ଓ ପରବର୍ତ୍ତୀ ଦିନଗୁଡ଼ିକ ପାଇଁ ୨୦୦ଟଙ୍କା ଅଧିକ ଜରିମାନା ଦେବାକୁ ପଡ଼ିବ ବୋଲି ହାଇକୋର୍ଟ କହିଛନ୍ତି ।

ମାମଲାରୁ ପ୍ରକାଶ, ୨୦୧୨ ସେପ୍ଟେମ୍ବର ୧୮ ତାରିଖରେ ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କର ଦ୍ୱିତୀୟ ପୁତ୍ର ଅନିଲ ନାୟକ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ମୃତ କର୍ମଚାରୀଙ୍କ ପତ୍ନୀ ବୃଦ୍ଧା ଏବଂ ବଡ଼ ପୁଅ ପୋଲିଓ ଆକ୍ରାନ୍ତ ହୋଇଥିବାରୁ ସେମାନେ ଚାକିରି ପାଇଁ ଅକ୍ଷମତା ପ୍ରକାଶ କରିଥିଲେ । ଅନ୍ୟପଟେ ତୃତୀୟ ପୁତ୍ର ମଧ୍ୟ ଅନିଲଙ୍କ ନିଯୁକ୍ତି ପାଇଁ ନିଜର ସମ୍ମତି ପ୍ରଦାନ କରିଥିଲେ । ମାତ୍ର ସରକାର ଏହି ନିଯୁକ୍ତିକୁ ମଞ୍ଜୁର ନକରିବାରୁ ମାମଲା ହାଇକୋର୍ଟକୁ ଯାଇଥିଲା । ପୂର୍ବରୁ ଅନିଲଙ୍କ ସପକ୍ଷରେ ଜଣିକିଆ ବିଚାରପତି ରାୟ ଦେଇଥିଲେ, ଯାହାକୁ ରାଜ୍ୟ ସରକାର ୩୧୯ ଦିନ ବିଳମ୍ବରେ ଦୁଇ ଜଣିଆ ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ । ସରକାର ନିଜର ଆବେଦନରେ ଦର୍ଶାଇଥିଲେ ଯେ ଜଣିକିଆ ସେମାନଙ୍କ ପକ୍ଷ ନଶୁଣି ନିଷ୍ପତ୍ତି ଶୁଣାଇଛନ୍ତି । ମାତ୍ର ରେକର୍ଡ ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ ସରକାର ଜବାବ ମଧ୍ୟ ଦାଖଲ କରିଥିଲେ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ତଥା ଅନୁପାଳନ ରିପୋର୍ଟ ଦାଖଲ ପାଇଁ ଜାନୁଆରୀ ୩୦ତାରିଖକୁ ଧାର୍ଯ୍ୟ କରାଯାଇଛି ।

■ ଭଲ ପାଇବାର ମୂଲ୍ୟ ଏମିତି ଦେଲା...

## ପିଉସାକୁ ହତ୍ୟା କଲା ନିଶାସକ୍ତ ପୁତୁରା

ବଲାଙ୍ଗିର,୨୧।୧(ସମିସ): ବଲାଙ୍ଗିର ସହର ତୁଳସୀନଗରପଡ଼ାରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ଏହି ମାମଲାରେ ପୁଲିସ ଅଭିଯୁକ୍ତ ରବିନାରାୟଣ ବିଶି ଓରଫ୍ ଅଜୁକୁ ଗିରଫ କରିଛି । ଏହାସହ ହତ୍ୟା ପଛର କାରଣ ମଧ୍ୟ ପୁଲିସ ସାମ୍ନାକୁ ଆଣିଛି । ଯେଉଁ ପିଉସା ପାଳିପୋଷି ବଡ଼ କରିଥିଲା, ସେହି ପିଉସାକୁ ସେ ନିଶାସକ୍ତ ଅବସ୍ଥାରେ



ସାମାନ୍ୟ କଥାରେ ହତ୍ୟା କରିଛି । ମୃତକ ହେଲେ, ବଲାଙ୍ଗିର ତୁଳସୀନଗରପଡ଼ାର ଯଦୁମଣି ବଗର୍ତ୍ତି । ପୁତୁରା ଅଜୁକୁ ସେ ଛୋଟବେଳୁ ପୁଅ ଭଳି ସ୍ନେହ କରି ବଡ଼ କରିଥିଲେ । ବିବାହ ମଧ୍ୟ କରାଇଥିଲେ । ତାର ଗୋଟିଏ ଛୁଆ ଓ ସ୍ତ୍ରୀ ରହିଛନ୍ତି । ମଙ୍ଗଳବାର ରାତିରେ ଏକ ସାମାନ୍ୟ ଘଟଣାକୁ ନେଇ ନିଶାସକ୍ତ ଅବସ୍ଥାରେ ଅଜୁ ତାଙ୍କୁ ପିଟି ହତ୍ୟା କରିଥିବା ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି । ରାତିରେ ଅଜୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲା । ନିଜ ଛୁଆକୁ ଧରିବା ପାଇଁ ସ୍ତ୍ରୀକୁ ମାଗିଥିଲା; କିନ୍ତୁ ମଦ ପିଇଥିବାରୁ ସ୍ତ୍ରୀ ଛୁଆକୁ ଦେଇନଥିଲେ । ଅଜୁ ରାଗିଯାଇ ଛୁଆକୁ ଆଣି କଚାଡ଼ି ଦେଇଥିଲା । ଏହି ସମୟରେ ପାଖରେ ବସିଥିବା ତାଙ୍କ ପିଉସା ଯଦୁମଣି ବିରୋଧ କରିଥିଲେ । ଅଜୁର ସ୍ତ୍ରୀ ଓ ଛୁଆକୁ ଘରକୁ ପଠାଇଦେଇ ତାକୁ ବୁଝାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ନିଶାସକ୍ତ ଅଜୁ ପିଉସାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲା । ପଡ଼ା ରାସ୍ତାରେ ଦୀର୍ଘ ସମୟ ଧରି ଯଦୁମଣି ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ । ଶେଷରେ ପରିବାରଲୋକେ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ଧାନ ବେପାରୀଙ୍କୁ ବାନ୍ଧିଲେ ଗ୍ରାମବାସୀ

ଉଦଳା, ୨୧ ।୧(ସମିସ): ଆଖିରେ ଆଙ୍ଗୁଠି ଗେଞ୍ଜି ବସ୍ତା ପିଛା ୧୬ କେଜି କାଟି ଧାନ କିଣୁଥିବା ଜଣେ ଧାନ ବେପାରୀକୁ ଗ୍ରାମବାସୀ ଦଉଡ଼ିରେ ବାନ୍ଧି ଅଟକ ରଖିବା ଘଟଣା ଉଦଳା ବ୍ଲକ୍‌ରେ ଚର୍ଚ୍ଚାର ବିଷୟ ହୋଇଛି । ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଧାନ ବେପାରୀ ଏହାର ଫାଇଦା ନେବାକୁ ଗାଁ ଗାଁରେ ଘୂରି ବୁଲୁଛନ୍ତି । ଶାଗମାଛ ଦରରେ ଚାଷୀଙ୍କଠାରୁ ସେମାନେ ଧାନ କିଣି ନେଇଯାଉଛନ୍ତି । ଆଜି ଜଣେ ଧାନବେପାରୀ ଉଦଳା ଥାନା କଇଁସାରି ଗ୍ରାମରେ ପହଞ୍ଚି ଚାଷୀଙ୍କଠାରୁ ଧାନ କିଣିଥିଲେ । ହେଲେ ବସ୍ତା ପିଛା ସେ ୧୬ କେଜି ହିସାବରେ କଟନୀଛଟନୀ କରିବାରୁ ଗ୍ରାମବାସୀ ତାତି ଯାଇଥିଲେ । ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ଏକ ଦଉଡ଼ିରେ ତାଙ୍କୁ ବାନ୍ଧି ପକାଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବେପାରୀଙ୍କୁ ଉଦ୍ଧାର କରିଥିଲା ।

## ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ହାଇକୋର୍ଟଙ୍କ ଗିରଫ ପରୱାନା

କଟକ,୨୧ ।୧(ସମିସ): ହାଇକୋର୍ଟଙ୍କ ଆଦେଶ ଅନୁପାଳନ ନ କରିବା ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଅଡୁଆରେ ପକାଇଛି । ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଢେଙ୍କାନାଳ ଡିଇଓ ପରେଶ ପାତ୍ରଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି ହାଇକୋର୍ଟ । ଜାନୁଆରି ୨୨ରେ ଡିଇଓଙ୍କୁ ହାଜର କରାଇବା ପାଇଁ ଏହି ଗିରଫ ପରୱାନା ଜାରି କରାଯାଇଛି । ଶଶିଭୂଷଣ ମହାପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇନଥିବା ସମ୍ପର୍କରେ ସମ୍ପୃକ୍ତ ଡିଇଓ ସ୍ପଷ୍ଟୀକରଣ ରଖିବେ । ଯଦି ପୂର୍ବ ଆଦେଶ ପାଳନ କରାଯାଏ, ତେବେ ଡିଇଓଙ୍କ ବିରୋଧରେ ଏହି ନିର୍ଦ୍ଦେଶ ଆଧାରରେ କୌଣସି କଠୋର୍ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି । ମାମଲାରୁ ପ୍ରକାଶ ଯେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ଅଧୀନ ମକୁଆକାଟେଣି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ରୁଦ୍ରମୋହନ ମହାପାତ୍ରଙ୍କ ୨୦୧୧ରେ ବିୟୋଗ ହୋଇଥିଲା । ତାଙ୍କ ପୁଅ ତଥା ଆବେଦନକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଙ୍ଗରେ ଦୁଇ ମାସ ଭିତରେ ବିଚାର କରିବାକୁ ଢେଙ୍କାନାଳ ଡିଇଓଙ୍କୁ ଗତ ୨୦୨୫ ସେପ୍ଟେମ୍ବର ୯ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରି ଗତ ଡିସେମ୍ବରରେ ଆବେଦନକାରୀ ଡିଇଓ ଶ୍ରୀ ପାତ୍ରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହକ୍ ଅପେକ୍ଷାରେ...

ଏଫସିଆଇ ଜରିଆରେ ଯଦି କେନ୍ଦ୍ର ଉଷୁନା ଧାନ ନ ଉଠାଉଥିବା ମଧ୍ୟ ଆଉ ଏକ ସମସ୍ୟାକୁ ଜନ୍ମ ଦେଇଛି । ଅପରପକ୍ଷରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶା ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସିଥିଲେ ବି ତାହା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ । ଆସାମ ଓ ବିହାରରେ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ଗତ ବଜେଟ୍‌ରେ ବିପୁଳ ଅନୁଦାନ ପ୍ରଦାନ କରାଯାଇଥିଲେ ବି ଓଡ଼ିଶା ଏଥିରୁ ବଞ୍ଚିତ ହୋଇଥିଲା । ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ସହ ସ୍ୱତନ୍ତ୍ର ଧାନକେନ୍ଦ୍ରିକ ରାଜ୍ୟ ପାଇଁ ଓଡ଼ିଶା ଦୀର୍ଘଦିନ ଧରି ଦାବି କରି ଆସିଛି, ସରକାରରେ ଥିବା ସମୟରେ ବିଜେଡି ଏହା ଉପରେ ଗୁରୁତ୍ୱ ଦେଇଥିଲା ଓ ଏବେ ବି ଏହି ପ୍ରସଙ୍ଗକୁ ସଂସଦରେ ବାରମ୍ବାର ଉଠାଇଛି । ମାତ୍ର ଆଗାମୀ ବଜେଟ୍‌ରେ ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ସରକାର କି ଆଭିମୁଖ୍ୟ ରଖିବେ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ ।

ଏହି ସବୁ ପ୍ରସଙ୍ଗ ଭିନ୍ନ କୋଇଲା ରୟାଲଟି ସଂଶୋଧନ ଦାବି ୨୦୧୪ରୁ ପଡ଼ି ରହିଛି । ଟ୍ରିବ୍ୟୁନାଲରେ ବହୁଚର୍ଚ୍ଚିତ ମହାନଦୀ ବିବାଦ ଗଡ଼ୁଛି । ଆପୋସ ଆଲୋଚନାର ସଂଜ୍ଞା ନିର୍ଦ୍ଧାରଣ ହୋଇ ପାରୁନାହିଁ । କୋଟିଆ ଏବଂ ଅନ୍ୟ ସୀମା ବିବାଦ ଅସମାଧିତ, ପୋଲାଭରମ୍‌ରେ କେନ୍ଦ୍ର ଓଡ଼ିଶା ପକ୍ଷରୁ ସମ୍ପୂର୍ଣ୍ଣ ଅଣଦେଖା କରି ଆନ୍ଧ୍ରକୁ ଆଖିବୁଜା ସମର୍ଥନ ଓ ଅନୁଦାନ ଦେଇଛି । ତେଣୁ ଆନ୍ତଃ ରାଜ୍ୟ ସୀମା ଓ ଜଳବିବାଦରେ କେନ୍ଦ୍ର ଅଧିକ ସକ୍ରିୟ ଓ ଗଠନ ମୂଳକ ଭୂମିକା ନିର୍ବାହ କରିବାର ଆବଶ୍ୟକତା ଥିବା ସମୟରେ କେନ୍ଦ୍ରର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ନିବଦ୍ଧ ହୋଇଛି । ଅପରପକ୍ଷରେ ଭଦ୍ରକ ଜିଲ୍ଲାରେ ଘୋଷିତ ବୟନଶିଳ୍ପ ପାର୍କ, ବହୁ ଚର୍ଚ୍ଚିତ କୋଷ୍ଟାଲ ହାଇୱେ, ବରଗଡ଼ର ଇଥାନଲ କାରଖାନାର ଭବିଷ୍ୟତ ଏବେ ବି ନିଶ୍ଚିତ ହୋଇ ନାହିଁ । କେନ୍ଦ୍ର ସରକାର ବନ୍ଦ କରି ଦେଇଥିବା ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି(ବିଆରଜିଏଫ), କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ସହାୟତା(ଏସସିଏଫରକେବିକେ), ସମନ୍ୱିତ କାର୍ଯ୍ୟ ଅନୁଦାନ ଯୋଜନା(ଆଇଏପି), ଜାତୀୟ ଇ-ଗଭର୍ଣ୍ଣାନ୍ସ ଆକ୍ସନ ପ୍ଲାନ(ଏନ୍‌ଇଜିଏପି), ରାଜୀବଗାନ୍ଧୀ ପଞ୍ଚାୟତ ସଶକ୍ତୀକରଣ ଅଭିଯାନ(ଆରଜିପିଏସଏ), ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଣ୍ଠି(ଟିଆଇ), ପୁଲିସ୍ ବାହିନୀର ଆଧୁନିକୀକରଣ(ଏମପିଏଫ୍), ଖାଦ୍ୟ ପ୍ରକ୍ରିୟାକରଣ ନିମିତ୍ତ ଜାତୀୟ ମିଶନ୍(ଏନଏମଏଫପିଏସ)କୁ ଭରଣା କରିବା ପରି ପଦକ୍ଷେପ ଏଯାଏ ନିଆଯାଇ ନାହିଁ । ମନରେଗା ଯୋଜନା ବନ୍ଦ କରାଯାଇ ବି ଭି ଜି ରାମ ଜି ଯୋଜନା ଆରମ୍ଭ ହେବା ପରେ ଏହାର ଚାପ ଓଡ଼ିଶା ଉପରେ ଅଧିକ ପଡ଼ିବ ବୋଲି ଆକଳନ କରାଯାଉଛି । ଏହାକୁ କିପରି ରାଜ୍ୟ ସରକାର ଭରଣା କରିବେ ତାହା ବି ସ୍ପଷ୍ଟ ହୋଇ ନାହିଁ । ରାଜ୍ୟର ୧୦ ଲକ୍ଷ ଲୋକଙ୍କୁ ଜାନୁଆରୀ ମାସ ସୁଦ୍ଧା ଆବାସ ମିଳିବ ବୋଲି ଘୋଷଣା କେବଳ ଘୋଷଣା ମଧ୍ୟରେ ଅଟକି ରହିଛି । କେନ୍ଦ୍ର ସରକାରଙ୍କ କାଳକ୍ଷେପଣନୀତି କାରଣରୁ ରାଜ୍ୟରେ ଓଡ଼ିଶା ସାମୁଦ୍ରିକ ବୋର୍ଡ କାର୍ଯ୍ୟକାରୀ ହୋଇପାରୁ ନାହିଁ । ସ୍ୱତନ୍ତ୍ର ଜଳସେଚନ ଆର୍ଥିକ ଦାୟିତ୍ୱରୁ ମଧ୍ୟ କେନ୍ଦ୍ର ଖସିସାରିଛି । ଜାତୀୟ ଉଦ୍ୟାନ କୃଷି ମିଶନ୍, ଆରକେବିୱାଇ ଇତ୍ୟାଦିର ଅନୁଦାନ ମଧ୍ୟ ଠିକ୍ ସମୟରେ ମିଳୁନାହିଁ । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଯଦି ସଂଘୀୟ ଢାଞ୍ଚାରେ ନିଜ ଆର୍ଥିକ କର୍ତ୍ତବ୍ୟ ରାଜ୍ୟର ଆବଶ୍ୟକତା ଅନୁଯାୟୀ ନ କରେ, ତେବେ ରାଜ୍ୟ ଉପରେ ଆର୍ଥିକ ବୋଝ ଓ ଚାପ ତ ବଢ଼ିବ ; ଅନ୍ୟପକ୍ଷରେ କେନ୍ଦ୍ର ବିରୋଧୀ ସ୍ୱର ଅଧିକ ତୀବ୍ର ହେବା ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ଆଗାମୀ ବଜେଟ୍ ଓଡ଼ିଶାର ଡ଼ବଲ ଇଞ୍ଜିନ ସରକାର ପାଇଁ ଅନେକ ଆହ୍ୱାନ ସୃଷ୍ଟି କରିଥିବା ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି ।

### ନୋବେଲ ପାଗଳ...

ତେବେ ଏହା ଭୁଲ୍ । କାରଣ ନୋବେଲ ସେଠାରେ ପ୍ରଦାନ କରାଯାଇଥାଏ ଓ ସେମାନେ ହିଁ ନିଷ୍ପତ୍ତି ନେଇଥାନ୍ତି ।' ସୂଚନାଯୋଗ୍ୟ ଯେ ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଷ୍ଟୋର ସୋମବାର କହିଥିଲେ ଯେ, ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାର ନିଷ୍ପତ୍ତି ଏକ ସ୍ୱାଧୀନ ନୋବେଲ କମିଟି ଦ୍ୱାରା ନିଆଯାଇଥାଏ । ନରୱେ ସରକାରଙ୍କର ଏଥିରେ କୌଣସି ଭୂମିକା ନାହିଁ । ଏ ନେଇ ଟ୍ରମ୍ପଙ୍କୁ ପୂର୍ବରୁ ବୁଝାଇ ଦିଆଯାଇଛି । କିନ୍ତୁ ଟ୍ରମ୍ପ ବୁଝିବାକୁ ନାରାଜ । ସେ କହିଲେ ଯେ ଏଥର ନୋବେଲ ପାଇଥିବା ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ ମାଚାଡ଼ୋ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ମାରିଆ କହିଥିଲେ ଯେ, ଟ୍ରମ୍ପ ଏହି ପୁରସ୍କାର ପାଇବାକୁ ଅଧିକ ଯୋଗ୍ୟ । କିନ୍ତୁ ଟ୍ରମ୍ପଙ୍କ ଭାଷାରେ ନରୱେ ମାନିବାକୁ ନାରାଜ । ଟ୍ରମ୍ପ ଆଜି ପୁଣି କହିଛନ୍ତି ଯେ ୧୦ ମାସ ତଳେ ଭାରତ- ପାକିସ୍ତାନ ଯୁଦ୍ଧକୁ ରୋକି ସେ ବିଶ୍ୱକୁ ପରମାଣୁ ଯୁଦ୍ଧର ବିଭିଷୀକାରୁ ବଞ୍ଚାଇଥିଲେ । ଗତ ମେ'ରେ ଭାରତ- ପାକିସ୍ତାନ ସଂଘର୍ଷ ପରମାଣୁ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଥିଲା । ଦୁଇ ଦେଶ ମଧ୍ୟ ଯୁଦ୍ଧ ବିରତି ଘୋଷଣା କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ଯୁଦ୍ଧ ବନ୍ଦ କରି ସେ ଏକ କୋଟି ଲୋକଙ୍କ ଜୀବନ ରକ୍ଷା କରିଛନ୍ତି । ପାକିସ୍ତାନ ପ୍ରଧାନମନ୍ତ୍ରୀ ମଧ୍ୟ ଏହା ସ୍ୱୀକାର କରିଛନ୍ତି । ତଥାପି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ନମିଳିବା କ୍ଷୋଭର ବିଷୟ । ସୂଚନାଯୋଗ୍ୟ ଯେ ଭାରତ- ପାକିସ୍ତାନ ଯୁଦ୍ଧ କରାଇବା ନେଇ ସେ ପାଖାପାଖି ୬୦ରୁ ଅଧିକ ଥର କହିସାରିଛନ୍ତି । କିନ୍ତୁ ଭାରତ ଏହାକୁ ଖଣ୍ଡନ କରି କହିଛି ଯେ ଯୁଦ୍ଧ ବିରତିରେ କୌଣସି ତୃତୀୟ ପକ୍ଷର ଭୂମିକା ନଥିଲା ।

### ଲୋକଙ୍କ ସ୍ୱାର୍ଥ...

କହିଛନ୍ତି । ଶାସନରେ ଥାଆନ୍ତୁ ବା ନ ଥାଆନ୍ତୁ, ଦଳର କର୍ମୀ ଓ ନେତାଙ୍କ ପ୍ରତି ନବୀନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ହୋଇ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି । ବିଶ୍ୱାସଘାତକତାକୁ ନବୀନ ପ୍ରଚଣ୍ଡ ଘୃଣା କରନ୍ତି । ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ସହ କୌଣସି ମୂଲ୍ୟରେ ସାଲିସ କରିନାହାନ୍ତି । ଯେଉଁଥିପାଇଁ ଶାସନ କ୍ଷମତାରେ ନ ଥିଲେ ମଧ୍ୟ ଦଳର ୨ ବିଧାୟକଙ୍କୁ ନିଲମ୍ବନ କରିବାର ସାହସ ଦେଖାଇପାରିଛନ୍ତି ନବୀନ । ରାଜନୀତିରେ ଏପରି ଉଦାହରଣ କ୍ୱଚିତ୍ ଦେଖିବାକୁ ମିଳେ । ତେଣୁ ଯେଉଁ ନେତାମାନେ ଦଳରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ଏଥିରୁ ଶିକ୍ଷାଲାଭ କରିବା ଉଚିତ୍ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି । ଶାସନ କ୍ଷମତାରେ ନ ଥିବା କୌଣସି ଦଳର ମୁଖ୍ୟ ବିନା କାରଣରେ ଦଳୀୟ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦଳର କ୍ଷତି କରିବାକୁ ଚାହିଁବେ ନାହିଁ । ତେଣୁ ନବୀନ ନିଶ୍ଚିତ ଭାବରେ କିଛି ପ୍ରମାଣ ପାଇଥିବେ, ଯେଉଁଥିପାଇଁ ଏତେବଡ଼ ପଦକ୍ଷେପ ସେ ଗ୍ରହଣ କରିଛନ୍ତି । ନବୀନ ଆଦୌ ନିରର୍ଥକ କଥା କହନ୍ତି ନାହିଁ ଓ ନିରବ ରହିବାକୁ ପସନ୍ଦ କରନ୍ତି । ମାତ୍ର ଏହି ନିରବତାର ଅର୍ଥକୁ ଦୁର୍ବଳତା ଭାବୁଥିବା ନେତାମାନେ ଭୁଲ କରୁଛନ୍ତି । ସେ ଦଳର ନେତାଙ୍କ କାର୍ଯ୍ୟକଳାପକୁ ନିରବରେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିଥାଆନ୍ତି । ଦଳର ଦୁଇ ବିଧାୟକଙ୍କ ବିରୋଧରେ ତାଙ୍କର କଠୋର ପଦକ୍ଷେପ ଏହାର ସଦ୍ୟତମ ପ୍ରମାଣ । ରାଜ୍ୟବାସୀଙ୍କ ଆଶୀର୍ବାଦରେ ତଥା କୋଟିକୋଟି ରାଜ୍ୟବାସୀଙ୍କ ଅକୁଣ୍ଠ ସମର୍ଥନ ବିଜେଡିକୁ ଜାତୀୟ ରାଜନୀତିରେ ଏପରି ଈର୍ଷଣୀୟ ସଫଳତା ଦେଇଛି । ରାଜ୍ୟବାସୀଙ୍କ ଭଲ ପାଇବା ଓ ସ୍ନେହ ହେଉଛି ନବୀନଙ୍କ ବଳ । ତେଣୁ ରାଜ୍ୟର ପ୍ରତ୍ୟେକ ଲୋକଙ୍କୁ ସେ ନିଜର ପରିବାର ମନେକରନ୍ତି ଏବଂ ସେମାନଙ୍କ କ୍ଷତି ସାଧନ କରୁଥିବା ଲୋକଙ୍କୁ କେବେ କ୍ଷମା କରନ୍ତି ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

### ରାଜଧାନୀରେ 'ଥାର୍'...

ବୟସ ୨୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ପୁଲିସର କହିବାନୁଯାୟୀ ରାଜା ଏବଂ ତାଙ୍କ ବନ୍ଧୁ ଏୟାରପୋର୍ଟ ଛକରେ ୟୁ ଟର୍ଣ୍ଣ କରୁଥିବା ବେଳେ ଥାର୍ ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ରାଜାକୁ ଡାକ୍ତର ମୃତ ଘୋଷଣା କରିଛନ୍ତି ।

### ୨୮ ନୂଆ...

ସୀମା ନିର୍ଦ୍ଧାରଣ କାମ ସରିଲେ ତାପରେ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସ୍ତୁତ ପାଇଁ ପ୍ରାୟ ୪୫ ଦିନ ସମୟ ଲାଗିବ । ଏହାପରେ ପୂରା ଭୋଟ ପ୍ରକ୍ରିୟା ପାଇଁ ଆଉ ୩୫ ଦିନ ଲାଗିପାରେ । ନିର୍ବାଚନ କମିଶନଙ୍କ ଚିଠି ଅନୁସାରେ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ୨୮ଟି ନୂଆ ଏନଏସି ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡା, କପ୍ତିପଦା, ଯଶିପୁର, ରାସଗୋବିନ୍ଦପୁର ଆଦି ୬ ଏନଏସି ରହିଛି । ସେହିପରି କଟକ ଜିଲ୍ଲାର ସାଲେପୁର, ବଡମ୍ବା, ନରସିଂହପୁର, ବାଲେଶ୍ୱର ଜିଲ୍ଲାର ସିମୁଳିଆ, ବସ୍ତା, ଭଦ୍ରକର ତିହିଡି ଏବଂ ଧୂଷୁରୀ, ଗଞ୍ଜାମର ଜଗନ୍ନାଥପ୍ରସାଦ, ପାତ୍ରପୁର, କଳାହାଣ୍ଡିର ନର୍ଲା ଏବଂ ଜୟପାଟଣା, ସମ୍ବଲପୁରର ବାମରା ଏବଂ ରେଙ୍ଗାଲି ଅନ୍ତର୍ଭୁକ୍ତ ରହିଛି । ଅନୁଗୁଳର ପାଲଲହଡା, ବଲାଙ୍ଗୀରର ଲୋଇସିଂହା, ବରଗଡର ସୋହେଲା, ଢେଙ୍କାନାଳର ଗନ୍ଦିଆ, ଯାଜପୁରର ଚଣ୍ଡିଖୋଲ, ଖୋର୍ଦ୍ଧାର ଟାଙ୍ଗୀ, ରାୟଗଡାର ବିଷମକଟକ ଏବଂ ସୁବର୍ଣ୍ଣପୁରର ବୀରମହାରାଜପୁର ମଧ୍ୟ ଏଥିରେ ସାମିଲ ରହିଛି । ଏହି ସବୁ ଏନଏସିର କାର୍ଯ୍ୟକାରୀ ଅଧିକାରୀ ଦାୟିତ୍ୱରେ ସ୍ଥାନୀୟ ବିଡିଓ ରହିଛନ୍ତି ।

### କଳାତାଲିକାଭୁକ୍ତ ସଂସ୍ଥାକୁ...

ବିଏସ୍‌ଏନ୍‌ଏଲ ଓ 'ଟିସିଆଇଏଲ୍' ଭଳି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦେଇ ଏହି କାମ ସମ୍ପୃକ୍ତ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ଉଦ୍ୟମ ଚାଲିଛି । ଏହି ଦ୍ୱୟ ସରକାରୀ ସଂସ୍ଥା ଉକ୍ତ କାର୍ଯ୍ୟ ପାଇଁ ଆଗ୍ରହ ପ୍ରକାଶ କରି ରାଜ୍ୟ ସରକାର ଟେଣ୍ଡର ବିଧିବ୍ୟବସ୍ଥା ଅନୁଯାୟୀ ଆବେଦନ କରିଥିଲେ । ମାତ୍ର ସମସ୍ତ ଯୋଗ୍ୟତା ସତ୍ତ୍ୱେ ଏହି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦିଆଯାଇ 'ସି-ଡିଏସି'କୁ କାର୍ଯ୍ୟ ପ୍ରଦାନ ପାଇଁ ବିଭାଗର ଜିଦ୍ ଏକ ବଡ଼ ହେରଫେର ଦିଗ ପ୍ରତି ଇଙ୍ଗିତ କରିଛି । ଏଥିପାଇଁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଏସ୍‌ଟିଏ କାର୍ଯ୍ୟାଳୟ ଉପରେ ସନ୍ଦେହ ପ୍ରକଟ କରିଛି ଓଡ଼ିଶା ଭେହିକିଲ୍ ଡିଲର ଆସୋସିଏସନ । ଟେଣ୍ଡର ନିୟମ ଅନୁଯାୟୀ କେବଳ ସୋସାଇଟି ଆକ୍ଟରେ ପଞ୍ଜୀକରଣ ସଂସ୍ଥା ଓ ରାଜ୍ୟରେ ଜିଏସ୍‌ଟି କରିଥିବା ସଂସ୍ଥାକୁ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ହେଲେ 'ସି-ଡିଏସି' କ୍ଷେତ୍ରରେ ଏହାକୁ କୋହଳ କରାଯାଇଛି । 'ସିଡିଏସି' ଅଲଗା ରାଜ୍ୟର ପଞ୍ଜୀକୃତ ଏକ ସଂସ୍ଥା । କାର୍ଯ୍ୟରେ ଅନିୟମିତତା ନିମନ୍ତେ ଅତୀତରେ ପଶ୍ଚିମବଙ୍ଗ ସରକାର ଏହି ସଂସ୍ଥା ଉପରେ ବିପୁଳ ଜୋରିମାନା ଲାଗୁ କରିବା ସହ ଏହି ସଂସ୍ଥାର କାର୍ଯ୍ୟାଦେଶ ବାତିଲ କରିଛନ୍ତି । ସେହିପରି ପ୍ରଶ୍ନପତ୍ର ଲିକ୍ ମାମଲାରେ ପଞ୍ଜାବ ସରକାର ଏହି ସଂସ୍ଥାକୁ କଳାତାଲିକା ଭୁକ୍ତ କରିଛନ୍ତି । ପୁନଶ୍ଚ କେନ୍ଦ୍ର ସରକାରଙ୍କ ସଂସ୍ଥା ପକ୍ଷରୁ ଦିଆଯାଇଥିବା କଣ୍ଟ୍ରାକ୍ଟ ତୁଳନାରେ ଏହି ସଂସ୍ଥା ୨ ଗୁଣା ଅଧିକ ଦର ଧାର୍ଯ୍ୟ କରିଥିବା ସତ୍ତ୍ୱେ ଏହି ସଂସ୍ଥା ସହିତ ଚୁକ୍ତି କରିବା ପାଇଁ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରିଛନ୍ତି । ଏହି ସଂସ୍ଥା ଆଗାମୀ ୩ ବର୍ଷ ପାଇଁ ୧୪ କୋଟି ଟଙ୍କାରେ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିମାନା କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ପରିବହନ ବିଭାଗର ଏଭଳି କାର୍ଯ୍ୟକୁ ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ ବିରୋଧ କରିବା ସହ ଏକ ଦୁର୍ନୀତିର ଗନ୍ଧ ବାରିଛନ୍ତି । ସେ କହିଛନ୍ତି, ବିନା ଟେଣ୍ଡରରେ ଏବଂ ଏହି କମ୍ପାନୀର ଇଚ୍ଛା ଅନୁସାରେ ବିନା ବ୍ୟାଙ୍କ ଗ୍ୟାରେଣ୍ଟିରେ ଏହି ଚୁକ୍ତିମାନା ସ୍ୱାକ୍ଷର କରିବାକୁ ଯାଉଛନ୍ତି । ବିଏସଏନଲ ସହଯୋଗରେ ଆମ ରାଜ୍ୟରେ ୭୦ ହଜାରରୁ ଊର୍ଦ୍ଧ୍ୱ ଗାଡିରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି । ଭିଏଲଟିଡି ତିଆରି କରୁଥିବା ସଂସ୍ଥା ସହିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଚଲାଇବା ପାଇଁ ସି-ଡିଏସ. କମ୍ପାନୀ ସହିତ ପରିବହନ ବିଭାଗ କାର୍ଯ୍ୟାଦେଶ ଦେବା ପାଇଁ ଗତ ବର୍ଷେ ହେବ କାର୍ଯ୍ୟ ଆରମ୍ଭ କରିଥିଲା । ଏହି କାର୍ଯ୍ୟାଦେଶ ପ୍ରଦାନରେ ପରିବହନ ବିଭାଗରେ ବ୍ୟାପକ ଅର୍ଥ କାରବାର ହୋଇଛି । ବିରଷ୍ଠ ଆଇନ୍‌ଜୀବୀ ସୁବ୍ରତ ନନ୍ଦ ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବ, ପରିବହନ ବିଭାଗର ପ୍ରମୁଖ ସଚିବ, ପରିବହନ

କମିଶନର, ଅତିରିକ୍ତ ପରିବହନ କମିଶନର (ବୈଷୟିକ)ଙ୍କ ନିକଟକୁ ନୋଟିସ୍ ପଠାଇଛନ୍ତି । ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଚୁକ୍ତିମାନାକୁ ବାତିଲ କରିବାକୁ ଏହି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି । ଯଦି ରାଜ୍ୟ ସରକାର ଏହି ସବୁ ଘଟଣାକୁ ଗୁରୁତ୍ୱର ସହ ନେଇ ଚୁକ୍ତି ବାତିଲ ନ କରନ୍ତି ତେବେ ଉଚ୍ଚ ନ୍ୟାୟାଳୟରେ ଏ ସମ୍ପର୍କରେ ମକୋଦ୍ଦମା ଦାଏର କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି ।


**OFFICE OF THE REVENUE DIVISIONAL COMMISSIONER** F-110
**CENTRAL DIVISION, ODISHA, CUTTACK**
No. Z-21/2023-24/578/Niz, Dated 20.01.2026

**Tender Call Notice**

Sealed quotations / tenders are invited from interested reputed travel agencies / tour operators / private individuals for providing 01 (one) no. of Zest / Tigor / Swift Desire / Xcent / Etios AC Petrol / Diesel driven vehicles for official use of Secretary to RDC, office of the RDC (CD), Cuttack on monthly rent basis. The application form of quotation / tender call notice, terms and conditions along with general information for hiring of vehicles etc. will be available with the Senior Administrative Officer, office of the Revenue Divisional Commissioner, (Central Division), Odisha, Cuttack from **20.01.2026** or can be downloaded from website **https://cuttack.odisha.gov.in** & **https://rdccdcuttack.nic.in** from date **20.01.2026 to 31.01.2026.**

Sd/-
Revenue Divisional Commissioner,
Central Division, Cuttack

OIPR-

**GOVERNMRNT OF ODISHA** A-1312
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, JAGATSINGHPUR-754103**
email Id : eeddjspur@gmail.com
e-procurement Notice No. SEDD-JSPUR-07/2025-26

| | | | |
|---|---|---|---|
| 1. | Name of Works | : | Improvement, Construction of slope protection & Box Culvert |
| 2. | Total number of works | : | 02 (Two) nos. of Package |
| 3. | Bid Identification No. | : | 1. SEDD-JSPUR/JSP–11/2025-26<br>2. SEDD-JSPUR/JSP–12/2025-26 |
| 4. | Estimated Cost | : | Rs. 82.95 Lakhs & Rs. 81.61 Lakhs |
| 5. | Period of completion | : | 10 (Ten) Calendar months |
| 6. | Availability of Tender On - Line. | : | From 22.01.2026 at 16.30 Hours to 05.02.2026 upto 17.30 Hours. |
| 7. | Date of Opening of Technical Bid. | : | 06.02.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 8. | Class of Contractor | : | "B" Class |
| 9. | EMD required | : | As per DTCN. |
| 10. | Cost of Tender paper | : | Rs.10,000/- |
| 11. | Procurement Officer | : | Superintending Engineer, Drainage Division, Jagatsinghpur-754103 |

*Tender will be accepted if registered in the CDMS Portal.
Further details can be seen from the Govt. web site www.tendersorissa.gov.in. Addendum /Corrigendum/ Cancellation if any required will be published only in Govt. web site www.tendersorissa.gov.in

Sd/- Superintending Engineer
Drainage Division, Jagatsinghpur

OIPR-

**GOVERNMENT OF ODISHA** A-1296
**OFFICE OF THE EXECUTIVE ENGINEER**
**PODAGADA DAM DIVISION, AT/PO-KHATIGUDA,**
**DIST-NABARANGPUR, PIN-764085.**
Email I.D- eepodagadadam@gmail.com
e-Procurement Notice
**Bid Identification No.- EEPDD-06(03)/2025-26, Dated: - 17.01.2026**

Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | |
|---|---|
| 1. Name of the Work | Civil Works |
| 2. **No. of Works** | **Three Numbers** |
| 3. Estimated cost | Rs.84.88 Lakhs (TCN SL NO. 1),<br>Rs.78.88 Lakhs (TCN SL NO. 2),<br>Rs.51.26 Lakhs (TCN SL NO. 3), |
| 4. Eligibility of the bidders | 'B' Class contractors (Odisha P.W.D or equivalent class of other licensing authority) as per Detail Tender Call Notice. |
| 5. Period of completion | Three Calendar Months (TCN Sl No.01)<br>Three Calendar Months (TCN Sl No.02)<br>Three Calendar Months (TCN Sl No.03) |
| 6. Date of Clarification | 27.01.2026 to 29.01.2026 Only During Office Hour |
| 7. Time for receipt of bid in the portal | From 27.01.2026 11.00 AM to 10.02.2026 (up to 5:00 P.M) |
| 8. Date & place of opening of the bids on-line | 11.02.2026 (11:30 A.M)<br>O/o The E.E. Podagada Dam Division,<br>UIDC Khatiguda. |
| 9. Name and address of the Tender Inviting Authority(TIA) | Executive Engineer<br>Podagada Dam Division,<br>At/Po: Khatiguda,<br>District: Nabarangpur |

Further details can be seen from the e-procurement portal http://tendersodisha.gov.in

*Executive Engineer*
*Podagada Dam Division*
*Khatiguda*

OIPR-

**ZILLA SWASTHYA SAMITI, RAYAGADA**
**(Contractual engagement of different posts under NHM Program)**

Advt. No.02/Rayagada Date 20/01/ 2026

**Contractual Engagement**

Zilla swasthya Samiti (ZSS), Rayagada invites the application from the eligible candidates for different posts under NHM Programme. The eligibility criteria, vacancy, monthly remuneration, selection procedure, date of submission applications and application form can be downloaded from district website www.rayagada.odisha.gov.in. The candidates fulfilling the eligibility criteria may apply in the prescribed application form & submit to the undersigned by Regd. Post / Speed Post/Courier on or before **16.02.2026 by 5.00 P.M** with all relevant documents addressed to the Chief District Medical & Public Health Officer, Rayagada, Barijhola, near OMC Office, Pin-765002. The undersigned is not responsible for any postal delay or in-conveyance. Application received after due date will be rejected. The envelope containing the application should be superscripted clearly the name of the post applied for...............under NHM otherwise it will be rejected. Application received after due date and time will be rejected without any notice. No Personal query will be entertained. Vacancies shown are provisional and subject to change during the time of appointment. In-complete applications in any form is liable for rejection. Separate application forms for each post must be submitted in separate envelopes if any candidate willing to apply for more than one post.

No. of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district website. The undersigned reserves the right to cancel/ reject any or all the applications without assigning any reason thereof.

**CDM & PHO-Cum-DMD, Rayagada**

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 19.01.2026, I, Janaki Bhuyan, resident At/Po-Goda,Sub Dist-Begunia, Dist-Khordha, Odisha, PIN- 752062, declare that I have changed the name of my Daughter from Chandralekha Bhuyan to Chitralekha Bhuyan . Henceforth, she shall be known as CHITRALEKHA BHUYAN for all purposes.

(Janaki Bhuyan)

**AFFIDAVIT**

By virtue of an affidavit sworn before Notary public, Bhubaneswar on dated 20.01.2026, I, Malati Behera resident of At/Po-Badangi, Masani Sahi, Sub Dist- Tarasingi, Dist- Ganjam, Odisha, Pin- 761141 declare that I have changed my name from Malati Naik to Malati Behera. Henceforth, I shall be known as MALATI BEHERA for all purposes.

(MALATI BEHERA)

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 19.01.2026, I Tapan Behera resident At/Po-Goda,Sub Dist-Begunia, Dist-Khordha Odisha, PIN- 752062, declare that I have changed the name of my son from Parbati Behera to Ranjan Behera. Henceforth, He shall be known as RANJAN BEHERA for all purposes.

(Tapan Behera)

**FOR SALE**

1 Number of SCV –TATA ACE HT Diesel / 2023, Registration No.- OD-01-AR-4165, Model-2023, ENGINE NO - 800CCDI04AWXS03464, CHASSIS NO - MAT559007PZA00976, For Details, Contact - 88959 97418, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA BALASORE,756001, PH. NO- 06782-266657

**AFFIDAVIT**

By virtue of an affidavit (Sl No.46, dtd- 19/01/2026) sworn before The Notary Public, Bhubaneswar. I, **T Jateswar Samantara,** S/o- Janardan Samantray, permanent & current resident of LB-137, Badagada Brit Colony, PO- Brit Colony, Ps- Badagada, Bhubaneswar, Dist- Khordha, Odisha, PIN- 751018 declare that I have changed my name from **Jateswar Samantray** to **T Jateswar Samantara.** Henceforth, I shall be known as **T Jateswar Samantara** (new name) for all purposes.

**T Jateswar Samantara**

**AFFIDAVIT**

I, Manoja Kumar Rautaray, aged about 68 years, S/o- Late Radha Gobinda Rautaray, resident of At- Mukunda Prasad, Baula sahi, Po- P.N. College, Ps- Industrial Estate, Dist- Khurda, Odisha, PIN- 752057, Odisha declared by this affidavit No. 111, dtd- 14/01/2026 that now onwards I shall be known as **MANOJ KUMAR ROUTRAY** for all future purposes.

**AFFIDAVIT**

I, Narayan Chandra Ghadai, aged about 71 years, S/o-Jogendra Ghadai, resident of At- Aparttipur, Po- Matipaka, Ps- Naikanidihi Dist- Bhadrak, Odisha, Pin- 756125, do hereby declare by this affidavit No.166, dtd- 20/01/2026, that now onwards I shall be known as **NARAYAN GHADAI** for all future purposes.

## ନାଉଗାଁରେ ଖୋଲିଲା ପ୍ରଥମ ଧାନମଣ୍ଡି

# ମଣ୍ଡି ସମସ୍ୟା ନେଇ ତାତିଲେ ଚାଷୀ



ନାଉଗାଁ,୨୧।୧(ସମିସ)

ଜଗତସିଂହପୁର ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ନାଉଗାଁ ବ୍ଲକ୍‌ର ଗଜରାଜପୁର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ନାଉଗାଁ ଅତିରିକ୍ତ ତହସିଲଦାର ଶରତଚନ୍ଦ୍ର ପରିଡ଼ାଙ୍କ ଦ୍ୱାରା ପ୍ରଥମ ଧାନମଣ୍ଡିର ଶୁଭ ଉଦ୍‌ଘାଟନ କରାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାରଙ୍କ ସହିତ ଡିଆରସିଏସ୍ ପ୍ରଭାତ ଚନ୍ଦ୍ର ଶତପଥୀ, ଏସଆରସିଏସ୍ ରାଖାଲ ଚନ୍ଦ୍ର ସାସମଲ, ନାଉଗାଁ ଯୋଗାଣ ଅଧିକାରୀ ପ୍ରଦୀପ୍ତ ପ୍ରସନ୍ନ ନାୟକ, ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ବସନ୍ତ କୁମାର ପାଢ଼ୀ, ସମ୍ପାଦକ ମଙ୍ଗଳାକାନ୍ତ ମହାନ୍ତି, ନାଉଗାଁ ମଣ୍ଡି ନୋଡାଲ ଅଧିକାରୀ ପ୍ରମୋଦ କୁମାର ବେହୁରା ଓ ଧାନକ୍ରୟ କମିଟିର ସମସ୍ତ ସଦସ୍ୟଙ୍କ ସମେତ ଅନ୍ୟ ଚାଷୀ ଉପସ୍ଥିତ ଥିଲେ। ଏହି ଧାନ ମଣ୍ଡି ପ୍ରତ୍ୟେକ ସପ୍ତାହର ସୋମ, ମଙ୍ଗଳ, ବୁଧ ଓ ଶୁକ୍ରବାର, ଶନିବାର ଦିନ ଖୋଲା ଯିବାର ବ୍ୟବସ୍ଥା ରହିଥିବାବେଳେ ମଣ୍ଡିରେ ଧାନ ବିକ୍ରି କରିବାକୁ ମୋଟ ୮୬୭ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଚାଷୀମାନଙ୍କ ଠାରୁ ଏହି ସମିତି ମାଧ୍ୟମରେ ଦେବୀ ନ୍ୟାଚୁରାଲ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାକୁ ଧାନ କ୍ରୟ ପାଇଁ ମିଲର ଭାବେ ଦାୟିତ୍ୱ ଦିଆଯାଇଛି। ଆଜି ପ୍ରଥମ ଦିନରେ ୮ ଜଣ ଚାଷୀଙ୍କ ଠାରୁ ୨୧୩ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ସ୍ଥିର କରାଯାଇଥିଲା। ଚାଷୀମାନେ ମଣ୍ଡିରେ ଧାନ ପକାଇଥିବା ବେଳେ ଧାନର ସଠିକ୍ ଏଫ୍‌ଏକ୍ୟୁ ମାନ ନିର୍ଦ୍ଧାରିତ ହୋଇପାରି ନ ଥିବାରୁ କୌଣସି ବି ଚାଷୀଙ୍କ ଧାନ ବିକ୍ରି ହୋଇପାରିନଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏହି ମଣ୍ଡି ଉଦ୍‌ଘାଟନ ସମୟରେ ଧାନର ମାନ ନିର୍ଦ୍ଧାରଣ, କଟ୍‌ନୀଛଟ୍‌ନୀ, ଜରିଅଖା ବଦଳରେ ଝୋଟ ଅଖାର ବ୍ୟବହାର ଆଦି ବିଭିନ୍ନ ପ୍ରକାରର ସମସ୍ୟାକୁ ନେଇ ଚାଷୀ ତାତିଥିଲେ। ଚାଷୀଙ୍କ ସମେତ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁଙ୍କ ପକ୍ଷରୁ ଡିଆରସିଏସ୍‌କୁ ଦାବି କରାଯାଇଥିବା ବେଳେ ଉପସ୍ଥିତ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଲାଗିରହିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସମିତିର କର୍ମଚାରୀ ଚନ୍ଦ୍ରକାନ୍ତ ଦାସ, ଲୋକନାଥ ଲେଙ୍କା, ବସୁଦେବ ମଳିକ ପ୍ରମୁଖ ପରିଚାଳନା କରିଥିଲେ।

## ତାରପୁର ଓ ରେଢୁଆରେ ଖୋଲିଲା ଧାନମଣ୍ଡି

ରଘୁନାଥପୁର,୨୧।୧(ସମିସ): ରଘୁନାଥପୁର ବ୍ଲକ୍ ତାରପୁର ଗ୍ରାମପଞ୍ଚାୟତରେ ଶିବଶକ୍ତି ମହିଳା ଗ୍ରୁପର ସଭାପତି କାମିନୀ ସ୍ୱାଇଁ ଓ ସମ୍ପାଦକ ଅନ୍ନପୂର୍ଣ୍ଣା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ତାରପୁର ସରପଞ୍ଚ ସୁଷମା ମଲ୍ଲିକ ଓ ସମିତି ସଭ୍ୟା ପୂଜାଲତା ଦାସ କଣ୍ଟା ପୂଜା ପରେ ଫିତା କାଟି ମଣ୍ଡିର ଉଦ୍‌ଘାଟନ କରିଥିଲେ। ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଅଜୟ କୁମାର ପରିଜା, ନାରାୟଣ ମହାରଣା, ହରିଶ୍ଚନ୍ଦ୍ର ବାରିକ, ଅକ୍ଷୟ ପାଣିଗ୍ରାହୀ ଉପସ୍ଥିତ ରହି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ଟନା ପଣ୍ଡା, ଅଭିରାମ ପରିଡ଼ା, ବିନୋଦ ବିହାରୀ ମହାନ୍ତିଙ୍କ ସମେତ ତାରପୁର, ଅଚ୍ୟୁତପୁର, ଗୋକୁଳପୁର, ହରିଶପୁର ଓ ଖଣ୍ଡତରି ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ। ୩୩୨ ଚାଷୀ ଧାନ ବିକ୍ରୟ ପାଇଁ ଅନଲାଇନରେ ନାମ ପଞ୍ଜୀକରଣ କରିଥିବାର ଜଣାପଡିଥିଲା ବେଳେ ଦୁଇ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବାପାଇଁ ଅନୁମତି ମିଳିଛି ବୋଲି ସଭାପତି କାମିନୀ ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିଭଳି ଭାବରେ ରେଢୁଆ ଗ୍ରାମପଞ୍ଚାୟତର କୃଷି ସମବାୟ ସମିତିର ସଭାପତି ପ୍ରଦୀପ କୁମାର ମହାନ୍ତି ଓ ଉପସଭାପତି ନଳିନୀ ଦାସ, ସରପଞ୍ଚ କିଶୋରଚନ୍ଦ୍ର ବେହେରା, ସମିତିସଭ୍ୟ ବିଶ୍ୱଜିତ ଦାସ, ତଅାଁରା ଗ୍ରାମପଞ୍ଚାୟତର ସରପଞ୍ଚ ବଟକୃଷ୍ଣ ନାୟକ, ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ ଓ ଜିଲ୍ଲାପରିଷଦ ଇତିଶ୍ରୀ ମଲ୍ଲିକଙ୍କ ଉପସ୍ଥିତିରେ ରେଢୁଆ ଗ୍ରାମପଞ୍ଚାୟତ ଓ ତଅାଁରା ଗ୍ରାମପଞ୍ଚାୟତର ବହୁ ଚାଷୀଙ୍କ ଉପସ୍ଥିତିରେ ଫିତା କାଟି ଧାନମଣ୍ଡି ଖୋଲାଯାଇଥିଲା। ଏହି ସମିତିରେ ମୋଟ ୪୩୨ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଛି।

## 'ବନ୍ଦେ ମାତରମ 'ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ

ନାଉଗାଁ,୨୦।୧(ସମିସ): ନାଉଗାଁ ବ୍ଲକ ସ୍ଥିତ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଗୀତ "ବନ୍ଦେ ମାତରମ'ର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡା, ମୁଖ୍ୟବକ୍ତା ଅଧ୍ୟାପକ ଚୈତନ୍ୟ ପରିଡା, ସମ୍ମାନିତ ଅତିଥି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିନେଶ ରାୟ, ଜିପିଓ ସୌରଜିତ ମହାପାତ୍ର, ଶିକ୍ଷକ ସୁକାନ୍ତ କୁମାର ଲେଙ୍କା, ହିମାଂଶୁ କୁମାର ମହାନ୍ତି, ସୁଧୀର କୁମାର ବିଶ୍ୱାଳ, ମାନସ କୁମାର ବେହେରା, ପବିତ୍ର ବେହୁରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଶିକ୍ଷକ ଅକ୍ଷୟ କୁମାର ରାଉତ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶିକ୍ଷକ ବସନ୍ତ କୁମାର ଦାସ। ପରିଚାଳନା କରିଥିଲେ ଶିକ୍ଷକ ବୁଲାକି ସେଠୀ। ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଗାଁ ହାଟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବ୍ଲକକାର୍ଯ୍ୟାଳୟ ସମସ୍ତ କର୍ମଚାରୀ, ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ର ସମସ୍ତ ସିଆର୍‌ସିସି ମାନେ ଏଥିରେ ସାମିଲ ହୋଇଥିଲେ। ଉତ୍କଳ ଭାରତୀ କଳାବିକାଶ କେନ୍ଦ୍ର, ତିହୁଡା ଓ ବାସୁଦେବ କଳାନିକେତନ, ବଂଶ ସମସ୍ତ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଭୁତମୁଣ୍ଡାଇ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ




ପାରାଦୀପ, ୨୧।୧(ସମିସ) : ଭୂତମୁଣ୍ଡାଇସ୍ଥିତ ପାରାଦୀପ ପୋର୍ଟ ହାଇସ୍କୁଲର ୧୯୮୨ ମସିହାର ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହ ପ୍ରତିଷ୍ଠାତା ଶଙ୍କର୍ଷଣ ସ୍ୱାଇଁ, ସେ ସମୟରେ ବିଦ୍ୟାଳୟର କାର୍ଯ୍ୟରତ ସନାତନ ସ୍ୱାଇଁ, ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦିବଙ୍ଗତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ବହୁ ସଂଖ୍ୟାରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉମେଶ ଚନ୍ଦ୍ର ବଳିୟାରସିଂ, ମହେନ୍ଦ୍ର ସ୍ୱାଇଁ, ଦେବ ପ୍ରସାଦ ବଳିୟାରସିଂ, ରଞ୍ଜନ କୁମାର ସ୍ୱାଇଁ, ଅଞ୍ଜଳି ମହାପାତ୍ର, ସେଫାଳୀ ଲେଙ୍କା, ସୁମନ୍ତ ସ୍ୱାଇଁ, ମମତା ମହାପାତ୍ର, ମମତା ସାହୁ, ସ୍ୱର୍ଣ୍ଣଲତା ସ୍ୱାଇଁ, ପୁଷ୍ପଲତା ପଲାଇ, ସୁଧାମଞ୍ଜୁଳା ମହାପାତ୍ର ଓ ଅନୁଜ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ୟୁନିଅନ ପକ୍ଷରୁ ଦାବିପତ୍ର ପ୍ରଦାନ



ପାରାଦୀପ,୨୧।୧(ସମିସ) : ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ୟୁନିଅନ ପକ୍ଷରୁ ଆଜି ପାରାଦୀପ ବନ୍ଦରରେ କାର୍ଯ୍ୟରତ କର୍ମଚାରୀଙ୍କ ବିକାଶ ପାଇଁ ୧୮ ଦଫା ସମ୍ବଳିତ ଦାବିପତ୍ର ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ୟୁନିଅନର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲଙ୍କ ନେତୃତ୍ୱରେ ଉପସଭାପତି ତପନ କୁମାର ପାତ୍ର, ସାଧାରଣ ସମ୍ପାଦକ ସମୀର କୁମାର ବିଶ୍ୱାଳ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହିତ କର୍ମଚାରୀଙ୍କ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦାବିଗୁଡ଼ିକୁ ବିଚାର କରି ଅନୁମୋଦନ ପାଇଁ ଅନୁରୋଧ କରିଥିଲେ। ଯାହା ବନ୍ଦରର ଉନ୍ନତିରେ କର୍ମଚାରୀଙ୍କ ମନୋବଳ ବୃଦ୍ଧି ପାଇବ। ପାରାଦୀପ ବନ୍ଦରର ଦକ୍ଷତା, ଉତ୍ପାଦକତା ଏବଂ ଖ୍ୟାତିକୁ ବଜାଇ ରଖିବା ପାଇଁ ଆନ୍ତରିକତା ମଧ୍ୟ ବୃଦ୍ଧି ଘଟିବ। ୟୁନିଅନର ସଦସ୍ୟମାନେ ବନ୍ଦରର ସବୁ ବିଭାଗରେ ବର୍ଷବର୍ଷ ଧରି କାର୍ଯ୍ୟ କରି ବନ୍ଦରକୁ ସଫଳତା ଆଣିବାରେ ସହଯୋଗ ଜାରି ରଖିଛନ୍ତି। ଯାହାଦ୍ୱାରା ପାରାଦୀପ ବନ୍ଦର ଭାରତର ଏକ ପ୍ରମୁଖ ସାମଗ୍ରିକ ପ୍ରବେଶ ପଥରେ ପରିଣତ ହୋଇ ପାରିଛି। ଏହି ସଫଳତା ପ୍ରତ୍ୟକ୍ଷସ୍ତରରେ କର୍ମଚାରୀଙ୍କ ଆକ୍ଲାନ୍ତ ପରିଶ୍ରମ ଦ୍ୱାରା ସମ୍ଭବ ହୋଇପାରିଛି। ତେବେ ଏହି ସମସ୍ତ ଦାବିଗୁଡ଼ିକ ବନ୍ଦର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଅଧୀନରେ ଥିବା ବହୁ ବନ୍ଦରରେ କର୍ମଚାରୀଙ୍କୁ ମଧ୍ୟ ପ୍ରଦାନ କରାଯାଉଛି। ଦାବିଗୁଡ଼ିକ ମଧ୍ୟରେ ବନ୍ଦରରେ କାର୍ଯ୍ୟରତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କମ୍ପ୍ୟୁଟର ଆଲାଉନ୍ସ, ୟୁନିଫର୍ମ ପାଇଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପୋଷାକ ସଫେଇ ଆଲାଉନ୍ସ, ଅଫିସିଆଲ୍ ଇମେଲ ପ୍ରଦାନ କରିବା, ଅଫିସିଆଲ୍ ମୋବାଇଲ୍ ପ୍ରଦାନ କରିବା, ଇରନେଟ୍ ଓ ମୋବାଇଲ୍ ବାବଦକୁ ଭତ୍ତା ପ୍ରଦାନ କରିବା, ଅଫିସିଆଲ୍ ଫାଇଲ୍ ନେବା ଆଣିବା ପାଇଁ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବ୍ରିଫକେସ୍ ପ୍ରଦାନ କରିବା, ବନ୍ଦର ଚିକିତ୍ସାଳୟରେ ଡାକ୍ତମାନଙ୍କ ଦ୍ୱାରା ଲେଖା ଯାଉଥିବା ବହୁ ଔଷଧ ବାହାରୁ କିଣିବାକୁ ପଡୁଛି ସେ ବାବଦକୁ ଅର୍ଥ ଫେରସ୍ତ କରିବା, ବନ୍ଦରରେ ବହୁ ସଂଖ୍ୟାରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ରହିଛି ଏହାକୁ ଯଥା ଶୀଘ୍ର ପୂରଣ କରିବା, ଖାଲି ଥିବା ପଦବୀ ପୂରଣରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ପ୍ରମୋସନ ଦେବା, ପ୍ରଶାସନିକ ଭବନରେ ବନ୍ଦ ଥିବା କ୍ୟାଣ୍ଟିନ୍‌କୁ ଚାଲୁ କରିବା, ଷ୍ଟୋର କିପର ପଦବୀକୁ ସୁପରିଟେଣ୍ଡେ ପଦବୀରେ ପରିବର୍ତ୍ତନ କରିବା, ମୃତ୍ୟୁକାଳୀନ ସହାୟତା ରାଶି ୨୫ ଲକ୍ଷରୁ ୫୦ ଲକ୍ଷକୁ ବୃଦ୍ଧି କରିବା ଆଦି ଦାବି ରହିଛି। ତେବେ ସଭାପତି ଶ୍ରୀ ସର୍ଖେଲ କର୍ମଚାରୀଙ୍କ କଲ୍ୟାଣ ଏବଂ ସାଙ୍ଗଠନିକ ଉତ୍କର୍ଷତା ପାଇଁ ଏହି ପ୍ରସ୍ତାବ ବିଚାର କରି ଆବଶ୍ୟକ ଅନୁମୋଦନ ପାଇଁ ଆନ୍ତରିକ ଅନୁରୋଧ ଜଣାଇଛନ୍ତି।

## ଗାଁକୁ ଯାଇପାରିଲାନି ଦମକଳ ଗାଡ଼ି, ଜଳିଗଲା ୫ବଖରା

ବାଲିକୁଦା, ୨୧।୧ (ସମିସ): ବାଲିକୁଦା ତହସିଲ ଅରିଲୋ ପଞ୍ଚାୟତ ମାଳପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୫ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଗ୍ରାମର ଦଳିତ ପରିବାରର ରମେଶ ସାମଲ, ଗଣେଶ ସାମଲ ଓ କୈଳାସ ସାମଲଙ୍କ ଘର ଜଳିଯାଇଥିବାବେଳେ ଗ୍ରାମର ସୁବାସ ସାମଲଙ୍କ ଧାନ ଗଦା ମଧ୍ୟ ଜଳିଯାଇଛି। ପରିତାପର ବିଷୟ ଏହି ଗ୍ରାମକୁ ଜରୁରିକାଳୀନ ଗାଡ଼ି ଯିବାକୁ ରାସ୍ତା ଖଣ୍ଡିଏ ନାହିଁ। ଯାହା ଫଳରେ ଅଗ୍ନିଶମ ଗାଡ଼ି ନିଆଁ ଲିଭାଇବାକୁ ଆସି ମଧ୍ୟ କର୍ମଚାରୀମାନେ ଅସହାୟ ହୋଇ ଚାହିଁ ରହିଥିଲେ। ଗ୍ରାମବାସୀ ପାଣି ପକାଇ ନିଆଁ ଲିଭାଉଥିବା ବେଳେ ଗ୍ରାମର ଧରମା ସାମଲଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଥିଲା। ଗୁରୁତର



ଧରମାକୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଗ୍ରାମକୁ ଯାଇନପାରି ଅଧବାଟରେ ଅଟକି ରହିଥିଲା। ଗ୍ରାମବାସୀ ଓ ଆମ୍ବୁଲାନ୍ସ କର୍ମଚାରୀମାନେ ଷ୍ଟ୍ରେଚର୍ ଯୋଗେ ତାଙ୍କୁ ଟେକି ଟେକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିପନ୍ନ ପରିବାରର ସମସ୍ତ ଆବାସପତ୍ର ସମେତ ବର୍ଷକର ଅମଳ ଧାନ, ଟଙ୍କା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏହି ବିପନ୍ନ ପରିବାରଗୁଡ଼ିକୁ ସହାୟତା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ। ଏପରିକି ସ୍ୱାଧୀନତାର ଏତେ ବର୍ଷ ପରେ ମାଳପୁର ଗ୍ରାମକୁ ରାସ୍ତା ଖଣ୍ଡିଏ ନଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ତୁରନ୍ତ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବେ ବୋଲି ଦାବି କରିଛନ୍ତି।

## ପାରାଦୀପ କଲେଜରେ ରାଜନୀତି ବିଜ୍ଞାନ ସମ୍ମାନ



ପାରାଦୀପ,୨୧।୧(ସମିସ): ପାରାଦୀପ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ "ଗଣତନ୍ତ୍ରରେ ନ୍ୟାୟ ପାଳିକାର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନକୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡଃ ରତ୍ନାକର ରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀ ପୌରହିତ କରିଥିବା ବେଳେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଅଧ୍ୟାପିକା ଡଃ ତପସ୍ୱିନୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।ବିଭାଗୀୟ ମୁଖ୍ୟ ଡଃ ମମତା ଖଣ୍ଡାୟତରାୟ ଏହି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ରାଜନୀତି ବିଜ୍ଞାନ ର ଛାତ୍ରଛାତ୍ରୀ ମାନେ ସେମାନଙ୍କର ନିବନ୍ଧ ପାଠ କରିଥିଲେ। ବହୁ ଛାତ୍ରଛାତ୍ରୀ ଶେଷରେ ଅଧ୍ୟାପିକା ଖିରାବ୍ଧି ତନୟା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଜଗତସିଂହପୁର,୨୧।୧(ସମିସ): ଜଗତସିଂହପୁର ଜିଲ୍ଲାର ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୯୫ ବ୍ୟାଚ (କଳା ବିଭାଗ) ପକ୍ଷରୁ ସ୍ମୃତିଚାରଣ ସଭା ଏବଂ ବନ୍ଧୁମିଳନ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଏହି ବ୍ୟାଚର ବନ୍ଧୁମାନେ ବିଭିନ୍ନ ସ୍ଥାନରେ ବନ୍ଧୁମିଳନ କରି ଆସୁଛନ୍ତି। ଚଳିତ ବର୍ଷ ମହାବିଦ୍ୟାଳୟ ପରିସରରେ ଆୟୋଜନ ହୋଇଥିବାବେଳେ ବିଗତ ୩୦ବର୍ଷ ତଳର ସ୍ମୃତିକୁ ସମସ୍ତେ ମନେ ପକାଇଥିଲେ। ଏହି ଅବସରରେ ବନ୍ଧୁମାନେ ମହାବିଦ୍ୟାଳୟର ବିଭିନ୍ନ ସ୍ଥାନ ବୁଲିବା ସହିତ ସେ ସମୟର ପାଠପଢ଼ା ଏବଂ ବର୍ତ୍ତମାନର ବ୍ୟବସ୍ଥା ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରିଥିଲେ। ପରେ ସାଙ୍ଗମାନେ ନିଜ ନିଜର ବ୍ୟକ୍ତିଗତ ବୃତ୍ତି ଓ କାର୍ଯ୍ୟ ସମ୍ପର୍କରେ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଶେଷରେ ନାଚଗୀତର ଆସର ଜମିଥିଲା। ଏହି କାର୍ଯ୍ୟକ୍ରମରେ ୫୦ ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଜାତୀୟ କନ୍ୟା ସନ୍ତାନ ଦିବସରେ ସଚେତନତା ପଦଯାତ୍ରା



ଜଗତସିଂହପୁର,୨୧।୧(ସମିସ): ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ଏକ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାଟି ଜିଲ୍ଲାପାଳଙ୍କ କାର୍ଯାଳୟଠାରୁ ଆରମ୍ଭ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦେଇ ପୁନଶ୍ଚ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ସମାପ୍ତ ହୋଇଥିଲା। ଏହି ପଦଯାତ୍ରାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ସୁରକ୍ଷା ଅଧିକାରିଣୀ ରମଣୀ ଲାକ୍ରା, ମହିଳା ସଶକ୍ତୀକରଣ କେନ୍ଦ୍ରର ସମସ୍ତ କର୍ମଚାରୀ, ଜିଲ୍ଲା ସମାଜ ମଙ୍ଗଳ ଉପବିଭାଗର ସମସ୍ତ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ, ୱାନ୍ ଷ୍ଟପ ସେଣ୍ଟର୍ କର୍ମକର୍ତ୍ତା ଓ କିଶୋରୀମାନେ ଅଂଶଗ୍ରହଣ କରିଥିଲେ।

## ସରକାରୀ ପଲିଟେକନିକ୍‌ରେ ଅଷ୍ଟମ ବାର୍ଷିକୀ କ୍ରୀଡ଼ା ଉଦ୍‌ଯାପିତ



ନାଉଗାଁ,୨୧।୧(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ କଣିପଡ଼ାରେ ଥିବା ପଲିଟେକନିକ୍‌ରେ ଅଷ୍ଟମ ବାର୍ଷିକୀ କ୍ରୀଡ଼ା ଆଥଲେଟିକ୍ ଆସୋସିଏସନର ସଭାପତି ତଥା ଅନୁଷ୍ଠାନର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡଃ ସର୍ବେଶ୍ୱର ପରିଡ଼ା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ଗୁନ ଦାସ ଯୋଗଦେଇ କ୍ରୀଡ଼ାର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ସିଲ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାପତି ସମୀର ରଞ୍ଜନ ବେହେରା, ଉପସଭାପତି ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ଅଧ୍ୟାପକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଗାଁ ମୁରବୀ ବିଷ୍ଣୁ ପରିଡ଼ାଙ୍କ ସ୍ମୃତି ଚାରଣ




ପାରାଦୀପ,୨୧।୧(ସମିସ) : ପାରାଦୀପ ଉପକଣ୍ଠ ବିଶ୍ୱାଳି ଗ୍ରାମର ମୁରବୀ ସ୍ୱର୍ଗତ ବିଷ୍ଣୁ ଚରଣ ପରିଡ଼ାଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ବିଶ୍ୱାଳି ଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତି ସଭାରେ ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର କୁମାର ଦାସ, ସାରଙ୍ଗଧର ବେହେରା ଓ ପ୍ରବୀର ରାଉତ ପ୍ରମୁଖ ଉପସ୍ଥିତି ରହି ସ୍ୱର୍ଗତ ବିଷ୍ଣୁ ଚରଣଙ୍କ ଅଭୁଲା ଦିନର ସ୍ମୃତିକୁ ମନେପକାଇ ଥିଲେ ତାଙ୍କର ସମ୍ପର୍କୀୟ ଓ ତାଙ୍କ ସହ ସମୟ କାଟିଥିବା ତାଙ୍କର ବନ୍ଧୁବାନ୍ଧବ ଓ ଗ୍ରାମବାସୀ। ସେ ଏକା ଧାରରେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ରୂପେ ବେସ ସୁନାମ ଅର୍ଜନ କରିଥିଲେ। ତାଙ୍କ ନେତୃତ୍ୱ ରେ ବିଶ୍ୱାଳି ଗ୍ରାମରେ ଅନେକ ମଠ, ମନ୍ଦିର ସେ ପ୍ରତିଷ୍ଠା କରିଥିଲେ। ଗ୍ରାମରେ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା କରିବା ସହ ନବନିର୍ମିତ ତ୍ରିନାଥ ମନ୍ଦିର ଓ ଶ୍ରୀଶ୍ରୀ ବିଶ୍ୱବିହାରୀ ମନ୍ଦିର ତିଆରିରେ ତାଙ୍କର ଅଗ୍ରଣୀ ଭୂମିକା ଥିଲା। ଗାଁ ରେ ଶିକ୍ଷା ବ୍ୟବସ୍ଥାରେ କିପରି ଉନ୍ନତି ଆସିବ ଓ ଗାଁ କିପରି ଏକାଠି ହେବ ତା' ଉପରେ ସେ ଧ୍ୟାନ ଦେଉଥିଲେ। ଆଜି ତାଙ୍କର ସ୍ମୃତିଚାରଣ ସଭାରେ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ, କଟକ ମହାନଗରନିଗମର ମୁଖ୍ୟଯନ୍ତ୍ରୀ ଇଂ ଅତନୁ ସାମନ୍ତ, ଅରୁଣ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ କରୁଣାକର ପଟ୍ଟନାୟକ, ଧୀରେନ୍ଦ୍ର ସ୍ୱାଇଁ, ପରିବେଶବିତ ଅମରେଶ ନରେଶ ସାମନ୍ତ, ଅଶୋକ କୁମାର ମାଝୀ, ଯୁବ ସମାଜସେବୀ ମାନଭଞ୍ଜନ ମଲ୍ଲ, ରାଜକିଶୋର ପତି, ହିରଣ୍ୟ କୁମାର ଶଗଡ଼ିଆ, ସମାଜସେବୀ ନିତ୍ୟାନନ୍ଦ ପରିଡ଼ା, ପ୍ରଫୁଲ୍ଲ କୁମାର ପରିଡ଼ା, ଆଲୋକ ସାହୁ, ଶରତ କୁମାର ଜେନା, ବିକାଶ ମାଝୀ, ଅନୀଲ ତରାଇ, ଇଂ. ଧୀରେନ୍ଦ୍ର କୁମାର ସାହୁ, ଇଂ ପବିତ୍ର ବେହେରା, ଇଂ ତରଣୀସେନ ସାମଲ, ଚନ୍ଦ୍ରକାନ୍ତ ସାମଲ, ମଥୁରାନନ୍ଦ ତରାଇ ପ୍ରମୁଖ ସ୍ମୃତି ଚାରଣ ସଭାରେ ଉପସ୍ଥିତ ଥିଲେ। ଶେଷରେ ସ୍ୱର୍ଗତ ପରିଡାଙ୍କ ଜ୍ୟେଷ୍ଠପୁତ୍ର ଇଂ. ବିପିନ ବିହାରୀ ପରିଡା ପିତାଙ୍କ ସ୍ମୃତିଚାରଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଇଂ.ବିପିନ ବିହାରୀ ପରିଡ଼ା, ତପନ କୁମାର ପରିଡ଼ା, ରମନ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ରବି ଋତୁ ପାଇଁ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ



ଜଗତସିଂହପୁର,୨୧।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ରବି ଋତୁ ୨୦୨୫-୨୬ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ କହିଲେ ଜଗତସିଂହପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଚାଷୀମାନଙ୍କ ନିମନ୍ତେ ସରକାର ବହୁତ ଯୋଜନା କରିଛନ୍ତି। କୃଷକ ମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଯତ୍ନବାନ ହେବା ଆବଶ୍ୟକ। ଜିଲ୍ଲାରେ ଏହିସବୁ ଯୋଜନାଗୁଡ଼ିକୁ ବିଭିନ୍ନ କୃଷକ ସମ୍ପର୍କ ମେଳା, କୃଷି ସଚେତନତା କାର୍ଯ୍ୟକ୍ରମ , ଅଡିଓ ଭିଡିଓ କ୍ଲିପ୍, ୱାଲ ପେଣ୍ଟିଂ ଆଦି ଜରିଆରେ ହିତାଧିକାରୀମାନଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅର୍ଗାନିକ ଫାର୍ମି, ଫାର୍ମ ପଣ୍ଡର ସଦୁପଯୋଗ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ବୈଠକରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ କହିଲେ ଯେ, ତଳିଆ ଅଞ୍ଚଳରେ ପାଣି ଜମି ରହିବା କାରଣରୁ ଫସଲ କ୍ଷତି ହେବାର ଆଶଙ୍କା ରହୁଛି। ସେଥିପ୍ରତି ଦୃଷ୍ଟି ରଖି ସମସ୍ତ ସୁବିଧା କରିବାକୁ ସେ ପରାମର୍ଶ ଦେଇଥିଲେ।ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୁଳମଣି ବାରିକ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଚଳିତ ରବି ଋତୁରେ ସମସ୍ତ ଫସଲକୁ ମିଶାଇ ମୋଟ ୭୫,୯୮୦ ହେକ୍ଟର ଜମିରେ କୃଷିକାର୍ଯ୍ୟ ନିର୍ଦ୍ଧାରଣ କରାଯାଇଛି। ସେଥିମଧ୍ୟରୁ ୨୬୫୦ ହେକ୍ଟରରେ ଖାଦ୍ୟଶସ୍ୟ,୬୮୭୮୦ହେକ୍ଟର ରେ ଡାଲି ଜାତୀୟ ଫସଲ ,୪୨୫୦ ହେକ୍ଟର ରେ ତୈଳ ବୀଜ,୩୦୦ହେକ୍ଟରରେ ଆଖୁ ଚାଷ ନିମନ୍ତେ ଲକ୍ଷ ଧାର୍ଯ୍ୟ ରହିଛି। ତାଳଦଣ୍ଡା,ମାଛଗାଁ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୨୪୨୪୭ ହେକ୍ଟର ଜମିରେ ଏବଂ ଅନ୍ୟ ଜଳସେଚନ ମାଧ୍ୟମ ରେ୩୯୮୫୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଛି। ୧୦୫ କ୍ୱିଣ୍ଟାଲ ସୋରିଷ ବିହନ,୩୦୦ କ୍ୱିଣ୍ଟାଲ ଚିନା ବାଦାମ ପାଇଁ ଇଣ୍ଡେଣ୍ଟ ଦିଆଯାଇଛି। ଜିଲ୍ଲାର ଚାଷୀ ମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ୍ ଜରିଆରେ ୧୭୪୧୪୬.୨୮ ଲକ୍ଷ ଋଣ ଟଙ୍କା ପ୍ରଦାନ କରାଯିବାର ଧାର୍ଯ୍ୟ ଲକ୍ଷ ରହିଛି। ଉନ୍ନତ କୃଷି ଯନ୍ତ୍ରପାତି ର ବ୍ୟବହାର, ଡାଲି ଜାତୀୟ ଶସ୍ୟ ଅମଳ ବୃଦ୍ଧି, ଇଣ୍ଟିଗ୍ରେଟେଡ୍ ମାଇକ୍ରୋନିଉଟ୍ରିଏଣ୍ଟ ପରିଚାଳନା, ସିଡ ଭିଲେଜ ପ୍ରୋଗ୍ରାମ, ଇ-ପେଷ୍ଟ, ସର୍ଭେଲାନ୍ସ ମାଧ୍ୟମରେ କୀଟ ଦମନ, ଜୈବସାର, ଭର୍ମିକମ୍ପୋଷ୍ଟ, ମିଲେଟ ମିଶନ, ଟ୍ରାକ୍ଟର ସାହାଯ୍ୟରେ ମଞ୍ଜି ବୁଣା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ବୈଠକରେ ଆଖୁ ଚାଷ, ଇନଟିଗ୍ରେଟେଡ ଫାର୍ମି ସିଷ୍ଟମ, ବିହନ ଯୋଗାଣ, ରାସାୟନିକ ସାର, ଫସଲ ସୁରକ୍ଷା, ମୃତ୍ତିକା ପରୀକ୍ଷଣ, ଶ୍ରୀ ଅନ୍ନ ଅଭିଯାନ, ତୈଳବୀଜ ଚାଷ, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଢେଙ୍କାନାଳ ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ‘ବାଜି ରାଉତଙ୍କ ବଳିଦାନ ବିଶ୍ୱକୁ ଜଣାଇବା ଆବଶ୍ୟକ’

ଢେଙ୍କାନାଳ,୨୧ ।୧(ସମିସ):



ଢେଙ୍କାନାଳ ମହିଷାପାଟଠାରେ ଆୟୋଜିତ ଢେଙ୍କାନାଳ ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ । ପୂଜାରୀ ତାଙ୍କ ଅଭିଭାଷଣରେ କହିଲେ ଯେ ପୃଥିବୀର କ୍ରାନ୍ତି ଅନ୍ଦୋଳନରେ ସାମିଲ ହୋଇଥିବା ବାଳକଙ୍କ ମଧ୍ୟରେ ବାଜି ରାଉତ ସମସ୍ତଙ୍କଠାରୁ କମ୍ ବୟସ୍କ । ତାଙ୍କ ବଳିଦାନ ଅନନ୍ୟ । ଏହି ମଞ୍ଚ ତାଙ୍କ ନାମରେ ସମର୍ପଣ କରାଯିବା ସ୍ୱାଗତଯୋଗ୍ୟ । ତଥାପି ବାଜି ରାଉତଙ୍କ ବଳିଦାନକୁ ସାରା ପୃଥିବୀକୁ ଜଣାଇବାର ଆବଶ୍ୟକତା ରହିଛି । ଏଥିପାଇଁ ଆହୁରି ପ୍ରଚେଷ୍ଟାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲ୍ଲାର ବିକାଶ ପାଇଁ ଗୁରୁତ୍ୱ ଦେଇଆସୁଛନ୍ତି । ମହିମା ଗାଦିର ବିକାଶ ପାଇଁ ଅନୁଦାନ ଦିଆଯାଇଛି । ମେଡିକାଲ କଲେଜ ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ ବୋଲି ସେ କହିଥିଲେ । ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଜେନା କହିଲେ ଯେ ମାଟିର ମହକକୁ ଜଣାଇବାକୁ ମହୋତ୍ସବର ଆୟୋଜନ ହୁଏ । ଢେଙ୍କାନାଳ ମାଟିର ସାହିତ୍ୟ, ଐତିହ୍ୟ, ବୀରତ୍ୱ ଗୌରବାନ୍ୱିତ କରିଛି । ବାଜି ରାଉତଙ୍କ ବୀରତ୍ୱ ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେଇଥିଲା । ଦେଶଭକ୍ତିର ନିଦର୍ଶନ ତାଙ୍କ ଜୀବନୀରୁ ଦେଖିବାକୁ ମିଳେ । ମହିମା ଧର୍ମର ବାର୍ତ୍ତା ବିଶ୍ୱବାସୀଙ୍କୁ ଉଦ୍‌ବୁଦ୍ଧ କରେ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ଏସ୍‌ପି ଅଭିନବ ସୋନକର, ଢେଙ୍କାନାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ କାଳନ୍ଦୀ ବାରିକ, କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଓଡ଼ାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ମହାନ୍ତି, କଙ୍କଡ଼ାହାଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ଚାରୁଲତା ମିଶ୍ର ଯୋଗଦେଇଥିଲେ । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ସ୍ୱାଗତ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ଦେଇଥିଲେ । ବଲିଉଡ୍ ଗାୟକ କୁନାଲ ଗଞ୍ଜାୱାଲାଙ୍କ ଗୀତରେ ଦର୍ଶକ ଝୁମିଥିଲେ । ଜିଲ୍ଲାର ବିଭିନ୍ନ ଅନୁଷ୍ଠାନର ଲୋକନୃତ୍ୟ, ଆସାମର ବିହୁ ନୃତ୍ୟ ପରିବେଷଣ ହୋଇଥିଲା । ବାଜି ରାଉତଙ୍କ ଜନ୍ମଶତବାର୍ଷିକୀ ଅବସରରେ ଢେଙ୍କାନାଳର ଅଲଟରନେଟିଭ୍ ରିଦମ୍ ଥିଏଟର ପକ୍ଷରୁ ନାଟକ ବାଜି ରାଉତ ମଞ୍ଚସ୍ଥ ହୋଇଥିଲା ।

## ଓଡ଼ାପଡ଼ାରେ ଧାନମଣ୍ଡି ଉଦଘାଟିତ



ଖଜୁରିଆକଟା,୨୧ ।୧(ସମିସ): ଓଡ଼ାପଡ଼ା ବ୍ଲକର ବିଭିନ୍ନ ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଛି । ଗଦାଶିଳା ସେବା ସମବାୟ ସମିତିରେ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ରୂପେ ଯୋଗଦେଇ ମଣ୍ଡି ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟି ସଦସ୍ୟ ନରୋତ୍ତମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ସମିତି ସମ୍ପାଦକ ଅନୁସୟା ସାହୁ, ଓଡ଼ାପଡ଼ା ଯୋଗାଣ ଅଧିକାରୀ ସୂରଜ ପାଇକରାୟ ଓ ରାଜସ୍ୱ ନିରୀକ୍ଷକ ଯୋଗଦେଇଥିଲେ । ୨୭ ଧାନ ବିକ୍ରି କରିଥିଲେ । ସେହିପରି ଓଡ଼ାପଡ଼ା ସେବା ସମବାୟ ସମିତିରେ ବିଡିଓ ଷଡ଼ଙ୍ଗୀ ମଣ୍ଡି ଉଦଘାଟନ କରିଛନ୍ତି । ଏଠାରେ ଓଡ଼ାପଡ଼ା ଯୋଗାଣ ଅଧିକାରୀ ସୂରଜ ପାଇକରାୟ, ରାଜସ୍ୱ ନିରୀକ୍ଷକ ଅନିଲ କୁମାର ସାହୁ, ସମିତି ସମ୍ପାଦକ ପ୍ରଶ୍ନ କୁମାର ବେହେରାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ । ଏଠାରେ ୧୪ ଚାଷୀ ୪୧୨ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । ତେବେ ଅନେକ ଚାଷୀଙ୍କୁ ଟୋକନ ମିଳି ନ ଥିବା ବେଳେ ଯେଉଁମାନେ ପ୍ରକୃତ ଚାଷୀ ଏବଂ ଅଧିକ ଜମିରେ ଧାନଚାଷ କରିଛନ୍ତି ସେମାନଙ୍କର ଅଳ୍ପ ପରିମାଣର ଧାନ ଦେବାକୁ ଟୋକନ ମିଳିଥିବା ଅଭିଯୋଗ ହୋଇଛି । ଯେଉଁମାନଙ୍କର ଜମି ନାହିଁ କିମ୍ବା ଚାଷ କରନ୍ତି ନାହିଁ ସେମାନଙ୍କର ଅଧିକ ଧାନ ବିକ୍ରି କରିବା ପାଇଁ ଟୋକନ ମିଳିଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି ।

## ଜମିରୁ ଧାନ କାଟିନେଇଥିବା ଅଭିଯୋଗ

**ଢେଙ୍କାନାଳ,୨୧ ।୧(ସମିସ):** କଙ୍କଡ଼ାହାଡ଼ ଥାନା ଖରଖରି ଗ୍ରାମର ବାର୍ସା ମୁର୍ମୁଙ୍କ ପୁଅ ଲମ୍ବୋଦର ମୁର୍ମୁଙ୍କ ବିଲରୁ ସେହି ଗ୍ରାମର କିଛି ଲୋକ ଧାନ କାଟିନେଇଥିବା ବୁଧବାର ଲମ୍ବୋଦର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଲମ୍ବୋଦର ଏକ ସରକାରୀ ଜାଗାକୁ ଦୀର୍ଘବର୍ଷ ଧରି ଦଖଲ କରି ୨୦୨୪ରେ ସେଥିରେ ଧାନଚାଷ କରିଥିଲେ । ସେହି ଗ୍ରାମର ଚୁନାରାମ ସୋରେନ, କାଦେ ମାର୍ଣ୍ଡି, ଜିତ୍ରାୟ ମାର୍ଣ୍ଡି, ବିଧାନ ସରୋନ ଓ ଅନ୍ୟ କେତେକ ଲୋକ ମିଶି ଉକ୍ତ ଜମିରୁ ଜୋରଜବରଦସ୍ତ ଧାନ କାଟି ନେଇଥିଲେ । ଏ ନେଇ ଲମ୍ବୋଦରଙ୍କ ବାପା ଓ ମା’ କଙ୍କଡ଼ାହାଡ଼ ଥାନାରେ ଅଭିଯୋଗ କରିଥିଲେ । ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ପରେ ଲମ୍ବୋଦର ଦଳିତ ସଂଗଠନର ଆଶ୍ରୟ ନେବା ଦ୍ୱାରା ସଂଗଠନ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଆଲୋଚନା କରିଥିଲେ । କିନ୍ତୁ ଏହା ବିଫଳ ହୋଇଥିଲା । ୨୦୨୫ରେ ପୁନଶ୍ଚ ଉକ୍ତ ଜାଗାରେ ୨ୟ ପକ୍ଷମାନେ ଜୋରଜବରଦସ୍ତ ଧାନଚାଷ କରିବାରୁ ଲମ୍ବୋଦର ଥାନା ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ପୁଲିସ ଲମ୍ବୋଦରଙ୍କୁ ନ୍ୟାୟ ପ୍ରଦାନ ନ କରିବାରୁ ୨ୟ ପକ୍ଷମାନେ ଈର୍ଷାନ୍ୱିତ ହୋଇ ତାଙ୍କୁ ଗ୍ରାମରୁ ବାସନ୍ଦ କରିଥିଲେ । ନିଜ ପରିବାରକୁ ଅସୁରକ୍ଷିତ ମନେକରି ବୁଧବାର ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗପତ୍ର ଦାଖଲ କରିଛନ୍ତି । ଯଦି ସରକାରୀ ଜମି ଦଖଲ କରିବା ଭୁଲ୍ ତେବେ ଗ୍ରାମର ଅନେକ ଲୋକ ସରକାରୀ ଜମି ଦଖଲ କରି ବ୍ୟବହାର କରିଆସୁଛନ୍ତି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଲମ୍ବୋଦର ଅଭିଯୋଗ କରିଛନ୍ତି ।

## ପରଜଙ୍ଗରେ ବିଶାଳ ହିନ୍ଦୁ ସମ୍ମିଳନୀ

ପରଜଙ୍ଗ,୨୧ ।୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ନିମତଇଲା ଖେଳପଡ଼ିଆରେ ବୁଧବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ହିନ୍ଦୁଙ୍କୁ ଏକତା ସୂତ୍ରରେ ବାନ୍ଧିବାର ପ୍ରୟାସ ଆରମ୍ଭ ହୋଇଛି ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା । ମୁଖ୍ୟଅତିଥି ଭାବେ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ସଂଯୋଜକ ଓ ଜଗନ୍ନାଥ ସଂସ୍କୃତି ଗବେଷକ ମାତୃପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବେଦଜ୍ଞ ଗୋଲେଖ ବ୍ରହ୍ମଚାରୀ, ପାଟରପଦା ବାଙ୍କବିହାରୀ ସେବାଶ୍ରମର ଶ୍ରୀପାଦ କୃଷ୍ଣ କରୁଣା ଦାସ, ମୁଖ୍ୟବକ୍ତା ଭାବେ ପରଜଙ୍ଗ ବାୟାପାଗଳ ମଠାଧୀଶ ମୁନା ବାବା, ବିଶ୍ୱହିନ୍ଦୁ ପରିଷଦ ପୂର୍ବ ଓଡ଼ିଶାର ସହ ଧର୍ମାଚାର୍ଯ୍ୟ ପ୍ରମୁଖ ମଳୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ । ଅଷ୍ଟଶମ୍ଭୁ ମନ୍ଦିର ଚାରିପାଖରେ ଭଜନକୀର୍ତ୍ତନ କରାଯାଇ ସଭା ଆରମ୍ଭ ହୋଇଥିଲା । ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ପାଟରପଦା ମଣ୍ଡଳ ସଂଯୋଜକ ବଂଶୀଧର ନାୟକ, ଆର୍‌ଏସ୍‌ଏସ୍‌ର ବିଭାଗ ଶାରୀରିକ ଶିକ୍ଷଣ ପ୍ରମୁଖ ବେଣୁଧର ଥମ୍ବ, ପରଜଙ୍ଗ ଖଣ୍ଡର ସହ ସଂଯୋଜକ ଅଶୋକ କୁମାର ଦଳବେହେରା ଏବଂ ସଂଯୋଜକ କ୍ଷୀରୋଦ ସାହୁଙ୍କ ତତ୍ତ୍ୱାବଧାନରେ ସଭା ହୋଇଥିଲା ।

## ବିବାହିତା ଝିଅ ନିଖୋଜ ନେଇ ଥାନାରେ ଅଭିଯୋଗ

- ୨୦ ଦିନ ପରେ ବି ମିଳୁନି ପତ୍ତା
- ଏସପି ଅଫିସ ଆଗରେ ଧାରଣା ଦେବେ ବାପଘର ଲୋକେ

**ହିନ୍ଦୋଳ,୨୧ ।୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଜଣେ ବିବାହିତା ଝିଅ ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ତିନିବର୍ଷ ତଳେ ହିନ୍ଦୋଳ ଥାନା ନୂଆବଗ ପଞ୍ଚାୟତ କଣ୍ଟାପାଳ ଗ୍ରାମର ବ୍ରଜ ବେହେରାଙ୍କ ଝିଅ ରୁନୁ ବେହେରା ରାଜମୋହନପୁର ହାଇସ୍କୁଲରେ ପଢୁଥିବା ସମୟରେ ସେହି ସ୍କୁଲର ଛାତ୍ର ବାଲିମି ଥାନା କନ୍ତିମିଲି କୁମୁରୁସିଙ୍ଗା ଗ୍ରାମର ଶଙ୍କର ବେହେରାଙ୍କ ପୁଅ କାର୍ତ୍ତିକ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ । ପରି ବାପଘର ପକ୍ଷରୁ ଯୌତୁକ ବାବଦ ସମସ୍ତ ଆସବାବପତ୍ର, ଟଙ୍କା, ସୁନା ଇତ୍ୟାଦି ଦିଆଯାଇଥିଲା । ତେବେ ପିଲାଛୁଆ ହେଉ ନ ଥିବା ତଥା ଅଧିକ ଯୌତୁକ ପାଇଁ ଶାଶୂ, ଶଶୁର, ସ୍ୱାମୀ ଝିଅକୁ ନିର୍ଯାତନା ଦେଇଆସୁଥିଲେ । ଗତ ୨ ତାରିଖ ରାତିରେ ରୁନୁଙ୍କୁ ଶାଶୂଘର ଅଧିକ ମାରପିଟ କରିଥିବା ଖବର ପାଇ ପରଦିନ ସକାଳେ ବାପା ଝିଅଘରେ ପହଞ୍ଚିଥିଲେ ମଧ୍ୟ ସେଠାରେ ରୁନୁଙ୍କୁ ପାଇ ନ ଥିଲେ । ଏ ସମ୍ପର୍କରେ ରୁନୁଙ୍କ ଶଶୁର ଶଙ୍କର ବେହେରା ଓ ଜ୍ୱାଇଁ କାର୍ତ୍ତିକ ବେହେରାଙ୍କୁ ପଚାରିବାରେ ସେମାନେ କିଛି ଜାଣି ନ ଥିବା କହିଥିଲେ । ରାତିରେ କାହାକୁ କିଛି ନ କହି ତୁମଝିଅ କୁଆଡ଼େ ଚାଲିଯାଇଥିବା କହିଥିଲେ । ଖୋଜାଖୋଜି କରି ଝିଅକୁ ନ ପାଇବାରୁ ୮ ତାରିଖ ବ୍ରଜ ବାଲିମି ଥାନାରେ ଅଭିଯୋଗ କରିଥିଲେ । ତେବେ ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ୍ୟ ରୁନୁଙ୍କ ପତ୍ତା ମିଳିନାହିଁ । ଏ ନେଇ ବାପଘର ଲୋକେ ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ବାଲିମି ଥାନାଧିକାରୀ ଶୁଚିସ୍ମିତା ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗ ପାଇଛୁ, ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି । ତେବେ ରୁନୁ ଏବେ ଜୀବିତ ନା ମୃତ ସେ ନେଇ ବାପଘର ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି । ଶଶୁର ଘର ଲୋକେ ତାଙ୍କୁ ମାରି ଦେଇଥିବା ସନ୍ଦେହ ସୃଷ୍ଟି ହୋଇଛି । ପୁଲିସ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି ।

## ଏସୟୁଜେ ଜିଲ୍ଲା ଶାଖାର ସାଂଗଠନିକ ବୈଠକ



**ଢେଙ୍କାନାଳ,୨୧ ।୧(ସମିସ):** ଷ୍ଟେଟ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ (ଏସୟୁଜେ) ଜିଲ୍ଲା ଶାଖାର ସାଂଗଠନିକ ବୈଠକ ସ୍ଥାନୀୟ ବୋରାପଦାସ୍ଥିତ ଶେୟାର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଛି । ଜାତୀୟ ପ୍ରତିନିଧି ମଧୁପ ରଞ୍ଜନ ନନ୍ଦ ପ୍ରଭାରୀ ଭାବେ ଯୋଗଦେଇଥିଲେ । ବୈଠକରେ ସାଂଗଠନିକ କାର୍ଯ୍ୟ ବିଷୟରେ ବିଶଦ ଆଲୋଚନା ହୋଇଥିଲା । ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ଶଶିମଉଳି ରଥଙ୍କୁ ସଭାପତି, ପ୍ରଦ୍ୟୋତ କୁମାର ବିଶ୍ୱାଳଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି । ଉପସ୍ଥିତ ସମସ୍ତ ସଦସ୍ୟ ଏହାକୁ ସମର୍ଥନ କରିଥିଲେ । ଆଗାମୀ ଦିନରେ ଜିଲ୍ଲାରେ ସଂଗଠନ କିପରି ଆହୁରି ସୁଦୃଢ଼ ହେବ ସେ ସମ୍ପର୍କରେ ନୂତନ ସଭାପତି ରଥ ସଦସ୍ୟମାନଙ୍କ ସହଯୋଗ କାମନା କରିଥିଲେ । ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ସମ୍ମିଳନୀ କରାଯାଇ ଅନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ସାଧାରଣ ସମ୍ପାଦକ ବିଶ୍ୱାଳ କହିଥିଲେ । ନୂତନ ଭାବେ ଗଠିତ ଏସୟୁଜେ ଢେଙ୍କାନାଳ ଶାଖାକୁ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକଙ୍କ ସମେତ ବରିଷ୍ଠ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି ।

## ବାରହା ଆକ୍ରମଣରେ ମହିଳା ଗୁରୁତର

**କାମାକ୍ଷାନଗର,୨୧ ।୧(ସମିସ):** କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଭାଗୀରଥିପୁର ଗ୍ରାମରେ ବାରହା ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ଗ୍ରାମର ପୁଟି ଦେହୁରୀ । ବୁଧବାର ଦ୍ୱିପ୍ରହର ସମୟରେ ପୁଟି ଗାଁ ନିକଟ ପଡ଼ିଆରେ ଛେଳି ଚରାଉଥିବା ବେଳେ ହଠାତ ଏକ ବାରହା ତାଙ୍କୁ ଆକ୍ରମଣ କରିଥିଲା । ତାଙ୍କର ଡାହାଣ ହାତ ଓ ପେଟକୁ କାମୁଡ଼ି କ୍ଷତାକ୍ତ କରିଦେଇଥିଲା । ପୁଟି ସେଠାରେ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି । କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଞ୍ଚଳରେ ଅଧିକାଂଶ ସମୟରେ ବନ୍ୟଜନ୍ତୁ ଆକ୍ରମଣରେ ଧନଜୀବନ ନଷ୍ଟ ହେଉଛି । ବନ ବିଭାଗ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ଦକ୍ଷତା ବିକାଶ କର୍ମଶାଳା

ଖଜୁରିଆକଟା,୨୧ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଅାଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ “ଦକ୍ଷତା ବିକାଶ’ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ପୌରୋହିତ୍ୟ କରିଥିଲେ । କନିଷ୍ଠ ନିଯୋଜନ ଅଧିକାରୀ ମାନସ କୁମାର କାଣ୍ଡି ଛାତ୍ରଛାତ୍ରୀଙ୍କୁ କର୍ମ ନିଯୋଜନ ଉପରେ ରହିଥିବା ସୁବିଧା ସୁଯୋଗ ଉପରେ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଇତିହାସ ବିଭାଗ ମୁଖ୍ୟ ଡ. ମହେନ୍ଦ୍ର କୁମାର ସ୍ୱାଇଁ କର୍ମଶାଳାର ଆବଶ୍ୟକତା ଉପରେ ମତ ରଖିଥିଲେ । ଆଇକ୍ୟୁଏସି ସଂଯୋଜକ ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## କୀର୍ତ୍ତନପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

କଙ୍କଡ଼ାହାଡ଼,୨୧ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତ କୀର୍ତ୍ତନପୁର ଗ୍ରାମ ଭାଗୀରଥିପୁର ପଡ଼ାରେ ମା’ ବୃନ୍ଦାବତୀ ସଂକୀର୍ତ୍ତନ ମଣ୍ଡଳୀ ସହଯୋଗରେ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ସମସ୍ତଙ୍କ ମଙ୍ଗଳ କାମନା କରି ଶ୍ରୀଚୈତନ୍ୟ ମାହାପ୍ରଭୁଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ନାମ ସଂକୀର୍ତ୍ତନରେ ଆଧାମ୍ରିକ ପରିବେଶ ସୃଷ୍ଟି ହୋଇଥିଲା । କାଳନ୍ଦୀ ସିଂହ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ହେମନ୍ତ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ । କାର୍ଯ୍ୟକ୍ରମରେ ବାମ ସରପଞ୍ଚ ଫକୀର ଚରଣ ମହାନ୍ତ, ସମିତି ସଦସ୍ୟା ଲକ୍ଷ୍ମୀ ହେସା ଯୋଗଦେଇଥିଲେ । ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ମା’ ବୃନ୍ଦାବତୀ ସଂକୀର୍ତ୍ତନ ମଣ୍ଡଳୀ ସଭାପତି ବାସନ୍ତୀ ସିଂହ, ସମ୍ପାଦିକା ସାରତି ସିଂହଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ ।

## ମୃତକଙ୍କ ପରିବାରକୁ ସହଯୋଗ କଲେ ବ୍ଲକ ଅଧ୍ୟକ୍ଷା



ଢେଙ୍କାନାଳ,୨୧ ।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକର ଅସହାୟ ଗରିବ ମୃତକଙ୍କ ପରିବାରଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା । । ପରିବାରକୁ ୬ ହଜାର ଟଙ୍କା ଦେଇଛନ୍ତି । ମୃତକ ଶତ୍ରୁଘନ ପଧାନଙ୍କ ମୃତଦେହ ପରଜଙ୍ଗ ମେଡିକାଲରୁ ପଡ଼ାତିରା ପଞ୍ଚାୟତ ବ୍ରାହ୍ମଣଧରା ଗାଁକୁ ପଠାଇଲେ । ସୂଚନାଯୋଗ୍ୟ ବୁଧବାର ଶତ୍ରୁଘନ ଅସୁସ୍ଥ ହେବାରୁ ତାଙ୍କୁ ପରଜଙ୍ଗ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶତ୍ରୁଘନ ଅତ୍ୟନ୍ତ ଗରିବ ହୋଇଥିବାରୁ ପରିବାର ଲୋକେ ମୃତଦେହ ଘରକୁ ନେବାକୁ ମଧ୍ୟ ଅସମର୍ଥ ଥିଲେ । ଖବର ପାଇ ସମାଜସେବୀ ଦୁଃଖବନ୍ଧୁ ବିଶ୍ୱାଳ ମେଡିକାଲରେ ପହଞ୍ଚି ସମସ୍ତ ବ୍ୟବସ୍ଥା କରାଇଥିଲେ । ଏଥିସହ ବ୍ଲକ ଅଧ୍ୟକ୍ଷା ଦଳବେହେରା ଆର୍ଥିକ ସହଯୋଗ କରିଥିଲେ ।

## ଜାଭିୟର ପବ୍ଲିକ ସ୍କୁଲରେ ବିଜ୍ଞାନମେଳା

ଭୁବନ,୨୧ ।୧(ସମିସ): ସ୍ଥାନୀୟ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ୍‌ରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଏଥିରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ମଡେଲ ଚାର୍ଟ ଓ ବିଜ୍ଞାନ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଅତିଥି ଭାବେ ବାଜିରାଉତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ହରେକୃଷ୍ଣ ପଣ୍ଡା, ଭୂଷଳ ଗ୍ରାମସ୍ଥିତ ଏସଟିଏନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୋମନାଥ ବେହେରା, ମହିଳା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ଶୁଭମ ବେହେରା ଏବଂ ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପିକା ସମ୍ବେଦିତା ସ୍ୱାଇଁ ଯୋଗଦେଇଥିଲେ । ବିଜ୍ଞାନ ମେଳାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅତିଥି ଓ ବିଚାରକମାନେ ପ୍ରକଳ୍ପଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଥିଲେ । ସୁନ୍ଦର ବିଜ୍ଞାନ ମେଳା ଆୟୋଜନ କରିଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୀତେଶ ରଞ୍ଜନ ଦାଶ ଓ ପ୍ରତିଷ୍ଠାତା ଜିତେନ୍ଦ୍ର ଦାସଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ ।

## ଆଇନ ସଚେତନତା ଶିବିର




ଢେଙ୍କାନାଳ,୨୧ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ଖଜୁରିଆ ରଘୁନାଥଜିଉ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଓ ବାଘୁଆ ଗ୍ରାମରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ରଘୁନାଥଜିୟୁ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଆଇନ ସଚେତନତା ଶିବିର ହୋଇଥିଲା । ଏଥିରେ ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଅଧ୍ୟକ୍ଷତା କରି ବାଲ୍ୟବିବାହ ନିବାରଣ ଆଇନ, ନିଶା ନିବାରଣ ଆଇନ, ପରିବେଶ ସୁରକ୍ଷା ଆଇନ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା ଯୋଗଦେଇ ବାଲ୍ୟ ବିବାହ ନିବାରଣ ଆଇନ, ନିଶା ନିବାରଣ ଓ ପରିବେଶ ସୁରକ୍ଷା ଆଇନ ଓ ଏସସି ଓ ଏସଟି ଆଇନ ଉପରେ ବାଖ୍ୟା କରିଥିଲେ । ସ୍ୱେଚ୍ଛାସେବୀ ସଙ୍ଗଠନ ଆଭାର ସଂଯୋଜକ ରାକେଶ କୁମାର ମିଶ୍ର ବାଲ୍ୟ ବିବାହର ଅପକାରିତା ଓ ଏହାକୁ ରୋକିବା ଦିଗରେ ଛାତ୍ରଛାତ୍ରୀଙ୍କ ପ୍ରମୁଖ କର୍ତ୍ତବ୍ୟ ହେବା ଉଚିତ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ମନମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷକ ପଙ୍କଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପିଏଲଭି ରାମେଶ୍ୱର ମାଇତି ଶିବିର ସଂଯୋଜନା କରିଥିବା ବେଳେ ଆଇନସେବା ପ୍ରାଧିକରଣ କର୍ମଚାରୀ ଦୁଃଖବନ୍ଧୁ ସାହୁ, ପିଏଲଭି ଅନୁପ ନାଏକ ସହଯୋଗ କରିଥିଲେ । ସେହିପରି ବାଘୁଆ ଗ୍ରାମବାସୀଙ୍କୁ ନେଇ ଆଉ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଶୁଭଙ୍କର ମିଶ୍ର, ଗଣେଶ କୁମାର ବେହେରା, ରାକେଶ କୁମାର ମିଶ୍ର, ସୁମିତ୍ରା ଦେହୁରୀ, ଲକ୍ଷ୍ମୀ ମହାଳିକ, ୱାର୍ଡ ମେମ୍ବର ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରିଥିଲେ ।

## ଡାକ୍ତର ଅଗ୍ରୱାଲ୍ସ ଚକ୍ଷୁ କ୍ଲିନିକ୍ ଉଦ୍‌ଘାଟିତ

**ଢେଙ୍କାନାଳ,୨୧ ।୧(ସମିସ):** ସ୍ଥାନୀୟ ମହାବୀର ବଜାର ଜଗନ୍ନାଥ ରୋଡଠାରେ “ଡାକ୍ତର ଅଗ୍ରୱାଲ୍ସ ଚକ୍ଷୁ କ୍ଲିନିକ୍’ ଉଦ୍‌ଘାଟିତ ହୋଇଛି । ଏହି କ୍ଲିନିକ୍ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଥିବାବେଳେ ଢେଙ୍କାନାଳରେ ୨୭୫ତମ ଶାଖା ଭାବେ ଖୋଲାଯାଇଛି । ମୁଖ୍ୟଅତିଥି ଭାବେ କ୍ଲିନିକ୍ ସେବାର ଆଞ୍ଚଳିକ ମୁଖ୍ୟ ଡା. ନଭରତ୍ନ ଧନୁକା, ସମ୍ମାନିତ ଅତିଥି ଭାବେ ଡା. ଚନ୍ଦ୍ରଶେଖର ସାହୁ, ଡିଜିଏମ୍ ପ୍ରଦ୍ୟୁମ୍ନ କିଶୋର ମହାନ୍ତି, ଡିଏମ୍ ଜ୍ୟୋତିରଞ୍ଜନ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ମିଳିତ ଲକ୍ଷ୍ମୀପୂଜା କମିଟିର ପୂର୍ବତନ ସଭାପତି ଜ୍ଞାନେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଏହି କ୍ଲିନିକ୍ ଖୋଲିବା ଦ୍ୱାରା ସ୍ଥାନୀୟ ଲୋକମାନେ ସୁଲଭ ମୂଲ୍ୟରେ ସେବା ପାଇପାରିବେ ବୋଲି ଅତିଥିମାନେ କହିଥିଲେ ।



### ଭୁବନ ପଞ୍ଚାୟତ ସମିତିର ନବମ ଅଧିବେଶନ

# ବାଜିରାଉତଙ୍କ ନାମରେ ଟ୍ରେନ୍ ଚାଲିବ: ସାଂସଦ

ଭୁବନ,୨୧ ।୧(ସମିସ):

ଭୁବନ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷା ସିପ୍ରା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ବାଜିରାଉତଙ୍କ ମାଟିରେ ହେଉଥିବା ବୈଠକରେ ଯୋଗଦେଇ ବହୁତ ଖୁସି ବୋଲି କହିଥିଲେ । ବର୍ତ୍ତମାନ ବୁଢ଼ାପଙ୍କଠାରୁ ସୁକିନ୍ଦା ରୋଡ୍ ପର୍ଯ୍ୟନ୍ତ ମାଲବାହୀ ଟ୍ରେନ ଚାଲିଛି । କିଛିଦିନ ମଧ୍ୟରେ ସମ୍ବଲପୁରରୁ ହାୱଡ଼ା ପର୍ଯ୍ୟନ୍ତ ସହିଦ ବାଜିରାଉତଙ୍କ ନାମରେ ଟ୍ରେନ୍ ଚାଲିବ ବୋଲି ସାଂସଦ କହିଥିଲେ । ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ନିର୍ବାଚିତ ପ୍ରତିନିଧିମାନଙ୍କ ସହମତିରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ । ପୂର୍ବ ବିବରଣୀ ପାଠ କରାଯାଇ ଏହାକୁ ସର୍ବସମ୍ମତି କ୍ରମେ ଦୃଢ଼ୀକରଣ କରାଯାଇଥିଲା । ସହିଦ ବାଜିରାଉତଙ୍କ ଜନ୍ମମାଟି ନୀଳକଣ୍ଠପୁରକୁ ଐତିହ୍ୟ ଗ୍ରାମ ଘୋଷଣା କରାଯାଇଥିବା ବେଳେ ସହିଦଙ୍କ ଜନ୍ମ ଶତବାର୍ଷିକୀ ପାଳନ ପୂର୍ବରୁ ଗ୍ରାମର ବିକାଶ ପାଇଁ ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ମାଘ ମାସ ଅଧାରୁ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଆଗାମୀ ଗ୍ରୀଷ୍ମ ଋତୁରେ ଯେଭଳି କୌଣସି ସ୍ଥାନରେ ପାନୀୟ ଜଳ ପାଇଁ ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ସରପଞ୍ଚ, ସମିତି ସଭ୍ୟମାନେ ଦାବି କରିଥିଲେ । ଅଚଳ ନଳକୂପଗୁଡ଼ିକୁ ସଚଳ କରାଯିବ ଓ ଦୁର୍ଗମ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷା ବରାଳ କହିଥିଲେ । ସରପଞ୍ଚ, ସମିତିସଭ୍ୟମାନେ ରାସନ କାର୍ଡ, ଧାନମଣ୍ଡି ସମ୍ପର୍କରେ ଆଲୋଚନା କରିଥିଲେ । ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଜିଲ୍ଲା ପରିଷଦ ସଭ୍ୟା ଶିଳାରାଣୀ ସାହୁ, ରମେଶ ଚନ୍ଦ୍ର ସାହୁ, ସୁବାସ ମାଝୀ ଯୋଗଦେଇଥିଲେ । ବିଡିଓ ଆୟୁଷୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଏବିଡିଓ ଅଶୋକ କୁମାର ମିଶ୍ର, ନିର୍ବାହୀ ଯନ୍ତ୍ରୀ ରଞ୍ଜିତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।





## ବିଳମ୍ବରେ ସଂସଦକୁ ପହଞ୍ଚିଲେ ସାଂସଦଙ୍କ ଦରମା କଟିବ!

ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ସଂସଦର ବଜେଟ ଅଧିବେଶନରୁ ଲୋକସଭା ସଚିବାଳୟରେ ସାଂସଦଙ୍କ ହାଜିରାକୁ ନେଇ ନୂଆ ନିୟମ କାର୍ଯ୍ୟକାରୀ ହେବ। ଏବେ ସାଂସଦ ସଦନ ଭିତର ସିଟ୍‌ରେ ବସିବା ପରେ ହିଁ ଡିଜିଟାଲ ଭାବେ ହାଜିରା ଦେଇପାରିବେ। ଯଦି କୌଣସି ସାଂସଦ ବିଳମ୍ବରେ ସଂସଦରେ ପହଞ୍ଚନ୍ତି ଏବଂ ସେହି ଦିନ କୌଣସି କାରଣରୁ ଗୃହକାର୍ଯ୍ୟ ଦିନକ ପାଇଁ ସ୍ଥଗିତ ହୋଇଯାଏ ତେବେ ସାଂସଦ ନିଜ ଉପସ୍ଥାନ ଦେଇପାରିବେ ନାହିଁ। ଏଥିଯୋଗୁଁ ସାଂସଦଙ୍କ ଦିନକର ଦରମା ଏବଂ ଭତ୍ତା ମଧ୍ୟ କଟିପାରେ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସଦନ ବାହାରେ ହାଜିରା ପାଇଁ ଥିବା ରେଜିଷ୍ଟରକୁ ହଟାଇ ଦିଆଯିବ। ଏହା ଦ୍ୱାରା ଯେଉଁ ସାଂସଦ ରେଜିଷ୍ଟରରେ ହାଜିରା ଲଗାଇ ଦେଇ ପଳାଉଛନ୍ତି ତାଙ୍କ ପାଇଁ ସମସ୍ୟା ହୋଇପାରେ। ଏବେ ସେମାନଙ୍କୁ ସଂସଦକୁ ଆସିବାକୁ ହେବ।

## ପତ୍ନୀ ମାନ୍ୟତା ମିଳିଲେ ଲିଭ୍-ଇନ୍‌ରେ ମହିଳା ସୁରକ୍ଷିତ ରହିବେ: ହାଇକୋର୍ଟ

ଚେନ୍ନଇ, ୨୧।୧(ଏଜେନ୍ସି): ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ୍ ଲିଭ୍-ଇନ୍ ରିଲେସନରେ ମହିଳାଙ୍କ ସୁରକ୍ଷାକୁ ନେଇ ବଡ଼ ମତ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଲିଭ୍- ଇନ୍‌ରେ ମହିଳାଙ୍କୁ କେବଳ ପତ୍ନୀର ମାନ୍ୟତା ଦିଆଗଲେ ହିଁ ସୁରକ୍ଷିତ ରହିବେ। ଏପରି ସମ୍ପର୍କରେ ମହିଳାଙ୍କ ବୈବାହିକ ସୁରକ୍ଷାର ଅଭାବ ରହିଛି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା କୋର୍ଟରଙ୍କ ଦାୟିତ୍ୱ। ଜଷ୍ଟିସ ଏସ୍ ଶ୍ରୀମତୀ ଜଣେ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଏହି ମନ୍ତବ୍ୟ ଦେଇଛନ୍ତି। ଅଭିଯୁକ୍ତ ପ୍ରଥମେ ଜଣେ ମହିଳାଙ୍କ ସହ ଲିଭ୍-ଇନ୍‌ରେ ରହୁଛନ୍ତି ଓ ପରେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଛନ୍ତି। ସମ୍ପର୍କ ଭାଙ୍ଗିବା ପରେ ମହିଳା ଦୁଷ୍କର୍ମ ଅଭିଯୋଗ ଲଗାଯାଇଛି। ଜାମିନ ଆବେଦନକୁ ଖାରଜ କରି କୋର୍ଟ କହିଛନ୍ତି ଯେ, ବଳାତ୍କାର ନ ହୋଇଥିଲେ ମଧ୍ୟ ଯୌନ ସମ୍ପର୍କକୁ ଏକ ପୃଥକ ଅପରାଧ ଭାବେ ବିବେଚନା କରାଯାଇଥାଏ।

## ମିଳିତ ଅଧିବେଶନକୁ ସମ୍ବୋଧିତ କରିବାକୁ ମନାକଲେ କର୍ଣ୍ଣାଟକ ରାଜ୍ୟପାଳ

ବେଙ୍ଗାଲୁରୁ, ୨୧।୧ (ଏଜେନ୍ସି): ବିଧାନସଭା ଏବଂ ବିଧାନ ପରିଷଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବା ପାଇଁ କର୍ଣ୍ଣାଟକ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ମନା କରିଦେଇଛନ୍ତି। ସରକାରଙ୍କ ପକ୍ଷରୁ ଲେଖାଯାଇଥିବା ଅଭିଭାଷଣ ଉପରେ ଆପତ୍ତି ଉଠାଇ ରାଜ୍ୟପାଳ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଅଧିବେଶନ ଗୁରୁବାରଠାରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମାମଲାକୁ ନେଇ ଆଇନମନ୍ତ୍ରୀ ଏଚକେ ପାଟିଲଙ୍କ ନେତୃତ୍ୱରେ ଏକ ଦଳ ଲୋକ ଭବନରେ ରାଜ୍ୟପାଳଙ୍କୁ ଭେଟିଥିଲା। ମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ଲିଖିତ ଅଭିଭାଷଣର ୧୧ତମ ପାରାକୁ ନେଇ ରାଜ୍ୟପାଳ ଆପତ୍ତି ଉଠାଇଛନ୍ତି। ରାଜ୍ୟପାଳ ହେଉଛନ୍ତି ସରକାର ଏବଂ ଜନତାଙ୍କ ସ୍ୱର। ରାଜ୍ୟପାଳଙ୍କ ଅଭିଭାଷଣ ମାଧ୍ୟମରେ ଜନତାଙ୍କ ସ୍ୱର କେନ୍ଦ୍ର ଏବଂ ସାରା ଦେଶ ପର୍ଯ୍ୟନ୍ତ ପହଞ୍ଚୁ ବୋଲି ଆମେ ଚାହୁଁଛୁ। ସେଥିପାଇଁ ତାଙ୍କୁ ମିଳିତ ଅଧିବେଶନକୁ ସମ୍ବୋଧନ କରିବା ପାଇଁ ଅନୁରୋଧ କରାଯାଇଛି। ଦିନକ ତଳେ ଅଣ ବିଜେପି ଶାସିତ ରାଜ୍ୟ କେରଳ ଏବଂ ତାମିଲନାଡୁରେ ରାଜ୍ୟପାଳଙ୍କ ବିଧାନସଭାକୁ ସମ୍ବୋଧନକୁ ନେଇ ବିବାଦ ହୋଇଥିବାବେଳେ ଏହି ଘଟଣା ସାମ୍ନାକୁ ଆସିଛି।

## ଇରାନରୁ ଫେରିଲେ ଦ୍ୱିତୀୟ ପର୍ଯ୍ୟାୟ ଭାରତୀୟ ଛାତ୍ର

ଶ୍ରୀନଗର, ୨୧।୧(ଏଜେନ୍ସି): ଇରାନରେ ଫସି ରହିଥିବା ଭାରତୀୟ ଛାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ସୁରକ୍ଷିତ ଭାବେ ସ୍ୱଦେଶ ଫେରିଛନ୍ତି। ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍ଏ) ଅନୁଯାଇ, ବର୍ତ୍ତମାନ ସ୍ଥିତିରେ ଛାତ୍ରମାନଙ୍କ ଏହି ପ୍ରତ୍ୟାବର୍ତ୍ତନ ସେମାନଙ୍କ ପରିବାର ପାଇଁ ବଡ଼ ଆସ୍ୱସ୍ତି ଆଣି ଦେଇଛି। ଛାତ୍ରମାନେ ଏୟାର ଇଣ୍ଡିଆ ବିମାନ ଏଆଇ- ୯୯୨୬ରେ ଦୁବାଇ ଓ ସାରଜା ଦେଇ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ପହଞ୍ଚିଥିଲେ। ସବୁ ଛାତ୍ର ନିଜ ଖର୍ଚ୍ଚରେ ହିଁ ଭାରତ ଫେରିଛନ୍ତି। ଏପର୍ଯ୍ୟନ୍ତ ୨୦୦ ଭାରତୀୟ ଛାତ୍ର ଇରାନ୍‌ରୁ ଫେରି ସାରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଜମ୍ମୁ-କଶ୍ମୀର ବୋଲି କୁହାଯାଇଛି। ପୂର୍ବରୁ ଜାନୁଆରୀ ୧୭ରେ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ଛାତ୍ର ଫେରିଥିଲେ। ଉଲ୍ଲେଖଥାଉ କି, ଇରାନରେ ଡିସେମ୍ବର ୨୮ରୁ ସରକାରୀ ବିରୋଧୀ ଆନ୍ଦୋଳନ ତଥା ବିକ୍ଷୋଭ ଜାରି ରହିଛି। ଇରାନର ୩୧ଟି ରାଜ୍ୟରେ ହିଂସ୍ରକ ଆନ୍ଦୋଳନ ବ୍ୟାପୀ ଯାଇଛି।

## ସିଞ୍ଜୋ ଆବେଙ୍କ ହତ୍ୟାକାରୀକୁ ଆଜୀବନ ଜେଲ୍

ଟୋକିଓ, ୨୧।୧(ଏଜେନ୍ସି): ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟା କରିଥିବା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୨୨ ଜୁଲାଇ ୮ରେ ନାରା ସିଟିରେ ଏକ ନିର୍ବାଚନ ପ୍ରଚାର ସମୟରେ ଆବେଙ୍କୁ ଅତର୍କିତ ଭାବେ ଗୁଳି କରି ହତ୍ୟା କରାଯାଇଥିଲା। ଆଜି କୋର୍ଟ ହତ୍ୟାକାରୀ ତେତସୁୟା ଆମାଗାମିଙ୍କୁ ଦଣ୍ଡ ଶୁଣାଇଛନ୍ତି। ସରକାରୀ ଓକିଲ କୋର୍ଟରେ କହିଥିଲେ ଯେ, ୟାମାଗାମି କରିଥିବା ଅପରାଧ ଅତ୍ୟନ୍ତ ଗମ୍ଭୀର ଓ ସେ କଠୋରରୁ କଠୋରତମ ଦଣ୍ଡ ପାଇବା ଉଚିତ। ତେବେ ୟାମାଗାମୀ ଧାର୍ମିକ ନିର୍ଯାତନାର ଶିକାର ହୋଇଥିଲେ ବୋଲି ତାଙ୍କ ପକ୍ଷ ଯୁକ୍ତି ଉପସ୍ଥାପନ କରିଥିଲେ। ୟାମାଗାମି କୋର୍ଟଙ୍କୁ କହିଥିଲେ ଯେ, ସେ ପ୍ରଥମେ ଚର୍ଚ୍ଚ ସହିତ ଜଡ଼ିତ ଅଧିକାରୀମାନଙ୍କୁ ଆକ୍ରମଣ କରିବାକୁ ଚାହୁଁଥିଲେ।

## କୋକ୍ରାଝରରେ ସେନା ମୁତୟନ

ଗୌହାଟୀ, ୨୧।୧(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମର କୋକ୍ରାଝର ଜିଲ୍ଲାରେ ସେନା ମୁତୟନ କରାଯାଇଛି। ମଙ୍ଗଳବାର ଏଠାରେ ବୋଡ଼ୋ ସ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ କାରଣରୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିଲେ। ଫଳରେ ହିଂସା ସୃଷ୍ଟି ହେବା ସହ ଭୟଙ୍କର ରୂପ ଧାରଣ କରିଥିଲା। ସମ୍ଭାବ୍ୟ ଆକ୍ରମଣ ଆଶଙ୍କା କରି ଗାଁ ଲୋକେ ଘର ଛାଡ଼ି ପଳାଇଛନ୍ତି। ଜଣେ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି ଯେ, ମଙ୍ଗଳବାର ରାତିରେ ସେନା କର୍ମଚାରୀମାନେ କାରିଗାଁଓ ଓ ଆଖାପାଖ ଅଞ୍ଚଳରେ ପାଟ୍ରୋଲିଂ କରିଥିଲେ।

# ଡାଭୋସ୍‌ରେ 'ଶୁଳ୍କଲୋଭୀ' ଟ୍ରମ୍ପଙ୍କୁ ଘେରୁଛନ୍ତି ବିଶ୍ୱନେତା

ଡାଭୋସ, ୨୧।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୭୯ ବର୍ଷର ହେଲାଣି। ଏହି ପରିଣତି ବୟସରେ ଟ୍ରମ୍ପ ଯାହା ଚାହୁଁଛନ୍ତି ତାହା ତାଙ୍କୁ ମିଳିପାରୁ ନାହିଁ। ତେଣୁ ଟ୍ରମ୍ପ ପାଗଳ ପ୍ରାୟ ହୋଇ ଯାଇଛନ୍ତି। ମନମୁଖୀ ନିଷ୍ପତ୍ତି ନେଇ ବନ୍ଧୁତା ବଢ଼ାଇବା ପରିବର୍ତ୍ତେ ବନ୍ଧୁଙ୍କୁ ବଇରୀ କରିଦେଉଛନ୍ତି। ଶପଥ ଗ୍ରହଣର ଦିନକ ପରେ ଟ୍ରମ୍ପ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବେ ବୋଲି କହିଥିଲେ। କିନ୍ତୁ ତାହା ସେ ଏ ପର୍ଯ୍ୟନ୍ତ କରିପାରି ନାହାନ୍ତି। ଟ୍ରମ୍ପ ପୁଣି ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିଥିବା ଦାବି କରିଥିଲେ। ମାତ୍ର ଭାରତ ସରକାର ଏଭଳି ଦାବିକୁ ଖଣ୍ଡନ କରି ତାଙ୍କ ଖୁସିକୁ ଖଟା କରିଦେଲେ। ଏଥିରେ କ୍ଷୁବ୍ଧ ହୋଇ ଟ୍ରମ୍ପ ଭାରତ ଉପରେ ଚଢ଼ା ଶୁଳ୍କ ଲଗାଇଲେ। ଏତିକିରେ କାହାଣୀ ଶେଷ ହୋଇ ନ ଥିଲା। ଟ୍ରମ୍ପର ବିଶ୍ୱର ସମ୍ମାନ ଜନକ ପୁରସ୍କାର ନୋବେଲ ଶାନ୍ତି ଚାହିଁଥିଲେ। ନିଜେ ଆଠ ଆଠଟା ଯୁଦ୍ଧ ବନ୍ଦ କରିଥିବା ଦାବି କରିଥିଲେ। ବିଭିନ୍ନ ଦେଶକୁ ନିଜ ପାଇଁ ପ୍ରସ୍ତାବକ ମଧ୍ୟ କରିଥିଲେ। ନରୱେ ବିଦେଶୀ ମନ୍ତ୍ରୀଙ୍କୁ ଫୋନ କରି ନିଜ ପାଇଁ ନୋବେଲ ମାଗିଥିଲେ। ଏଭଳି ପ୍ରୟାସ ସତ୍ତ୍ୱେ ଟ୍ରମ୍ପ ଗତ ଅକ୍ଟୋବରରେ ନିରାଶ ହୋଇଥିଲେ। ନୋବେଲ ଶାନ୍ତି ପୁରସ୍କାର ନ ପାଇ ରକ୍ତ ଚାଉଳ ଚୋବେଇ ଥିଲେ। ଏହି ପୁରସ୍କାର ନ ପାଇଁ ଟ୍ରମ୍ପ ପାଗଳ ହୋଇ ଯାଇଥିଲେ। ପରେ ବିଶ୍ୱ ତାଙ୍କ ପାଗଳାମୀ ଦେଖିଥିଲା। ଗୋଟିଏ ପରେ ଗୋଟିଏ ଦେଶକୁ ସେ ଧମକ ଦେଇ ଚାଲିଥିଲେ। ଭେନଜୁଏଲା ଆକ୍ରମଣ କରି ରାଷ୍ଟ୍ରପତିଙ୍କୁ ଅପହରଣ କରିଥିଲେ। ଗ୍ରୀନଲାଣ୍ଡ, କାନାଡ଼ା, କ୍ୟୁବାକୁ ଦଖଲ ପାଇଁ ଧମକ ଦେଇ ନାଟୋ ସହଯୋଗୀଙ୍କୁ ଝଟ୍‌କା ଦେଇଥିଲେ। ଶେଷରେ କିଛି ଦିନ ତଳେ ନୋବେଲ ପୁରସ୍କାର ଦେଇ ନ ଥିବା ନରୱେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅଭିଯୋଗ କରିଥିଲେ। ନୋବେଲ ଶାନ୍ତି ବିନା ଶାନ୍ତି ନାହିଁ ବୋଲି କହିଥିଲେ। ଶାନ୍ତି ଉପରୁ ତାଙ୍କ ଭରସା ଉଠି ଯାଇଥିବା କହିଥିଲେ। ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟଙ୍କୁ ବିଶ୍ୱ ନେତା ତୀବ୍ର ବିରୋଧ କରିଛନ୍ତି। ସ୍ୱିଜରଲାଣ୍ଡରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ଫୋରମରେ ବିଶ୍ୱ ନେତା ଆମେରିକାକୁ ତୀବ୍ର ସମାଲୋଚନା କରି ଭାରତକୁ ଏକାଠି ହେବାକୁ ବାର୍ତ୍ତା ଦେଇଛନ୍ତି।



କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ବୁଧବାର ଡାଭୋସରେ ଦମଦାର ଭାଷଣ ଦେଇଛନ୍ତି। ବିଶ୍ୱ ରାଜନୀତିକୁ ନେଇ ଟ୍ରମ୍ପଙ୍କ ନୀତି ଏବଂ ସମାଲୋଚନା କରି ଭାରତ ସମେତ ମଧ୍ୟପ୍ରାଚ୍ୟର ଶକ୍ତିଶାଳୀ ଦେଶଙ୍କୁ ବିଶ୍ୱ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକାର ପ୍ରାଧାନ୍ୟ ଥିବା ବୈଶ୍ୱିକ ବ୍ୟବସ୍ଥା ଏବେ ଶେଷ ହୋଇଗଲାଣି। ବିଶ୍ୱ କୌଣସି ପରିବର୍ତ୍ତନ ଅଭିମୁଖେ ନୁହେଁ, ବରଂ ଭାଗ ଭାଗ ହେବାକୁ ଯାଉଛି। ଏବେ ପୁରୁଣା ବ୍ୟବସ୍ଥା ଆଉ ଫେରିବ ନାହିଁ। ନିୟମ ଏବଂ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଚାଲୁଥିବା ବିଶ୍ୱରେ ଯେଉଁ କଥା କୁହାଯାଉଛି ତାହା କେବେ ବି ସମ୍ପୂର୍ଣ୍ଣ ସତ ହେଉ ନାହିଁ। ନିୟମ ଆଧାରିତ ବ୍ୟବସ୍ଥା ସମ୍ପୂର୍ଣ୍ଣ ମିଥ୍ୟା ରହିଛି। ବିଶ୍ୱ ସର୍ବଦା କ୍ଷମତା ଏବଂ ନିଜ ନିଜ ସ୍ୱାର୍ଥ ହିସାବରେ ଚାଲିଛି। ଶକ୍ତିଶାଳୀ ଦେଶ ନିଜ ହିସାବରେ ଆଇନରୁ ବାହାରି ଯାଉଛନ୍ତି ଏବଂ ନୂଆ ଆଇନ କାର୍ଯ୍ୟକାରୀ କରୁଛନ୍ତି। କାର୍ଣ୍ଣି ମାନିଛନ୍ତି ଯେ ପୁରୁଣା ବ୍ୟବସ୍ଥା କାନାଡ଼ାକୁ ଲାଭ ଦେଇଛି। କିନ୍ତୁ ଏହି ବ୍ୟବସ୍ଥା ଆଉ ସ୍ଥାୟୀ ରହିନାହିଁ। ଶକ୍ତିଶାଳୀ ଦେଶଗୁଡ଼ିକ ନିଜର ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଚାପ ପ୍ରୟୋଗ କରୁଛନ୍ତି। ଏହାକୁ ନେଇ ଆର୍ଥିକ ସମ୍ପର୍କକୁ ବ୍ୟବହାର କରୁଛନ୍ତି। ଏହା ହିଁ ବିଶ୍ୱର ବାସ୍ତବତା। ଚାପ ପ୍ରୟୋଗ କରିବା ପାଇଁ ଶୁଳ୍କକୁ ଅସ୍ତ୍ର କରାଯାଉଛି। ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଦେଶଗୁଡ଼ିକୁ ବାଧ୍ୟ କରାଯାଉଛି। ଯୋଗାଣ ଶୃଙ୍ଖଳା ଦୁର୍ବଳତାକୁ ନେଇ ଶୋଷଣ କରାଯାଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକର ଆର୍ଥିକ ଏବଂ ରାଜନୈତିକ ସଙ୍କଟରୁ ପ୍ରମାଣିତ ହୋଇଛି ଯେ ବିଶ୍ୱ ଉପରେ ଅତ୍ୟଧିକ ନିର୍ଭରଶୀଳତା ଯେକୌଣସି ଦେଶ ପାଇଁ ବିପଜ୍ଜନକ ହୋଇପାରେ। ବିଶ୍ୱ ବାଣିଜ୍ୟ ସଂଗଠନ ଏବଂ ଜାତିସଂଘ ଭଳି ବହୁପକ୍ଷୀୟ ପ୍ରତିଷ୍ଠାନ ଦୁର୍ବଳ ହୋଇଯାଇଛି। ଦେଶଗୁଡ଼ିକୁ ଏବେ ନିଜର ସୁରକ୍ଷା, ଶକ୍ତି ଏବଂ ଖାଦ୍ୟ ଆବଶ୍ୟକତାକୁ ସମାଧାନ କରିବାକୁ ପଡିବ। ଯେଉଁ ଦେଶ ନିଜକୁ ଖାଦ୍ୟ ଦେଇପାରିବ ନାହିଁ, ଶକ୍ତି ଯୋଗାଇପାରିବ ନାହିଁ ଏବଂ ନିଜକୁ ରକ୍ଷା କରିପାରିବ ନାହିଁ, ତାଙ୍କ ପାଖରେ କିଛି ବିକଳ୍ପ ନାହିଁ।

## ବିଶ୍ୱକୁ ଅସ୍ଥିର କରୁଛି ଆମେରିକା: ଫ୍ରାନ୍ସ

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ୍ୟ ଡାଭୋସରେ ଟ୍ରମ୍ପଙ୍କୁ ସମାଲୋଚନା କରିଥିଲେ। ବିଶ୍ୱ ଏପରି ଏକ ଯୁଗକୁ ଯାଉଛି ଯେଉଁଠାରେ ଅନ୍ତର୍ଜାତୀୟ ଆଇନକୁ ଦଳି ଦିଆଯାଉଛି। ବିଶ୍ୱ ବ୍ୟବସ୍ଥାକୁ ଶକ୍ତିଶାଳୀ ରାଷ୍ଟ୍ର ଚଳାଉଛନ୍ତି। ଆନ୍ତର୍ଜାତିକ ଆଇନର କୌଣସି ମୂଲ୍ୟ ନ ରହିବା ବିଶ୍ୱ ପାଇଁ ବିପଜ୍ଜନକ। ଏଭଳି ଦୁର୍ବଳ ବ୍ୟବସ୍ଥାରେ ଶକ୍ତିଶାଳୀ ଦେଶମାନେ ଯାହା ଇଚ୍ଛା ତାହା କରନ୍ତି ଏବଂ ଦୁର୍ବଳ ରାଷ୍ଟ୍ରଙ୍କୁ ସବୁ ସହିବାକୁ ପଡୁଛି। ୟୁରୋପର ବାଣିଜ୍ୟ ନୀତିକୁ ଦୁର୍ବଳ କରି ଆଞ୍ଚଳିକ ସାର୍ବଭୌମତ୍ୱ ବିରୋଧରେ ଆମେରିକା କାମ କରୁଥିବା ମାକ୍ରନ ଅଭିଯୋଗ କରିଛନ୍ତି। ଆଜି ବିଶ୍ୱ ଅସ୍ଥିର ହୋଇ ଚାଲିଛି। ଅନେକ ଦେଶରେ ଗଣତନ୍ତ୍ର ଦୁର୍ବଳ ହୋଇ ଏକଛତ୍ରବାଦ ଆଡକୁ ଗତି କରୁଛି। ତେଣୁ ଦୃଢ଼ ଆଇନ ଆଗରେ ନ ନଇଁବା ପାଇଁ ମାକ୍ରନ ୟୁରୋପୀୟ ସଂଘକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ଦାଦାଗିରି କରୁଥିବା ଲୋକଙ୍କ ବ୍ୟତୀତ ସମ୍ମାନକୁ ଅଧିକ ପ୍ରାଧାନ୍ୟ ଦେଉଛୁ। କ୍ରୁରତା ବଦଳରେ ଆଇନର ଶାସନକୁ ପସନ୍ଦ କରୁଛୁ। ସେହିପରି ଟ୍ରମ୍ପଙ୍କ ନାମ ନ ନେଇ ଇୟୁ ଅଧ୍ୟକ୍ଷ ଉର୍ସୁଲା ଭନ ଡେର ଲିନ ବିଶ୍ୱରେ ବଡ଼ ପରିବର୍ତ୍ତନକୁ ଆକାର ଦେବାର ଆବଶ୍ୟକତା ରହିଛି। ଏହି ପରିବର୍ତ୍ତନର ଗତି ଯୋଗୁଁ ୟୁରୋପର ସ୍ୱାଧୀନତାକୁ ନେଇ ସାଧାରଣ ସହମତି ପ୍ରକାଶ ପାଇଛି।

# ଗ୍ରୀନ୍‌ଲାଣ୍ଡ ଆମର; ଦଖଲ ପାଇଁ ବଳ ପ୍ରୟୋଗ କରିବୁନି: ଟ୍ରମ୍ପ

ଡାଭୋସ, ୨୧।୧ (ଏଜେନ୍ସି): ପୁଣିଥରେ ଡାଭୋସ ଆସି ଭଲ ଲାଗୁଛି। ଏଠାରେ ଅନେକ ବ୍ୟବସାୟୀ, ବନ୍ଧୁ, କିଛି ଶତ୍ରୁ ଏବଂ ସ୍ୱତନ୍ତ୍ର ଅତିଥି ଉପସ୍ଥିତ ଅଛନ୍ତି ବୋଲି କହି ବିଶ୍ୱ ଆର୍ଥିକ ମଞ୍ଚ (ଡବ୍ଲୁଇଏଫ)ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାଗଳ ପରି ପ୍ରଳାପ କରିଛନ୍ତି। ସେ ଏଠାରେ ଗ୍ରୀନଲାଣ୍ଡକୁ ଆମେରିକାର ବୋଲି କହିଛନ୍ତି। ଏହି ଦେଶକୁ କବ୍‌ଜା କରିବାର ଯୋଜନାକୁ ଟ୍ରମ୍ପ ବିଶ୍ୱ ସମ୍ମୁଖରେ ରଖିଛନ୍ତି। ମାତ୍ର ଗ୍ରୀନଲାଣ୍ଡ ଦଖଲ ପାଇଁ ଆମେରିକା ବଳ ପ୍ରୟୋଗ କରିବ ନାହିଁ ବୋଲି ଘୋଷଣା କରିଛନ୍ତି। ଗ୍ରୀନଲାଣ୍ଡ ଦଖଲକୁ ନେଇ ଟ୍ରମ୍ପ ଦେଶଗୁଡ଼ିକୁ ଧମକ ଦେଇଛନ୍ତି। ଯିଏ ସମର୍ଥନ ଦେବ ତାକୁ ପ୍ରଶଂସା କରିବି ଏବଂ ମନା କଲେ ସବୁବେଳ ପାଇଁ ମନେ ରଖିବି ବୋଲି କହିଛନ୍ତି।

ଆମେରିକା ଦ୍ରୁତ ବିକାଶ କରୁଥିବାବେଳେ ୟୁରୋପ ସଠିକ ଦିଗରେ ଯାଉ ନ ଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି। କେବଳ ଆମେରିକାର ହିଁ ଗ୍ରୀନଲାଣ୍ଡକୁ ସୁରକ୍ଷା ଦେଇପାରିବ। ଆଉ କୌଣସି ରାଷ୍ଟ୍ର ଏପରି କରିପାରିବେ ନାହିଁ। ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଗ୍ରୀନଲାଣ୍ଡ ଅତ୍ୟନ୍ତ ଜରୁରୀ। କବ୍‌ଜାକୁ ବିରୋଧ କରୁଥିବା ଟ୍ରମ୍ପ ଡେନମାର୍କକୁ କୃତଘ୍ନ ଆଖ୍ୟା ଦେଇଛନ୍ତି।

୭୫ ମିନିଟ ପର୍ଯ୍ୟନ୍ତ ଅଭିଭାଷଣ ଦେଇ ଟ୍ରମ୍ପ କହିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମାତ୍ର ୬ ଘଣ୍ଟା ମଧ୍ୟରେ ଡେନମାର୍କ ଜର୍ମାନୀଠାରୁ ହାରି ଯାଇଥିଲା। ସେତେବେଳେ ଡେନମାର୍କ ନିଜର ଏବଂ ଗ୍ରୀନଲାଣ୍ଡର ରକ୍ଷା କରିବାରେ ସମର୍ଥ ହୋଇ ନ ଥିଲା। ଏହି ପରେ ଆମେରିକା ବାଧ୍ୟବାଧକତାରେ ଆଗକୁ ଆସି ଡେନମାର୍କକୁ ସୁରକ୍ଷା ଦେଇଥିଲା। ସେ ସମୟରେ ଗ୍ରୀନଲାଣ୍ଡକୁ ନିଜ ପାଖରେ ରଖିବା ପରିବର୍ତ୍ତେ ଆମେରିକା ଡେନମାର୍କକୁ ପ୍ରଦାନ କରିଥିଲା। ଏହି ନିଷ୍ପତ୍ତି ସବୁଠାରୁ ବଡ଼ ଭୁଲ୍ ଥିଲା। ଆମେରିକା କେବଳ ଏକ ବରଫାବୃତ୍ତ ଅଞ୍ଚଳ ଚାହୁଁଛି। ମାତ୍ର ୟୁରୋପ ଏହା ଦେବାକୁ ପ୍ରସ୍ତୁତ ନାହିଁ। ଆମେରିକା କେତେବେଳେ କିଛି ମାଗିନାହିଁ। ଏବେ ମାଗୁଛି ଯେ ଦିଆଯାଉ ନାହିଁ। ଯଦି ୟୁରୋପ ହଁ କରିବ ତେବେ ଆମେରିକା ଧନ୍ୟବାଦ ଦେବ ନଚେତ ସବୁବେଳ ପାଇଁ ମନେ ରଖିବ। ସେହିପରି ନାଟୋ ଉପରେ ତାଙ୍କର ଭରସା ନ ଥିବା ଟ୍ରମ୍ପ କହିଛନ୍ତି।

ରୁଷ-ୟୁକ୍ରେନ ଯୁଦ୍ଧର ଦାୟିତ୍ୱ ୟୁରୋପକୁ ହେବା ଉଚିତ ବୋଲି ଟ୍ରମ୍ପ କହିଛନ୍ତି। କାରଣ ଏହା ଆମେରିକାଠୁ ବହୁ ଦୂରରେ ରହିଛି। ସେହିପରି ଔଷଧ ମୂଲ୍ୟ ବୃଦ୍ଧିକୁ ନେଇ ଟ୍ରମ୍ପ ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ଇମାନୁଏଲ ମାକ୍ରନଙ୍କୁ ଧମକ ଦେଇଛନ୍ତି।

# କଟକଣା ସତ୍ତ୍ୱେ ଆରାବଳୀରେ ଚାଲିଛି ବେଆଇନ ଖନନ

ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ସର୍ବ ପୁରାତନ ପର୍ବତମାଳା ଆରାବଳୀର ଯନ୍ତ୍ରଣା ଅସ୍ୟହ ହେବାରେ ଲାଗିଛି। କଟକଣା ସତ୍ତ୍ୱେ ଏହି ପର୍ବତମାଳାରେ ବେଆଇନ ଖଣି ଖନନ ଚାଲିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଖଣି ଖନନ ଦ୍ୱାରା ଏଭଳି ସ୍ଥିତି ସୃଷ୍ଟି ହେବ ଯାହାକୁ କେବେ ସୁଧାରି ହେବନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଖଣି ଖନନ ବନ୍ଦ କରିବାକୁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ। ପରିବେଶବିତ, ବୈଜ୍ଞାନିକଙ୍କୁ ନେଇ ଗଠନ ହେବାକୁ ଥିବା ଏହି କମିଟି ବିଭିନ୍ନ ଦିଗକୁ ଦେଖି ପରାମର୍ଶ ଦେବେ। ଆରାବଳୀ କ୍ଷେତ୍ରରେ କୌଣସି ପ୍ରକାରର ଖଣି ଖନନ ହେବାକୁ ନ ଦେବା ପାଇଁ ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କଠାରୁ ଗ୍ୟାରେଣ୍ଟି ନେଇଛନ୍ତି।

- ସମୟ ପୂର୍ବରୁ ରୋକା ନ ଗଲେ ସ୍ଥିତି ହାତରୁ ଖସିଯିବ: ସୁପ୍ରିମକୋର୍ଟ
- ଖଣି ଖନନ ରୋକିବାକୁ ଗଠନ ହେବ ବିଶେଷଜ୍ଞ କମିଟି

ସିଜେଆଇ କହିଛନ୍ତି ବେଆଇନ ଖଣି ଖନନ କେବଳ ପରିବେଶର କ୍ଷତି କରେନାହିଁ, ବରଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଥାଏ। ସମୟ ଥିବା ପୂର୍ବରୁ ଏହାକୁ ରୋକା ନ ଗଲେ ସ୍ଥିତି ହାତରୁ ବାହାରି ଯିବ। ତେଣୁ ପୂର୍ବ ନିର୍ଦ୍ଦେଶକୁ ବଜାୟ ରଖିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆରାବଳୀ କ୍ଷେତ୍ରରେ ବେଆଇନ ଖଣ ଖନନ ରୋକିବା ପାଇଁ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଖଣି ଖନନରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ମାମଲାରେ ବିସ୍ତୃତ ଠୋସ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ସବୁ ପକ୍ଷଙ୍କୁ ସିଜେଆଇ ନିର୍ଦ୍ଦେଶ ଦେଇଛନ୍ତି। ଚାରି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି।




## ଟ୍ରମ୍ପଙ୍କ ବିମାନରେ ଯାନ୍ତ୍ରିକ ତ୍ରୁଟି

ଜେନେଭା, ୨୧।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିମାନ ସ୍ୱିଜରଲାଣ୍ଡର ଡାଭୋସକୁ ବିମାନ ଉଡ଼ାଣ ଆରମ୍ଭ କରିବାକୁ କିଛି ସମୟ ମଧ୍ୟରେ ପ୍ରତ୍ୟାବର୍ତ୍ତନ କରିଥିଲା। ହ୍ୱାଇଟ ହାଉସ୍ ଦେଇଥିବା ତଥ୍ୟ ଅନୁଯାୟୀ, ବିମାନରେ କିଛି ଯାନ୍ତ୍ରିକ ତ୍ରୁଟି ଥିଲା। ପ୍ରେସ୍ ସଚିବ କାରୋଲିନା ଲିଭେଟ କହିଛନ୍ତି ଯେ, ବିମାନ ଟେକ୍‌ଅଫ୍ କରିବାର କିଛି ସମୟ ମଧ୍ୟରେ ବିମାନରେ ଏକ ବୈଦ୍ୟୁତିକ ତ୍ରୁଟି ଥିବା କ୍ରୁ ସଦସ୍ୟ ଜାଣିବାକୁ ପାଇଥିଲେ। ଫଳସ୍ୱରୂପ, ସତର୍କତାମୂଳକ ପଦକ୍ଷେପ ନିଆଯାଇ ବିମାନକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ପରେ ଟ୍ରମ୍ପ ଅନ୍ୟ ଏକ ବିମାନରେ କିଛି ସମୟ ପରେ ଯାତ୍ରା କରିଥିଲେ। ସୁଇଜରଲାଣ୍ଡର ଡାଭୋସ୍‌ରେ ଆୟୋଜିତ ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଟ୍ରମ୍ପଙ୍କ ସରକାରୀ ଯାତ୍ରା ପାଇଁ ବର୍ତ୍ତମାନ ଏକ ବୋଇଂ ୭୪୭-୨୦୦ବି ଏୟାର ଫୋର୍ସ-୧ ବିମାନ ବ୍ୟବହୃତ ହେଉଛି। ଏହିପରି ଦୁଇଟି ବିମାନ ତାଙ୍କ ଯାତ୍ରା ପାଇଁ ବ୍ୟବହୃତ ହେଉଛି। ଏହି ବିମାନଗୁଡିକ ୪ ଦଶନ୍ଧି ଅର୍ଥାତ ପାଖାପାଖି ୪୦ ବର୍ଷ ପୁରୁଣା। ଆମେରିକା ବିମାନ ନିର୍ମାତା କମ୍ପାନୀ ବୋଇଂ ନୂଆ ବିକଳ୍ପ ବିମାନ ପ୍ରସ୍ତୁତି କରୁଛି, କିନ୍ତୁ ଏଥିରେ ବିଳମ୍ବ ହେଉଛି।

# ଚନ୍ଦ୍ରକୁ ଯିବାକୁ ଚାହୁଁଛି; ସ୍ୱାମୀ ଅନୁମତି ଦେଉନାହାନ୍ତି

ନୂଆଦିଲ୍ଲୀ, ୨୧।୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ତଥା ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ୱିଲିୟମ୍ସ ଭାରତ ଆସିଛନ୍ତି ଓ ଦିଲ୍ଲୀର ଆମେରିକା ସେଣ୍ଟରରେ ଆୟୋଜିତ 'ଆଖୋଁ ସିତାରୋଁ ପର, ପୈର ଜମି ପର' ସେମିନାରରେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଛନ୍ତି। ଭାରତକୁ ଆସି ଘରକୁ ଫେରିବା ଭଳି ଲାଗୁଛି ବୋଲି ସେ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଏବେ ବିଶ୍ୱରେ ମହାକାଶ ପାଇଁ ପ୍ରତିଯୋଗିତା ଚାଲିଛି। ଅନେକ ଦେଶ ଚନ୍ଦ୍ର ଓ ମହାକାଶରେ ଆଗକୁ ବଢ଼ିବାକୁ ପ୍ରୟାସ କରୁଛନ୍ତି। ମଣିଷମାନଙ୍କୁ ସୁରକ୍ଷିତ ଓ ସ୍ଥାୟୀ ଭାବେ ଚନ୍ଦ୍ରରେ ପହଞ୍ଚିବା ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ। ତେବେ ଏହି କାମ ଗଣତାନ୍ତ୍ରିକ ଭାବେ କରାଯିବା ଉଚିତ, ପାରସ୍ପରିକ ଲାଭ, ସହଯୋଗ ଓ ସ୍ୱଚ୍ଛତା ସହିତ, ଯାହା ଦ୍ୱାରା କୌଣସି ଗୋଟିଏ ଦେଶ ପ୍ରାଧାନ୍ୟ ବିସ୍ତାର ନ କରେ ଏବଂ ସମସ୍ତ ମାନବଜାତି ଲାଭବାନ ହେବ। ସବୁ ଦେଶ ଆଣ୍ଟାର୍କଟିକା ମଡେଲ ଭଳି ସହଯୋଗରେ ଆଗକୁ ବଢ଼ିବା ଉଚିତ। ଭାରତ ଆସିବା ତାଙ୍କ ପାଇଁ ସ୍ୱଦେଶ ଫେରିବା ଭଳି ଅନୁଭବ ହୁଏ। କାରଣ ତାଙ୍କ ପିତା ଗୁଜରାଟର ମେହସାଣା ଜିଲ୍ଲାର ଝୁଲାସନ ଗାଁରୁ ଆସିଥିଲେ। ସେ ଚନ୍ଦ୍ରକୁ ଯିବାକୁ ଚାହୁଁଛନ୍ତି। କିନ୍ତୁ ଏଥିପାଇଁ ସ୍ୱାମୀ ଅନୁମତି ଦେଉନାହାନ୍ତି ବୋଲି ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ମଜାରେ ସୁନୀତା ଏହି କଥା କହିଛନ୍ତି। ଏବେ ଘରକୁ ଫେରି ଦାୟିତ୍ୱ ହସ୍ତାନ୍ତର କରିବାର ସମୟ ଉପନୀତ ହୋଇଛି। ପରବର୍ତ୍ତୀ ପିଢ଼ିକୁ ମହକାଶ ଅନୁସନ୍ଧାନରେ ନିଜ ସ୍ଥାନ ସୃଷ୍ଟି କରିବାକୁ ପଡ଼ିବ। ମହାକାଶରୁ ପୃଥିବୀ ଦେଖିବା ବେଳେ ଆମେ ସମସ୍ତେ ଏକ ବୋଲି ମନେ ହୁଏ। ୬୦ ବର୍ଷୀୟ ସୁନୀତା ନିକଟରେ ନାସାରୁ ଦୀର୍ଘ ୨୭ ବର୍ଷ ପରେ ଅବସର ଗ୍ରହଣ କରିଛନ୍ତି। ସେ ୪-୫ ଦିନ ଭାରତ ଗସ୍ତରେ ଆସିଛନ୍ତି। ସେ ମଧ୍ୟ ଅନ୍ୟତମ ମହିଳା ଭାରତୀୟ ମହାକାଶଚାରୀ କଳ୍ପନା ଚାୱାଲାଙ୍କ ମା ଓ ଭଉଣୀଙ୍କୁ ଦେଖା କରିଛନ୍ତି। ସୁନୀତା ୨୦୨୪ରେ ୮ ଦିନ ପାଇଁ ମହାକାଶ ଯାଇଥିଲେ। କିନ୍ତୁ ସେଠାରେ ସେ ବିଭିନ୍ନ କାରଣ ପାଇଁ ୯ ମାସରୁ ଅଧିକ ସମୟ ରହିବାକୁ ବାଧ୍ୟ ହୋଇଥିଲେ।





## ପ୍ରଶାସନକୁ ଶଙ୍କରାଚାର୍ଯ୍ୟଙ୍କ ଚେତାବନୀ

# ନୋଟିସ ପ୍ରତ୍ୟାହାର ନ କଲେ କେସ୍ କରିବି

ପ୍ରୟାଗରାଜ, ୨୧।୧ (ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ପ୍ରୟାଗରାଜ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ତାଙ୍କୁ ଜାରି କରାଯାଇଥିବା ନୋଟିସ୍ ପ୍ରତ୍ୟାହାର ନ କରାଯାଏ, ମାନହାନୀ ମାମଲା ଦାଏର କରିବେ ବୋଲି କହିଛନ୍ତି। ପ୍ରଶାସନର ଦେଇଥିବା ନୋଟିସର ଜବାବର ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଇମେଲ୍ ମାଧ୍ୟମରେ ୮ ପୃଷ୍ଠାର ଉତ୍ତର ପଠାଇ ଏହାକୁ ମନମୁଖୀ, ଖରାପ ଏବଂ ଅସାମ୍ବିଧାନିକ କହିଛନ୍ତି। ଅବିମୁକ୍ତେଶ୍ୱରାନନ୍ଦ ଲେଖିଛନ୍ତି ଯେ ସୁପ୍ରିମକୋର୍ଟ ତାଙ୍କୁ ଶଙ୍କରାଚାର୍ଯ୍ୟ ପଦରେ ରହିବାରୁ ବାରଣ କରିବା ପାଇଁ କୌଣସି ନିର୍ଦ୍ଦେଶ ଜାରି କରିନାହାଁନ୍ତି। ମାମଲା ବିଚାରାଧୀନ ଅଛି, ତେଣୁ କୌଣସି ତୃତୀୟ ପକ୍ଷର ମନ୍ତବ୍ୟ ଦେବା କିମ୍ବା ପ୍ରତିବନ୍ଧକ ଲଗାଇବାର ଅଧିକାର ନାହିଁ। ଏହା ମଧ୍ୟରେ ଦ୍ୱାରକା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ମହାରାଜ ମୌନୀ ଅମାବାସ୍ୟାରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସ୍ନାନ କରାଇ ନ ଦେବା ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ପ୍ରଶାସନ କ୍ଷମା ମାଗିବା ଉଚିତ। ପୁଲିସ ବ୍ରାହ୍ମଣମାନଙ୍କୁ କେଶ ଧରି ଟାଣି ନେଇଥିଲା। ଏହା ସରକାରଙ୍କ ଅହଂକାରକୁ ଦର୍ଶାଉଛି। କ୍ଷମତା ସବୁଦିନ ପାଇଁ ସ୍ଥାୟୀ ନୁହେଁ। ଯେଉଁମାନେ ଗଙ୍ଗାରେ ସ୍ନାନ କରିବାରୁ ଲୋକଙ୍କୁ ବାଧା ଦିଅନ୍ତି ସେମାନେ ଗୋହତ୍ୟାର ଦୋଷୀ।

ଉଲ୍ଲେଖଯୋଗ୍ୟ ଯେ ସଦାନନ୍ଦ ମହାରାଜ ଏବଂ ଅବିମୁକ୍ତେଶ୍ୱରାନନ୍ଦ ହେଉଛନ୍ତି ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଶିଷ୍ୟ। ତାଙ୍କ ମୃତ୍ୟୁ ପରେ, ଉଭୟେ ଏକାଠି ଶଙ୍କରାଚାର୍ଯ୍ୟ ହୋଇଥିଲେ।

ଅନ୍ୟପଟେ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦଙ୍କ ପ୍ରତି ଅନ୍ୟାୟ ହୋଇନାହିଁ। ସେ ହିଁ ଅନ୍ୟାୟ କରିଥିଲେ। ପାଲିଙ୍କିରେ ସ୍ନାନ ପାଇଁ ଗଙ୍ଗା ଯାତ୍ରା କରିବାର କୌଣସି ନିୟମ ନାହିଁ। ଆମେ ମଧ୍ୟ ପାଦରେ ଚାଲି ଯାଉ। ନିଜକୁ ଶଙ୍କରାଚାର୍ଯ୍ୟ ପ୍ରମାଣିତ କରିବା ପାଇଁ ସରକାର ତାଙ୍କୁ ଯଥାର୍ଥ ଭାବରେ ନୋଟିସ୍ ଜାରି କରିଛନ୍ତି।

# ସଂଘର୍ଷର ଅନ୍ୟ ନାମ ସନ୍ତୋଷୀ



**ଜୀବନର ଉଠାଣି ଗଡ଼ାଣି ରାସ୍ତାରେ ଚାଲିବା ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ । ଅନେକ ହାରିଯାଆନ୍ତି । ଆଉ କିଛି ହାରି ନ ଯାଇ ଦୁର୍ଯୋଗକୁ ସୁଯୋଗରେ ପରିଣତ କରି ସଫଳତା ପ୍ରାପ୍ତି କରିଥାନ୍ତି । ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ମହିଳା ହେଲେ, କେନ୍ଦୁଝରର ପ୍ରଥମ ମହିଳା ଅଟୋ ଚାଳକ ସନ୍ତୋଷୀ ଦେଓ । ଏବେ ସେ ବାଣିଜ୍ୟ ଓ ପରିବହନ ବିଭାଗର ଲୋକାଭିମୁଖୀ ଯୋଜନା 'ଆତ୍ମନିର୍ଭର ମହିଳା ସୁବାହକ'ର ଜଣେ ସଫଳ ହିତାଧିକାରୀ ହୋଇଛନ୍ତି ।**

ମାତ୍ର ୧୬ ବର୍ଷ ବୟସରେ ସନ୍ତୋଷୀ ହରିୟାନାରେ ବିବାହ କରିଥିଲେ; କିନ୍ତୁ ବିବାହର କିଛିଦିନ ପରେ ସେ ଯୌତୁକ ନିର୍ଯାତନା ଏବଂ ଘରୋଇ ହିଂସାର ସମ୍ମୁଖୀନ ହୋଇଥିଲେ । ଫଳରେ ସ୍ୱାମୀଙ୍କୁ ସବୁଦିନ ପାଇଁ ଛାଡ଼ିବାକୁ ସେ ସ୍ଥିର କରିଥିଲେ । ସ୍ୱାମୀ ପରିତ୍ୟକ୍ତା ହେବାପରେ ସେ ଛୋଟ ଝିଅକୁ ଧରି ସ୍ୱାଭିମାନର ସହ ବଞ୍ଚିବା ପାଇଁ କେନ୍ଦୁଝର ଫେରିଥିଲେ । ଚେନ୍ନାଇର ଜଣେ ମହିଳା ଅଟୋ ଚାଳକଙ୍କୁ ଦେଖି ସେଥିରୁ ଅନୁପ୍ରାଣିତ ହୋଇ ସେ ୨୦୧୫ ମସିହାରେ କେନ୍ଦୁଝରର ପ୍ରଥମ ମହିଳା ଅଟୋ ଚାଳିକା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ଏହାଦ୍ୱାରା ସେ ସାମାଜର ରଢ଼ିବାଦୀ ଚିନ୍ତାଧାରାକୁ ଭାଙ୍ଗିଥିଲେ । ୨୦୨୧ ମସିହାରେ ସେ ଓଡ଼ିଶାର ପ୍ରଥମ 'ମୋ ବସ୍' ଡ୍ରାଇଭର ଭାବେ ଇତିହାସ ରଚିଥିଲେ । ଏହାପରେ ସେ ନିଜର ଦକ୍ଷତା ପ୍ରତିପାଦନ କରି କେନ୍ଦୁଝରର ଏକ ଘରୋଇ ଖଣି କମ୍ପାନୀ ଅଧୀନରେ ୪୦ ମେଟ୍ରିକ ଟନ୍ ବିଶିଷ୍ଟ ବିଶାଳକାୟ 'ଭଲ୍‌ଭୋ ଟ୍ରକ୍' ମଧ ଚଳାଇଥିଲେ । ସେ ନିଜର ଅଟୋ ଧରି ନ୍ୟାୟ ପାଇଁ ପ୍ରାୟ ୧୬୦୦ କିଲୋମିଟର ପଥ ଅତିକ୍ରମ କରି ନୂଆଦିଲ୍ଲୀ ଯାଇଥିଲେ । ନିକଟରେ କେନ୍ଦୁଝରରୁ ଅଯୋଧ୍ୟା ଗାଡ଼ି ଚଳାଇ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ସେ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସାହସ ଏବଂ ନିଷ୍ଠାର ପ୍ରତୀକ ଭାବେ ସନ୍ତୋଷୀଙ୍କୁ 'ଜାତୀୟ ସଡ଼କ ସୁରକ୍ଷା ମାସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ କରିଛନ୍ତି । ସନ୍ତୋଷୀ ଦେଓ ବାଣିଜ୍ୟ ଓ ପରିବହନ ବିଭାଗର ଲୋକାଭିମୁଖୀ ଯୋଜନା 'ଆତ୍ମନିର୍ଭର ମହିଳା ସୁବାହକ' (ଆମ ସୁବାହକ) ର ଜଣେ ସଫଳ ହିତାଧିକାରୀ ହୋଇଛନ୍ତି । ଏପରି କରି ସେ ଅନ୍ୟ ମହିଳାଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

# ଅଜରଖ ଲେହେଙ୍ଗା

**ମହିଳାମାନେ ବିବାହ ଉତ୍ସବରେ ଲେହେଙ୍ଗା ପିନ୍ଧିବାକୁ ପସନ୍ଦ କରନ୍ତି । ଏଥିପାଇଁ ବରାଦ ଦେଇ ସ୍ୱତନ୍ତ୍ର ଲେହେଙ୍ଗା ଡିଜାଇନ୍ କରିଥାନ୍ତି । ତେଣୁ ବିବାହରେ ନିଜକୁ ଭିନ୍ନ ତଥା ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ ଅଜରଖ ଲେହେଙ୍ଗା ପିନ୍ଧିପାରିବେ । ଏହା ମହିଳାଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ରହିଛି । ଏହା ଗୁଜୁରାଟ, ରାଜସ୍ଥାନର ପାରମ୍ପରିକ ପରିଧାନ ଭାବେ ଜଣାଯାଏ । ଏହା ସବୁ ବୟସର ମହିଳାଙ୍କୁ ମାନିଥାଏ । ଜାଣିବା ସେ ବିଷୟରେ...**



### ଅଜରଖରୁ ରାଜକୀୟ ଲୁକ୍

କଳା ଏବଂ ଖଇରିଆ ରଙ୍ଗର ଏହି ଅଜରଖ୍ ପ୍ରିଣ୍ଟ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଲେହେଙ୍ଗା ତଳପାର୍ଶ୍ୱରେ ସୁନ୍ଦର ଏମ୍ବ୍ରୋଡୋରୀ ସାଙ୍ଗକୁ ମିରର୍ ୱାର୍କ ଥାଏ । ଏହା ବିବାହ ଫଙ୍କ୍‌ସନ୍ ପାଇଁ ଭଲ ହୋଇଥାଏ । ଏଥିସହ ଅଜରଖ ପ୍ରିଣ୍ଟ ଯୁକ୍ତ ଦୁପଟ୍ଟା ଏଥ୍ନିକ୍ ସହ ଆଧୁନିକ ସ୍ପର୍ଶ ଦେଇଥାଏ । ସେହିପରି ଏହା ଚକୋର ନେକ୍‌ଲେସ୍ ସହ ଏକ ରାଜକୀୟ ଲୁକ୍ ଦେଇଥାଏ ।

### ମଲ୍‌ଟିକଲର୍

ମଲ୍‌ଟିକଲର ଲେହେଙ୍ଗା ଡିଜାଇନ୍ ଏବଂ ରଙ୍ଗ ଖୁବ୍ ଉଜ୍ଜ୍ୱଳ ହୋଇଥାଏ । ଏଥିରେ ଅଜରଖ ପ୍ରିଣ୍ଟ ସମେତ କାଚ କାମ, ସୂକ୍ଷ୍ମ ସୂତା କାରିଗରୀ ଥାଏ । ଏଥିରୁ ଏକ ଫେଷ୍ଟିଭ୍ ଲୁକ୍ ମିଳିଥାଏ । ଏଥିସହ ଭାରି ଦୁପଟ୍ଟା ଏବଂ ଅଳଙ୍କାର ପିନ୍ଧି ଯେ କୌଣସି ବିବାହ ଫଙ୍କ୍‌ସନ୍‌ରେ ନିଜକୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ ।

### ଘେର ଯୁକ୍ତ ଲେହେଙ୍ଗା

ନାଲିରଙ୍ଗର ଅଜରଖ ପ୍ରିଣ୍ଟ ଲେହେଙ୍ଗା ଦେଖିବାକୁ ଖୁବ୍ ସୁନ୍ଦର ଏବଂ ଷ୍ଟାଇଲିଶ୍ ହୋଇଥାଏ । ଏଥିରେ ଭିନ୍ନ ପ୍ୟାଟର୍ଣ୍ଣର କପଡ଼ା ଥାଏ ।

# ବ୍ଲରିଙ୍ଗ୍ ମେକ୍ଅପ୍

**ସମୟ ଅନୁସାରେ ମେକ୍ଅପ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ବ୍ଲରିଙ୍ଗ୍ ମେକ୍ଅପ୍ ଲୋକପ୍ରିୟ ରହିଛି । ଏହା ତ୍ୱଚାର ଥିବା ଦାଗ, ବ୍ରଣ , ଲୋମଛିଦ୍ର ଦୂର କରି ସେଲ୍‌ଫି ଫିଲ୍‌ଟର୍ ଭଳି କୋମଳ ଏବଂ ଦାଗବିହୀନ ତ୍ୱଚା ଦେଇଥାଏ ।**

### ବ୍ଲରିଙ୍ଗ୍ ମେକ୍ଅପ୍ କ'ଣ

ବ୍ଲରିଙ୍ଗ୍ ମେକ୍ଅପ୍ ତ୍ୱଚାକୁ ସୁନ୍ଦର ଓ ନିର୍ମଳ ରଖିଥାଏ । ଏହା ତ୍ୱଚାରେ ଥିବା ପୋର୍ସ, ଚର୍ମ କୁଞ୍ଚନ, ହାଲୁକା ଦାଗ ଆଦିକୁ ଲୁଚାଇ ଥାଏ । ଏଥିରେ ସିଲିକନ୍ ତଥା ଫାଇନ୍ ପାଉଡର୍ ଯୁକ୍ତ ପ୍ରାଇମର୍ ବ୍ୟବହାର କରାଯାଇଥାଏ । ଏହି ମେକ୍ଅପ୍ ବିଶେଷ କରି ତେଲିଆ ଏବଂ କମ୍ବିନେସନ୍ ସ୍କିନ୍‌କୁ ଭଲ ଦିଶିଥାଏ ।

### ମେକ୍ଅପ୍ ପ୍ରଣାଳୀ

#### କ୍ଲିନ୍, ମଏଶ୍ଚରାଇଜ୍

ଫ୍ଲୋଲେସ୍ ମେକ୍ଅପ୍ ପାଇଁ ସର୍ବ ପ୍ରଥମେ ତ୍ୱଚାକୁ ସଫା କରିବା ଆବଶ୍ୟକ । କାରଣ ତ୍ୱଚା ଅପରିଷ୍କାର ଏବଂ ତେଲିଆ ଥିଲେ, ଏହି ମେକ୍ଅପ୍ ଦୀର୍ଘ ସମୟ ରହି ନ ଥାଏ । ଏଥିପାଇଁ ଫେସ୍‌ୱାସ୍‌ରେ ତ୍ୱଚାକୁ ଭଲ କରି ସଫା କରନ୍ତୁ । ଏହାପରେ ମୁହଁରେ ମଏଶ୍ଚରାଇଜର୍ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ ।

#### ପ୍ରାଇମର୍

ମେକ୍ଅପ୍‌ରେ ପ୍ରାଇମର୍ ମୁଖ୍ୟ ହୋଇଥାଏ । ଏହା ତ୍ୱଚାକୁ କୋମଳ କରିବା ସହ ଫାଉଣ୍ଡସେନ୍ ଏକ ଭଲ ବେଶ୍ ଦେଇଥାଏ । ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ ମ୍ୟାଟ୍ ଫିନିଶ୍ ପ୍ରାଇମର୍ ସବୁଠୁ ଭଲ ହୋଇଥାଏ ।

#### ଫାଉଣ୍ଡେସନ୍

ପ୍ରାଇମର୍ ଲଗାଇବା ପରେ, ତ୍ୱଚାର ରଙ୍ଗ ସହ ମିଶୁଥିବା ହାଲୁକା ଫାଉଣ୍ଡେସନ ଲଗାନ୍ତୁ । ଏଥିରୁ ଏକ ମ୍ୟାଟ୍ ଫିନିଶ୍ ଲୁକ୍ ମିଳିଥାଏ । ଫାଉଣ୍ଡେସନକୁ ବ୍ରଶ୍ ଏବଂ ସ୍ପଞ୍ଜ ସହ ଭଲ ଭାବେ ମ୍ୟାଚ୍ କରନ୍ତୁ । ସେହିପରି ତ୍ୱଚାରେ ଦାଗ, ବ୍ରଣ ତଥା ଆଖିତଳେ ସମସ୍ୟା ଥିଲେ, ସେହି ସ୍ଥାନରେ କନ୍‌ସିଲର୍ ଲଗାଇପାରିବେ ।

#### ଟ୍ରାନ୍ସଲୁସେଣ୍ଟ ପାଉଡର୍

ବ୍ଲରିଙ୍ଗ୍‌ର ମେକ୍ଅପ୍‌ର ସବୁଠୁ ମୁଖ୍ୟ ହେଲା, ଟ୍ରାନ୍ସଲୁସେଣ୍ଟ ପାଉଡର୍ । ଏହାକୁ ଲଗାଇ ମେକ୍ଅପ୍‌କୁ ସେଟ୍ କରନ୍ତୁ । ଏହା ଚେହେରାର ଅତିରିକ୍ତ ଚମକକୁ କମ୍ କରିଥାଏ । ଏବଂ ମେକ୍ଅପ୍‌କୁ ଦୀର୍ଘ ସମୟ ରଖିଥାଏ । ଏଥିପାଇଁ ବ୍ରଶ୍‌ରେ ହାଲୁକା ହାତରେ ମୁହଁରେ ଲଗାନ୍ତୁ । ଏହାପରେ ବ୍ଲଶ୍ ଓ ହାଇଲାଇଟର୍ ଲଗାଇପାରିବେ ।



# ପ୍ରଜାପତି ମୁଦି

**ଅଧିକାଂଶ ମହିଳା ନୂଆ ତଥା ଭିନ୍ନ ଡିଜାଇନର ମୁଦି ପିନ୍ଧିବାକୁ ପସନ୍ଦ କରନ୍ତି । ଏହି କ୍ରମରେ ଏବେ ପ୍ରଜାପତି ମୁଦି(ବଟରଫ୍ଲାଏ ରିଙ୍ଗ) ଲୋକପ୍ରିୟ ରହିଛି । ଏହା ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଖୁବ୍ ଷ୍ଟାଇଲିଶ୍ ଦିଶିଥାଏ । ଜାଣିବା ଏହି ଡିଜାଇନ ବିଷୟରେ...**

### ଆଡଜଷ୍ଟେବୁଲ୍ ରିଙ୍ଗ୍

ପାର୍ଟି, ଫଙ୍କ୍‌ସନକୁ ଯାଉଥିଲେ ମହିଳାମାନେ ଆଉଟ୍‌ଫିଟ୍ ସହ ଡିଜାଇନର ମୁଦି ପିନ୍ଧିବାକୁ ପସନ୍ଦ କରନ୍ତି । କିନ୍ତୁ ଅନେକ ସମୟରେ ବ୍ୟସ୍ତତା ଯୋଗୁ ଏହା ମିଳେନି, ଏପରି ସ୍ଥଳେ ଏହି ବଟର୍‌ଫ୍ଲାଏ ଡିଜାଇନର ଆଡଜଷ୍ଟେବୁଲ୍ ମୁଦି ପିନ୍ଧିପାରିବେ ।

### ସିଲ୍‌ଭର୍

ସେହିପରି ଦିନପିନ୍ଧା କରିବାକୁ ଚାହୁଁଥିଲେ, ସିଲ୍‌ଭର୍ ରଙ୍ଗର ବଟର୍‌ଫ୍ଲାଏ ମୁଦି ପିନ୍ଧିପାରିବେ । ଏହା ସୁନ୍ଦର ଦେଖାଯିବା ସହ ଦୀର୍ଘ ଦିନ ଲାଷ୍ଟିଙ୍ଗ୍ କରିଥାଏ । ଏହାକୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରୁ କିଣିପାରିବେ ।

### ଷ୍ଟୋନ୍ ବଟର୍‌ଫ୍ଲାଏ ରିଙ୍ଗ୍

ବିଶେଷ କରି କଲେଜ ଏବଂ ଅଫିସ୍ ଯାଉଥିବା ମହିଳାଙ୍କ ମଧ୍ୟରେ ଏହି ଡିଜାଇନ୍ ଖୁବ୍ ଲୋକପ୍ରିୟ ରହିଛି । ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ପିନ୍ଧି ନିଜକୁ ଏକ ଭିନ୍ନ ଲୁକ୍ ଦେଇପାରିବେ । ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ ।





# ଚର୍ମକୁଞ୍ଚନ ଦୂର କରିବ ଆଇ ଜେଲ୍

**ସାଧାରଣତଃ ବୟସ ବଢ଼ିଲେ ଏହାର ପ୍ରଭାବ ପ୍ରଥମେ ଆଖିରେ ଦେଖିବାକୁ ମିଳିଥାଏ । ଆଖିତଳ କଳାପଡ଼ିବା, ଦାଗ, ତଥା କୁଞ୍ଚନ ସମସ୍ୟା ହୋଇଥାଏ । ଏଥିପାଇଁ ଅନେକ ବଜାରରେ ମିଳୁଥିବା ଦାମୀ କ୍ରିମ୍ ଲଗାଇଥାନ୍ତି । କିନ୍ତୁ ଏହା ସେତେ ପ୍ରଭାବୀ ହୋଇ ନଥାଏ । ତେଣୁ ଚାହିଁଲେ ଘରେ ଜେଲ୍ ପ୍ରସ୍ତୁତ କରି ଲଗାଇପାରିବେ । ଏହା ବିଭିନ୍ନ ଆଖିଜନିତ ସମସ୍ୟା ଦୂର କରିଥାଏ ।**

### ଜେଲ୍ ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ଆଲମଣ୍ଡକୁ ବାଟି ଏକ ପେଷ୍ଟ କରି ସେଥିରେ କ୍ଷୀର, ଆଲୋଭେରା ଜେଲ୍ ଏବଂ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଭଲରେ ମିକ୍ସ କରି ଏକ କାଚ ବୋତଲରେ ରଖନ୍ତୁ । ଏହାକୁ ରାତିରେ ଶୋଇବା ପୂର୍ବରୁ ଆଖି ତଳେ ଲଗାଇ ହାଲୁକା ମସାଜ୍ କରନ୍ତୁ ।

### ଲଗାଇବା ବିଧି

- ପ୍ରଥମେ ମୁହଁକୁ ଭଲରେ ଧୋଇ ପରିଷ୍କାର କରନ୍ତୁ । ପରେ ଆଖିରେ ମେକ୍ଅପ୍ କିମ୍ବା କାଜଲ୍ ଲାଗିଥିଲେ ଏହାକୁ ପୋଛି ସଫା କରନ୍ତୁ ।
- ଅଙ୍ଗୁଳିରେ ଜେଲ୍ ନେଇ ଆଖିତଳେ କିମ୍ବା ଆଖପାଖରେ ଲଗାଇ ମସାଜ୍ କରନ୍ତୁ । ହାତକୁ ଗୋଲାକାର ମୋସନରେ ବୁଲାନ୍ତୁ । ଏପରି ଦୁଇମିନିଟ୍ ଯାଏ ଆଖି ମସାଜ୍ କରନ୍ତୁ ।
- ସେହିପରି ଚାହିଁଲେ ଏହାକୁ ଆଖିରେ ଲଗାଇ ମଧ ଶୋଇପାରିବେ । ଏହା ସମସ୍ତ ଆଖି ସମସ୍ୟା ଦୂର କରିଥାଏ ।

# କଦଳୀ ମେଥି ତରକାରି

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ମେଥିଶାଗ – ଦୁଇବିଡ଼ା, ପାଚିଲା କଦଳୀ – ଚାରିଗୋଟି, ଜିରା – ଏକ ଚାମଚ, ଶୁଖିଲା ଲଙ୍କା – ଦୁଇଟି, କଞ୍ଚା ଲଙ୍କା – ଦୁଇଟି, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ –ଏକ ଚାମଚ, ଜୀରାଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ କଦଳୀରୁ ଚୋପା ଛଡ଼େଇ ଏହାକୁ ଛୁରୀରେ ଗୋଲ କରି କାଟନ୍ତୁ । ଏହାପରେ ଶାଗକୁ ଧୋଇ ଗୁଣ୍ଡ କରି କାଟନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ । ସେଥିରେ ଜିରା ଶୁଖିଲା ଲଙ୍କା, କଞ୍ଚା ଲଙ୍କା ଏବଂ ଅଦା ଦେଇ କଦଳୀ ପକାଇ ଭାଜନ୍ତୁ । ଏହାପରେ ସେଥିରେ କାଟି ରଖିଥିବା ଶାଗକୁ ଦିଅନ୍ତୁ । ଏହାକୁ ପିଠାଖଡ଼ିକାରେ ଏପାଖସେପାଖ କରନ୍ତୁ । ପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜୀରାଗୁଣ୍ଡ , ଧନିଆ ଗୁଣ୍ଡ ସମେତ ଲୁଣ ଦେଇ ଏପାଖସେପାଖ କରନ୍ତୁ । ଏହାପରେ ସେଥିରେ ସାମାନ୍ୟ ପାଣି ଛିଞ୍ଚି ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଢାଙ୍କୁଣି ଖୋଲି ପରଷନ୍ତୁ ସ୍ୱାଦିଷ୍ଟ 'କଦଳୀ ମେଥି ତରକାରି' ।

# ଏପରି ସଜାନ୍ତୁ ଡାଇନିଙ୍ଗ୍

**ମହିଳାମାନେ ଘରକୁ ସୁନ୍ଦର କରି ସଜାଇବାକୁ ପସନ୍ଦ କରନ୍ତି । ହେଲେ ଡାଇନିଙ୍ଗ୍ ଟେବୁଲ୍ ପ୍ରତି କେହି ଏତେଟା ଧ୍ୟାନ ଦିଅନ୍ତିନି । ସେହିପରି ଅଧିକାଂଶ ଘରେ ମଧ ଡାଇନିଙ୍ଗ୍ ଏରିଆ ଛୋଟ ଥାଏ । ତେଣୁ ଚାହିଁଲେ କମ୍ ଖର୍ଚ୍ଚରେ ମଧ ଡାଇନିଙ୍ଗ୍‌କୁ ସୁନ୍ଦର କରି ସଜାଇପାରିବେ ।**



### ଝୁମର୍

ଝୁମର୍ ଘରକୁ ଏକ ରାଜକୀୟ ଲୁକ୍ ଦେଇଥାଏ । ଏହା ଡାଇନିଙ୍ଗର ସୁନ୍ଦରତା ଦ୍ୱିଗୁଣିତ କରିଥାଏ । ତେବେ ଡାଇନିଙ୍ଗ୍ ଟେବୁଲର ଠିକ୍ ମଝିଭାଗରେ ଝୁମର୍ ଲଗାଇଲେ ଏହା ବେଶି ଭଲ ଦିଶିଥାଏ ।

### ୱାଲ୍ ପେପର୍

ଘର କାନ୍ଥ ପୁରୁଣା ଥିଲେ ଏଥିରେ ୱାଲ୍ ପେପର୍ ଲଗାଇ ସଜାଇପାରିବେ । ଏହା କାନ୍ଥର ସୁନ୍ଦରତା ବୃଦ୍ଧି କରିଥାଏ । ଏଥିସହ କମ୍ ଖର୍ଚ୍ଚରେ ଏହି କାର୍ଯ୍ୟ ହୋଇଥାଏ ।

### କାରପେଟ୍

କାରପେଟ୍ ପକାଇଲେ ଛୋଟ ଘର ମଧ୍ୟ ସୁନ୍ଦର ଦିଶିଥାଏ । ତେଣୁ ଏହାକୁ ଇଣ୍ଟେରିୟର ଡିଜାଇନରେ ସାମିଲ କରିବା ଭଲ । କାରପେଟ୍ ସାଇଜ୍ ଡାଇନିଙ୍ଗ୍ ଟେବୁଲ୍ ଆକାରଠୁ ବଡ଼ ହେବା ଆବଶ୍ୟକ ।

### ଫୁଲଦାନୀ

ଡାଇନିଙ୍ଗ୍ ଟେବୁଲ୍ ମଧ୍ୟରେ ଏକ ଫ୍ଲାୱାର୍ ପଟ୍, ସତେଜ ଫୁଲ, ଫଳ ଟୋକେଇ ତଥା ସୁନ୍ଦର ସୋପିସ୍ ରଖିପାରିବେ । ଏହା ଡାଇନିଙ୍ଗ୍‌କୁ ଖୁବ୍ ସୁନ୍ଦର କରିଥାଏ ।

### ମହମବତୀ

ସେହିପରି ଡାଇନିଙ୍ଗ୍‌କୁ ସୁନ୍ଦର କରିବା ପାଇଁ, ଚାହିଁଲେ ରଙ୍ଗିନ ମହମବତୀ ଲଗାଇପାରିବେ । ଏଥିସହ କାନ୍ଥରେ ଖାଦ୍ୟ ସମ୍ବନ୍ଧୀୟ ପେଣ୍ଟିଙ୍ଗ୍ ମଧ ଲଗାଇପାରିବେ ।

### କାଠ ଉପକରଣ

ଡାଇନିଙ୍ଗ୍ ଟେବୁଲ୍‌କୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, କାଠବାସନ ସହ ସାଜଉପକରଣ ମିଶାଇପାରିବେ । ଏହା ଖାଦ୍ୟ ସହ ଡାଇନିଙ୍ଗ୍ ହଲ୍‌ର ଶୋଭାବର୍ଦ୍ଧନ କରିଥାଏ ।

କ୍ରୀଡ଼ା
ସକାଳ THE SAKALA
www.sakalaepaper.com

### ଅର୍ଦ୍ଧଶତକରେ ଅଭିଷେକଙ୍କ ରେକର୍ଡ: ପ୍ରଥମ ଟି-୨୦ରେ ନ୍ୟୁଜିଲାଣ୍ଡ ଧରାଶାୟୀ

# ଭାରତର ନାଗପୁର ବିଜୟ



ନାଗପୁର, ୨୧।୧ (ଏଜେନ୍ସି): ଦମ୍‌ଦାର ବିଜୟରୁ ଘରୋଇ ଭାରତ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜରେ ଅଭିଯାନ ଆରମ୍ଭ କରିଛି। ବୁଧବାର ଏଠାରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତ ୪୮ ରନରେ ନ୍ୟୁଜିଲାଣ୍ଡକୁ ହରାଇଦେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୩୯ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ କିୱି ଦଳ ୭ ୱିକେଟରେ ୧୯୦ ରନ କରିବାକୁ ସମର୍ଥ ହୋଇଥିଲା। ଏଥିସହ ସୂର୍ଯ୍ୟ ସେନା ୧-୦ରେ ସିରିଜ ଅଗ୍ରଣୀ ରହିଛି। ବିଶ୍ୱରେକର୍ଡ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଯୁବ ଓପନର୍ ଅଭିଷେକ ଶର୍ମା ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ରାୟପୁରରେ ଖେଳାଯିବ। ୨-୧ରେ ଐତିହାସିକ ଦିନିକିଆ ସିରିଜ ଜିତିଥିବା ନ୍ୟୁଜିଲାଣ୍ଡ ଆଜି ବୋଲିଂରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା।

### ୭୮୫ ଦିନ ପରେ ଫେରିଲେ ଇଶାନ

ବୁଧବାର ରାତିରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଭାରତ ୩ ଓଭର ମଧ୍ୟରେ ସଞ୍ଜୁ ସାମସନ (୧୦ ରନ) ଓ ଇଶାନ କିଶାନ (୮ ରନ)ଙ୍କ ୱିକେଟ୍ ହରାଇଥିଲା। ୭୮୫ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଇଶାନ ଜାକବ ଡଫିଙ୍କ ବଲରେ ବିଦାୟ ନେଇଥିଲେ। ଇଶାନ ଶେଷଥର ଲାଗି ୨୦୨୩ ନଭେମ୍ବର ୨୮ ତାରିଖରେ ଅଷ୍ଟ୍ରେଲିଆ (ଟି-୨୦) ବିପକ୍ଷରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୨୭ ରନରେ ଦୁଇଟି ୱିକେଟ୍ ହରାଇବା ପରେ ଯୁବ ଓପନର ଅଭିଷେକ ଶର୍ମାଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ। ତୃତୀୟ ୱିକେଟ୍ ଭାଗୀଦାରିରେ ଉଭୟ ୪୭ ବଲରୁ ୯୯ ରନ ସଂଗ୍ରହ କରି ଦଳକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। କ୍ରିଜରେ ଜମି ଆସୁଥିବା ସୂର୍ଯ୍ୟ ୨୨ ବଲରୁ ୩୨ ରନ କରି ପ୍ରତିପକ୍ଷ ଅଧିନାୟକ ମିଚେଲ ସାନ୍ତନରଙ୍କ ଶିକାର ବନିଥିଲେ। ଏହାପରେ ଅଭିଷେକ ମଧ୍ୟ ତାଙ୍କ କ୍ୟାରିୟରର ୮ମ ଅର୍ଦ୍ଧଶତକ ହାସଲ କରି ୩୫ ବଲରେ ୮୪ ରନ (୫ଟି ଚୌକା ଓ ୮ଟି ଛକା) କରି ଆଉଟ୍ ହୋଇଥିଲେ। ଅଭିଷେକ ତାଙ୍କ ଅର୍ଦ୍ଧଶତକ ୨୨ ବଲରେ ପୂରଣ କରିଥିଲେ। ଏଥିସହ ୨୫ରୁ କମ୍ ବଲ୍ ଖେଳି ଅନ୍ତର୍ଜାତୀୟ ଟି-୨୦ରେ ସର୍ବାଧିକ ଅର୍ଦ୍ଧଶତକ ମାରିବାରେ ରେକର୍ଡ ଅଭିଷେକଙ୍କ ନାମରେ ଲିପିବଦ୍ଧ ହୋଇଛି। ୭ଟି ଲେଖାଏ ଅର୍ଦ୍ଧଶତକ ସହ ଫିଲ୍ ସଲ୍ଟ, ସୂର୍ଯ୍ୟକୁମାର ଓ ଏଭିନ ଲୁଇସ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶେଷ ଭାଗରେ ରିଙ୍କୁ ସିଂ ୨୦ ବଲରେ ୪୪ ରନର ଦ୍ରୁତ ପାଳି ଖେଳିବା ଯୋଗୁ ଭାରତ ୭ ୱିକେଟରେ ୨୩୮ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଅନ୍ୟମାନଙ୍କ ଶିଭବ ଦୁବେ ୯, ଅକ୍ଷର ପଟେଲ ୫ ଓ ଅର୍ଶଦୀପ ସିଂ ଅପରାଜିତ ୬ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର କାଏଲ ଜେମିସନ ଓ ଡଫି ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ଗ୍ଲେନ ଫିଲିପ୍ସଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସତ୍ତ୍ୱେ ନ୍ୟୁଜିଲାଣ୍ଡ ୭ ୱିକେଟ ହରାଇ ୧୯୦ ରନ କରିପାରିଥିଲା। ଫିଲିପ୍ସ ୬ ଚୌକା ଓ ୪ ଛକା ସହ ୪୦ ବଲରୁ ୭୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍କ ଚାପମାନ ୩୯, ଡାରୀଲ ମିଚେଲ ୨୮, ସାନ୍ତନର ୨୦, ଟିମ୍ ରବିନସନ ୨୧ ରନ କରିଥିଲେ। ବୋଲିଂରେ ବରୁଣ ଚକ୍ରବର୍ତ୍ତୀ ଓ ଦୁବେ ୨ଟି ଲେଖାଏ ଏବଂ ଅର୍ଶଦୀପ, ପାଣ୍ଡ୍ୟା ଓ ଅକ୍ଷର ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ରୋହିତ ଶର୍ମା, ବିରାଟ କୋହଲି ଓ ପାଣ୍ଡ୍ୟାଙ୍କ ପରେ ସୂର୍ଯ୍ୟକୁମାର ୧୦୦ତମ ଟି-୨୦ ମ୍ୟାଚ୍ ଖେଳିଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଭାରତ: ୨୩୮/୭, ୨୦ ଓଭର** (ଅଭିଷେକ- ୮୪, ରିଙ୍କୁ- ଅପରାଜିତ- ୪୪, ସୂର୍ଯ୍ୟକୁମାର- ୩୨, ହାର୍ଦ୍ଦିକ- ୨୫, ସାମସନ- ୧୦, ଇଶାନ- ୮, ଡଫି- ୨/୨୭, ଜେମିସନ- ୨/୫୪)

**ନ୍ୟୁଜିଲାଣ୍ଡ:୧୯୦/୭, ୨୦ ଓଭର** (ଫିଲିପ୍ସ-୭୮, ଚାପମାନ- ୩୯, ମିଚେଲ- ୨୮, ସାନ୍ତନର-୨୦, ରାଚଡ ରବୀନ୍ଦ୍ର- ୧, କନୱେ-୦, ଦୁବେ- ୨/୨୮, ବରୁଣ ୨/୩୭)।

## ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍

# ବିରାଟ ଖସିଲେ; ଶୀର୍ଷରେ ମିଚେଲ

ଦୁବାଇ, ୨୧।୧ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଦିନିକିଆ ର୍ୟାଙ୍କିଙ୍ଗ୍‌ର ଭାରତର ବ୍ୟାଟିଂ ଆଇକନ୍ ବିରାଟ କୋହଲି ଶୀର୍ଷ ସ୍ଥାନ ହରାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ କୋହଲି ଗୋଟିଏ ସ୍ଥାନ ହରାଇ ଦ୍ୱିତୀୟକୁ ଖସିଯାଇଛନ୍ତି। ସେହିଭଳି ଭାରତ ମାଟିରେ ନ୍ୟୁଜିଲାଣ୍ଡକୁ ଐତିହାସିକ ଦିନିକିଆ ସିରିଜ ଭେଟି ଦେଇଥିବା ଡାରୀଲ ମିଚେଲ ଗୋଟିଏ ପାହାଚ ଉଠି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ମିଚେଲ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜରେ ଯଥାକ୍ରମେ ୮୪, ୧୩୧ ଓ ୧୩୭ ରନ ସହ ମୋଟ୍ ୩୫୨ ରନ କରିଥିଲେ। ଏହି ପ୍ରଦର୍ଶନ ଲାଗି ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ସେ କୋହଲିଙ୍କୁ ହଟାଇ ଏକ ନମ୍ବର ସ୍ଥାନ ଦଖଲ କରିଛନ୍ତି। ଅପରପକ୍ଷରେ କୋହଲି ୩ଟି ଇନିଂସ ଖେଳି ୨୪୦ ରନ କରିଥିଲେ। ଯେଉଁଥିରେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆରେ ୧୨୪ ରନର ଶତକୀୟ ପାଳି ସାମିଲ ରହିଛି। ଏହାସତ୍ତ୍ୱେ କୋହଲି ଶୀର୍ଷ ମାନ୍ୟତାକୁ କେବଳ ଗୋଟିଏ ସପ୍ତାହ ବଜାୟ ରଖିବାରେ ସଫଳ ହୋଇଥିଲେ। ୮୪୫ ରେଟିଂ ପଏଣ୍ଟ ସହ ମିଚେଲ ଶୀର୍ଷରେ ରହିଥିବାବେଳେ କୋହଲିଙ୍କ ରେଟିଂ ୭୯୫ ରହିଛି। ଅପରପକ୍ଷରେ ଶ୍ରେୟାସ ଆୟରଙ୍କୁ ହଟାଇ ଲୋକେଶ ରାହୁଲ ଟପ୍-୧୦ରେ ରହିଛନ୍ତି। ସଦ୍ୟ ର୍ୟାଙ୍କିଙ୍ଗ୍‌ରେ ନ୍ୟୁଜିଲାଣ୍ଡର ଗ୍ଲେନ ଫିଲିପ୍ସ ୩୬ରୁ ୨୦ତମ ସ୍ଥାନକୁ ଲମ୍ଫ ମାରିଛନ୍ତି। ଦିନିକିଆ ବୋଲିଂ ତାଲିକାରେ କୁଲଦୀପ ଯାଦବ ୪ଟି ପାହାଚ ତଳକୁ ଖସି ୭ମ ସ୍ଥାନରେ ରହିଛନ୍ତି।

## ଓଡ଼ିଶା ଓପନ୍ ଚେସ୍: କାଟାଗୋରୀ-ସି ଆରମ୍ଭ

# ଅଭିଜିତ୍, ମାଧବେନ୍ଦ୍ର, ଭୁୟେନ ମିଳିତ ଅଗ୍ରଣୀ



ଭୁବନେଶ୍ୱର, ୨୧।୧ (ସମିସ): ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଏ), ଇ-ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଚାଲିଥିବା ୧୬ତମ ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର ଚେସ୍‌ର କାଟାଗୋରୀ-ସି ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ବର୍ଗରେ ରେକର୍ଡ ୪୪୫ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୨୮ ଜଣ ରେଟେଡ୍ ଖେଳାଳି ରହିଛନ୍ତି। ବୁଧବାର ୬ଷ୍ଠ ରାଉଣ୍ଡ ସୁଦ୍ଧା ୩ଜଣ ଖେଳାଳି ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଏମାନେ ହେଲେ ପାଞ୍ଚଥରର କମନୱେଲଥ ଚାମ୍ପିଅନ ଅଭିଜିତ୍ ଗୁପ୍ତା, ଭିଏତନାମର ଗ୍ରାଣ୍ଡମାଷ୍ଟର ଗୁୟେନ ଭାନ ହୁୟ ଓ କ୍ୟାଣ୍ଡିଡେଟ ମାଷ୍ଟର ମାଧବେନ୍ଦ୍ର ପ୍ରତାପ। ଏହି ୩ଜଣ ଖେଳାଳି ୫.୫ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଅତିଥିଭାବେ ଯୋଗଦେଇ କାଟାଗୋରୀ-ସି'କୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ରୋଟାରୀ କ୍ଲବ ନିଳାଦ୍ରୀର ସଭାପତି ସୁଜିତ ରାଉତ, ବିଶ୍ୱଜିତ ରୟ, ଚେସ୍ ଏକାଡେମୀ ନିର୍ଦ୍ଦେଶକ ଏସ୍. ସତ୍ୟକାମ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବାଂଲାଦେଶକୁ ଆଉ ଗୋଟିଏ ଦିନ ସମୟ ଦେଲା ଆଇସିସି

ଦୁବାଇ, ୨୧।୧ (ଏଜେନ୍ସି): ଭାରତ ମାଟିରେ ଆଗାମୀ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ନ ଖେଳିବା ଲାଗି ଅଡ଼ି ବସିଥିବା ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) କୁ ନିରାଶ ହେବାକୁ ପଡ଼ିଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବାଂଲାଦେଶର ମ୍ୟାଚ୍‌ଗୁଡ଼ିକ ଭାରତରେ ଖେଳାଯିବ ବୋଲି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର କୁହାଯାଇଛି। ଆଗାମୀ ଟି-୨୦ ବିଶ୍ୱକପ୍ ଉପରେ ବିସିବି ବୁଧବାର ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଆଇସିସି ନିକଟରେ ଦାଖଲ କରିବାର ଥିଲା। କିନ୍ତୁ ବିସିବିକୁ ଚେତାବନୀ ସହିତ ଆଇସିସି ଆଉ ଗୋଟିଏ ଦିନର ମହଲତ୍ ଦେଇଛି। ଅର୍ଥାତ୍ ଗୁରୁବାର ସୁଦ୍ଧା ବାଂଲାଦେଶ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବ। ଫଳରେ ବାଂଲାଦେଶର ବିଶ୍ୱକପ୍ ଖେଳିବା ଚିତ୍ର ଗୁରୁବାର ସ୍ପଷ୍ଟ ହୋଇଯିବ। ଏନେଇ ବୁଧବାର ଦୁବାଇସ୍ଥିତ ଆଇସିସି ମୁଖ୍ୟାଳୟରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ବଦଳରେ ଶ୍ରୀଲଙ୍କାରେ ଖେଳିବା ଲାଗି ବାଂଲାଦେଶ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିଲାଗି ବୈଠକରେ ଏକ ଭୋଟିଂ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିଯେର ଆଇସିସି ସମେତ ଅଧିକାଂଶ ସଦସ୍ୟ ରାଷ୍ଟ୍ର ବାଂଲାଦେଶ ରାଜି ନ ହେଲେ ବିକଳ୍ପ ଦଳକୁ ସାମିଲ କରିବା ସପକ୍ଷରେ ଯାଇ ଭୋଟ୍ ଦେଇଥିଲେ। ଯଦି ବାଂଲାଦେଶ ମନା କରିଦିଏ ତେବେ ର୍ୟାଙ୍କିଙ୍ଗ୍ ଅନୁଯାୟୀ ସ୍କଟଲାଣ୍ଡକୁ ଯୋଗ୍ୟତା ମିଳିବ। ପ୍ରକାଶଯୋଗ୍ୟ, ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଖେଳାଯିବ। ବାଂଲାଦେଶ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ତେବେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ହତ୍ୟା କରାଯିବାକୁ ନେଇ ଭାରତ ବିଭିନ୍ନ ସଂଗଠନ ପ୍ରତିବାଦ କରିଥିଲେ। ସେମାନେ ଆଇପିଏଲ୍‌ରୁ ବାଂଲା କ୍ରିକେଟର୍ ମୁସ୍ତାଫିଜୁର ରହେମାନଙ୍କୁ ବାହାର କରିବାକୁ ଦାବି କରିଥିଲେ। ଏହାପରେ ବିସିସିଆଇର ନିର୍ଦ୍ଦେଶରେ କୋଲକାତା ନାଇଟ୍ ରାଇଡର୍ସ ଦଳ ରହେମାନଙ୍କୁ ଆଗାମୀ ଆଇପିଏଲ୍‌ରୁ ବିଦା କରିଦେଇଥିଲା। ଏହାକୁ ବିରୋଧ କରି ବାଂଲାଦେଶ କ୍ରିକେଟ୍ ବୋର୍ଡ ସୁରକ୍ଷାଜନିତ କାରଣ ଦର୍ଶାଇ ଭାରତରେ ମ୍ୟାଚ୍ ନ ଖେଳିବା ଲାଗି ଅଡ଼ି ବସିଛି।

## ହକି ଇଣ୍ଡିଆ ଲିଗ୍

# ଲାନ୍ସର୍ସ-ରୟାଲ୍ସ କ୍ୱାଲିଫାୟର-୧

ଭୁବନେଶ୍ୱର, ୨୧।୧ (ସମିସ): ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ଚଳିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)ର ପ୍ରଥମ କ୍ୱାଲିଫାୟର ଖେଳାଯିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାର ରାଞ୍ଚି ଏହାର ଶେଷ ଲିଗ୍ ମ୍ୟାଚରେ ସୁଟ୍ ଆଉଟ୍‌ରେ ୨-୪ ଗୋଲରେ ତାମିଲନାଡୁ ଡ୍ରାଗନ୍ସ ନିକଟରୁ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ୩-୩ ଗୋଲରେ ଡ୍ର ରହିବା ପରେ ସୁଟଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଡ୍ରାଗନ୍ସ ବାଜିମାତ୍ କରିନେଇଥିଲା। ପରାଜୟ ସତ୍ତ୍ୱେ ରାଞ୍ଚିକୁ ଏହି ମ୍ୟାଚରୁ ୧ ପଏଣ୍ଟ ମିଳିଥିଲା। ଫଳରେ ରାଞ୍ଚି ୭ ମ୍ୟାଚରୁ ୧୨ ପଏଣ୍ଟ ପାଇ କଳିଙ୍ଗ ଲାନ୍ସର୍ସ (୧୬ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହି କ୍ୱାଲିଫାୟର-୧ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ସନ୍ଧ୍ୟା ୫ଟାରେ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ପ୍ରଥମ କ୍ୱାଲିଫାୟର ଖେଳାଯିବ। ଏହାର ବିଜେତା ସୋମବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ସେହିଭଳି ପଏଣ୍ଟ ଟେବଲର ୩ୟ ସ୍ଥାନରେ ଥିବା ହାଇଦରାବାଦ୍ ତୁଫାନ୍ସ (୧୧ ପଏଣ୍ଟ) ଓ ୪ର୍ଥ ସ୍ଥାନରେ ରହିଥିବା ଏଚଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ ମଧ୍ୟରେ ଶୁକ୍ରବାର ଏଲିମିନେଟର ମ୍ୟାଚ ଅନୁଷ୍ଠିତ ହେବ। ଏଲିମିନେଟରର ବିଜେତା ଓ କ୍ୱାଲିଫାୟର-୧'ର ପରାଜିତ ଦଳ ମଧ୍ୟରେ ରବିବାର କ୍ୱାଲିଫାୟର-୨ ଖେଳାଯିବ। ଏହାର ବିଜେତା ଫାଇନାଲକୁ ଉତ୍ତୀର୍ଣ୍ଣ ହେବ।




ରନର୍ସ ଅପ୍ ଓଡ଼ିଶା ବାଳକ ରଗ୍‌ବୀ ଦଳ

## ଜାତୀୟ ସବ୍-ଜୁନିଅର ରଗବୀ | ବିହାର ଚାମ୍ପିଅନ; ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର, ୨୧।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍-ଜୁନିଅର ରଗବୀ ଚାମ୍ପିଅନସିପ୍ ବୁଧବାର ଉଦଯାପିତ ହୋଇଯାଇଛି। ବାଳକ ବିଭାଗରେ ଓଡ଼ିଶା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଫାଇନାଲରେ ବିହାର ୨୫-୫ ସ୍କୋରରେ ଓଡ଼ିଶାକୁ ପରାସ୍ତ କରି କ୍ରମାଗତ ଟାଇଟଲ୍ ଜିତିବାରେ ସଫଳ ହୋଇଛି। ସେହିଭଳି ଗତ ସଂସ୍କରଣ ରନର୍ସଅପ୍ ରାଜସ୍ଥାନକୁ ଏଥର କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପୂର୍ବରୁ ଅନୁଷ୍ଠିତ ବାଳିକା ବିଭାଗରେ ମଧ୍ୟ ବିହାର ଚାମ୍ପିଅନ ହୋଇଥିଲା। ସେହିଭଳି ଓଡ଼ିଶା ବାଳିକା ଦଳ କାଂସ୍ୟ ପଦକ ହାସଲ କରିଥିଲା। ଏହି ପ୍ରତିଯୋଗିତାରେ ୨୪ଟି ରାଜ୍ୟର ୫୫୦ରୁ ଊର୍ଦ୍ଧ୍ୱ ୧୫ ବର୍ଷରୁ କମ୍ ବାଳକବାଳିକା ରଗବୀ ଖେଳାଳି ଅଂଶଗ୍ରହଣ କରିଥିଲେ।

# କଳିଙ୍ଗ ହେବ ୨୦୨୮ ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ

### ଯାଞ୍ଚ୍ କଲେ ୱାର୍ଲ୍ଡ ଆଥଲେଟିକ୍ସ ଅଧିକାରୀ

ଭୁବନେଶ୍ୱର,୨୧।୧(ସମିସ): ଭାରତ ୨୦୨୮ ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ପାଇଁ ଆନୁଷ୍ଠାନିକ ଭାବେ ବିଡ୍ ଅର୍ଥାତ ନିଜର ଦାବି ଉପସ୍ଥାପନ କରିଛି। ଏଥିପାଇଁ ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍‌ର ଏକ ପ୍ରତିନିଧିମଣ୍ଡଳୀ ବୁଧବାର କଳିଙ୍ଗ ଷ୍ଟାଡିୟମ ଭିତ୍ତିଭୂମି ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗର ଯାଞ୍ଚ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବିଡ୍ ମୁଖ୍ୟ ମାର୍କ ହର୍ଷ୍ଟ ଓ ଇଭେଣ୍ଟ ନିର୍ଦ୍ଦେଶକ ମାର୍ଟିନ ଗ୍ୟୁଲାଇ ଓ ଅନ୍ୟମାନେ ସାମିଲଥିଲେ। ଅଧିକାରୀମାନେ କଳିଙ୍ଗରେ ଉପଲବ୍ଧ ବୈଷୟିକ କ୍ଷମତା ଓ ଆନ୍ତର୍ଜାତୀୟ ମାନଦଣ୍ଡ ମୂଲ୍ୟାଙ୍କନ କରିବା ପାଇଁ ଇନଡୋର ଆଥଲେଟିକ୍ସ ଷ୍ଟାଡିୟମର ପରିଦର୍ଶନ କରିଥିଲେ। ଏହିକ୍ରମରେ ପ୍ରତିନିଧିମଣ୍ଡଳୀ ୱାର୍ଲ୍ଡ ଆଥଲେଟିକ୍ସ ଉପ- ସଭାପତି ଆଦିଲ ସୁମରିୱାଲା, ଦୁଇ ଅଧିକାରୀ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ କ୍ରୀଡ଼ା ଅଧିକାରୀମାନଙ୍କୁ ଭେଟି ଷ୍ଟାଡିୟମର ଇଣ୍ଡୋର ସ୍ଥାନ ସହ ହୋଟେଲ ଓ ବିମାନ ବନ୍ଦର ଭଳି ଅନ୍ୟାନ୍ୟ ସୁବିଧା ସୁଯୋଗଗୁଡିକର ଯାଞ୍ଚ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ବେଶ ଭଲ ବୋଲି ସୁମରିୱାଲା କହିଛନ୍ତି। ୱାର୍ଲ୍ଡ ଆଥଲେଟିକ୍ସ ଅନୁଯାୟୀ ଫେବୃଆରୀ ୨୦ ହେଉଛି ବିଡ୍ ଦାଖଲ କରିବାର ଶେଷ ତାରିଖ। ସେହିପରି ଆଗାମୀ ମାର୍ଚ୍ଚରେ ୱାର୍ଲ୍ଡ ଆଥଲେଟିକ ପରିଷଦ ଦ୍ୱାରା ଆୟୋଜକ ସହର ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଭାରତ ବ୍ୟତୀତ କାଜାଖସ୍ତାନ ଓ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ବିଡ୍ ଦାଖଲରେ ଆଗରେ ରହିଛନ୍ତି। ଉଲ୍ଲେଖଥାଉ କି, କଳିଙ୍ଗ ଷ୍ଟାଡିୟମରେ ଦକ୍ଷିଣ ଏସିଆର ସର୍ବବୃହତ୍ ଇଣ୍ଡୋର ଆଥଲେଟିକ୍ସ ଏରିନା ରହିଛି। ଏହାକୁ ୱାର୍ଲ୍ଡ ଆଥଲେଟିକ୍ସ କାଟାଗୋରି-୧ର ମାନ୍ୟତା ପ୍ରଦାନ କରିଛି। ଏଠାରେ ମାର୍ଚ୍ଚ ୨୪ରୁ ୨୫ ମଧ୍ୟରେ ଜାତୀୟ ଇଣ୍ଡୋର ଚାମ୍ପିଅନସିପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି ଓ ୨୦୨୮ ଇଭେଣ୍ଟ ପାଇଁ ଏହି ଇଭେଣ୍ଟ ପରୀକ୍ଷା ସଦୃଶ ହେବ।

# ଆଜିଠୁ କିଟ୍‌ରେ ଓଡ଼ିଶା-ତାମିଲନାଡୁ ରଣଜୀ ଲଢ଼େଇ



କଟକ, ୨୧।୧ (ସମିସ): ରଣଜୀ ଟ୍ରଫିର ୬ଷ୍ଠ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହିକ୍ରମରେ ଘରୋଇ କିଟ୍ ଗ୍ରାଉଣ୍ଡରେ ଓଡ଼ିଶା ଦଳ ତାମିଲନାଡୁକୁ ଭେଟିବ। ଓଡ଼ିଶା ଏବଂ ତାମିଲନାଡୁ ଏଲିଟ ଗ୍ରୁପ-ଏ ଟେବଲର ଯଥାକ୍ରମେ ୬ଷ୍ଠ ଏବଂ ୭ମ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ତିଷ୍ଠି ରହିବା ନିମନ୍ତେ ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ହୋଇ ନଥିଲେ ସୁଦ୍ଧା ୨୫ବର୍ଷ ପରେ ଉଭୟ ଦଳ ବିଜୟ ଅପେକ୍ଷାରେ ରହିଛନ୍ତି। ୨୦୦୦ ମସିହାରୁ ଏଯାବତ୍ ଉଭୟ ୪ଥର ମୁହାଁମୁହିଁ ହୋଇଥିଲେ ସୁଦ୍ଧା ସମସ୍ତ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। କିଟ୍ ଗ୍ରାଉଣ୍ଡରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ବିଜୟ ଆଶା ନେଇ ପଡ଼ିଆକୁ ଓହ୍ଲାଇବ।

ନାରାୟଣ ଜଗଦୀଶନଙ୍କ ନେତୃତ୍ୱରେ ଗଠିତ ତାମିଲନାଡୁ ୫ଟି ମ୍ୟାଚ୍‌ରୁ ଗୋଟିଏ ବି ବିଜୟ ପଏଣ୍ଟ ହାସଲ କରି ପାରିନାହିଁ। ବାବା ଇନ୍ଦ୍ରଜିତ, ରଞ୍ଜନ ପଲ, ଆନ୍ଦ୍ରେ ସିଦ୍ଧାର୍ଥ ଦଳର ପ୍ରମୁଖ ବ୍ୟାଟର ଭାବେ ଚଳିତ ସିଜନରେ ଉଭା ହୋଇଛନ୍ତି। ଦୁଇଟି ଶତକୀୟ ପାଳି ବଳରେ ରଞ୍ଜନ ସର୍ବାଧିକ ୩୮୪ ରନ ସଂଗ୍ରହ କରିଛନ୍ତି। ସେହିପରି ବୋଲିଂ ଲାଇନଅପକୁ ନଜର ପକାଇଲେ ସାଇ କିଶୋରଙ୍କ ବ୍ୟତୀତ ଅନ୍ୟ କେହି ସଫଳ ସାବ୍ୟସ୍ତ ହୋଇ ପାରିନାହାନ୍ତି। ୪ଟି ମ୍ୟାଚ୍ ଖେଳିଥିବା ସାଇ କିଶୋରଙ୍କୁ ୧୪ଟି ୱିକେଟ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ନିମନ୍ତେ ଅଧିନାୟକ ଶୁଭ୍ରାଂଶୁ ଏବଂ ଓପନର ସ୍ୱସ୍ତିକ ସାମଲ ଉଭୟ ୩୯୩ ରନ ଲେଖାଏ ସଂଗ୍ରହ କରି ବ୍ୟାଟରମାନଙ୍କ ତାଲିକାରେ ଆଗରେ ରହିଛନ୍ତି। ଉଭୟଙ୍କ ନାମରେ ଗୋଟିଏ ଲେଖାଏ ଶତକୀୟ ପାଳି ରହିଛି। ନାଗାଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ଅନିଲ ପରିଡ଼ା ଶତକ ହାସଲ କରିବା ସହିତ ଦଳରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକଙ୍କ ଉପରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ନିର୍ଭର କରିବ। ୨୧୦ରନ ସଂଗ୍ରହ କରିବା ସହିତ ୧୨ଟି ୱିକେଟ ଅକ୍ତିଆର କରିଥିବା ଅଲରାଉଣ୍ଡର ଗୋବିନ୍ଦ ଓଡ଼ିଶା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

# ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ଜ୍ୱେରେଭ, ସାବାଲେଙ୍କା

### ଅଷ୍ଟ୍ରେଲିଆନ ଓପନ୍

ମେଲବୋର୍ଣ୍ଣ, ୨୧।୧ (ଏଜେନ୍ସି): ଟପ୍ ସିଡ୍ କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ଆଲ୍‌କାରାଜ ୭-୬ (୪), ୬-୩, ୬-୨ ସେଟ୍‌ରେ ଜର୍ମାନୀର ୟାନ୍ନିକ ହନଫମାନ୍ନଙ୍କୁ ପରାସ୍ତ କରିଥିଲେ। ସ୍ପାନିଶ ତାରକା ଆଲ୍‌କାରାଜ ୩ୟ ରାଉଣ୍ଡରେ ଫ୍ରାନ୍ସର କୋରେଣ୍ଟିନ ମୌଟେଟ୍‌ଙ୍କୁ ଭେଟିବେ। ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ମୌଟେଟ୍ ୩-୬, ୬-୧, ୬-୩, ୨-୦ରେ ଆମେରିକାର ମାଇକେଲ୍ ଝେଙ୍ଗ୍‌କୁ ହରାଇଥିଲେ। ସେହିଭଳି ଗତ ସଂସ୍କରଣର ଫାଇନାଲିଷ୍ଟ ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୩, ୪-୬, ୬-୩ ସେଟ୍‌ରେ ଫ୍ରାନ୍ସର ଆଲେକ୍ସଜାଣ୍ଡର ମୁଲରଙ୍କୁ ହରାଇ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉର, ୧୦ମ ସିଡ୍ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ଭିକ, ରୁଷିଆର ୧୧ତମ ସିଡ୍ ଡାନିଲ ମେଡଭେଡେଭ, ୧୩ତମ ସିଡ୍ ଆନ୍ଦ୍ରେ ରୁବଲେଭ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ବିଜୟ ଲାଭ କରିଥିଲେ।

ଅପରପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ତୃତୀୟ ସିଡ୍ ଆମେରିକାର କୋକୋ ଗଫ୍, ୧୨ତମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନା, ଚେକ ଗଣରାଜ୍ୟର କାରୋଲିନା ମୁଚୋଭା, ଇଟାଲୀର ୭ମ ସିଡ୍ ଯସ୍ମିନ ପାଓଲିନ, ୮ମ ସିଡ ରୁଷିଆର ମାରିଆ ଆନ୍ଦ୍ରିଭା ନିଜ ନିଜ ମୁକାବିଲାରେ ବିଜୟୀ ହୋଇ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ତେବେ ବ୍ରିଟେନର ଇମା ରାଡୁକାନୁ ୨ୟ ରାଉଣ୍ଡରେ ହାରି ନିରାଶ କରିଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ଭାମ୍ବ୍ରୀ

ଭାରତର ୟୁକି ଭାମ୍ବ୍ରୀ ପୁରୁଷ ଡବଲ୍ସର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସ୍ୱିଡେନର ଆନ୍ଦ୍ରେ ଗୋରାନସନଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରୀ ୬-୩, ୬-୪ ସେଟ୍‌ରେ ଘରୋଇ ଅଷ୍ଟ୍ରେଲିଆର ଜେମ୍ସ ଡକଓ୍ୱର୍ଥ ଓ କ୍ରୁଜ ହେୱିଟ୍ଟ ଯୋଡ଼ିଙ୍କୁ ପରାସ୍ତ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS